୬ ▶ ୫ ଓ୍ୱିକେଟ ହାସଲ କରି ବିଶ୍ୱ ରେକର୍ଡ ଭାଙ୍ଗିଲେ କୁଲଦୀପ ଯାଦବ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୨୫୫ ● ୧୩ ଅକ୍ଟୋବର ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-255 ● 13th October 2025, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ଆର୍ଯ୍ୟ ସମାଜର ୧୫୦ ତମ ପ୍ରତିଷ୍ଠା ଦିବସ ସମାରୋହ

# ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଭାରତ ବର୍ଷରେ ନୂତନ ଜାଗରଣ ସୃଷ୍ଟି କରିଥିଲେ



**ଭୁବନେଶ୍ୱର, ୧୨।୧୦**
**ନ୍ୟୁଜ୍ ବ୍ୟୁରୋ**

ଯେତେବେଳେ ଭାରତ ବିଦେଶୀ ଶାସନ ଅଧିନରେ ସଂଘର୍ଷ କରୁଥିଲା, ସେହି ସମୟରେ ୧୮୭୫ ମସିହାରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରତିଷ୍ଠିତ ଆର୍ଯ୍ୟ ସମାଜ ପରାଧୀନ ଭାରତ ବର୍ଷରେ ଅଜ୍ଞତାର ଅନ୍ଧକାର ଓ ଅସାମାନତା ମଧ୍ୟରେ ଆଲୋକର ସୂର୍ଯ୍ୟ ପରି ଉଦୟ ହୋଇଥିଲା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ଆର୍ଯ୍ୟ ସମାଜର ୧୫୦ ତମ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ସ୍ଥିତ ରେଳ ଅଡିଟୋରିୟମ୍ ଠାରେ ଆୟୋଜିତ ଆର୍ଯ୍ୟ ମହା ସମ୍ମେଳନ–୨୦୨୫ (ପୃଷ୍ଠା ୭ରେ)

## ବିହାର ପାଇଁ ଏନଡିଏର ଆସନ ବୁଝାମଣା

# ୧୦୧ଟି ଲେଖାଏଁ ଆସନରେ ଲଢ଼ିବେ ବିଜେପି-ଜେଡିୟୁ



**ନୂଆଦିଲ୍ଲୀ, ୧୨।୧୦**

ବିହାର ବିଧାନସଭା ନିର୍ବାଚନ ପାଇଁ ଏନଡିଏ ମଧ୍ୟରେ ଆସନ ବଣ୍ଟନ ଚୂଡ଼ାନ୍ତ ହୋଇଛି । ବିଜେପି ଏବଂ ଜେଡିୟୁ ପ୍ରତ୍ୟେକ ୧୦୧ଟି ଲେଖାଏଁ ଆସନରେ ଲଢ଼ିବେ, ଯେତେବେଳେ କି ଚିରାଗ ପାସୱାନଙ୍କ ଦଳକୁ ୨୯ ଆସନ ଦିଆଯାଇଛି । ଜିତନ ରାମ ମାଞ୍ଝିଙ୍କ ଦଳକୁ ୬ ଆସନ ଦିଆଯାଇଛି ।

ବିଜେପି ବିହାର ପ୍ରଭାରୀ ବିନୋଦ ତାୱ୍ଡେ କହିଛନ୍ତି ଯେ ଏନଡିଏ ପରିବାରର ସମସ୍ତ ସଦସ୍ୟ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବରେ ସହମତ ହୋଇଛନ୍ତି ଏବଂ ଆଗାମୀ ବିହାର ବିଧାନସଭା ନିର୍ବାଚନ ପାଇଁ ଆସନ ବଣ୍ଟନ ଉପରେ ସହମତ ହୋଇଛନ୍ତି । ସେହିପରି ବିହାର ବିଜେପି ସଭାପତି (ପୃଷ୍ଠା ୭ରେ)

# ସଂଘୀୟ ବ୍ୟବସ୍ଥାରେ କ୍ଷମତାର ବିକେନ୍ଦ୍ରୀକରଣ ଖୁବ୍ ଗୁରୁତ୍ୱପୂର୍ଣ୍ଣ : ବାଚସ୍ପତି

**ଭୁବନେଶ୍ୱର, ୧୨।୧୦**
**ନ୍ୟୁଜ୍ ବ୍ୟୁରୋ**

ବାଚସ୍ପତି ସୁରମା ପାଢ଼ୀ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ଓ ରାଜ୍ୟଗୋଷ୍ଠୀ ମହିଳା ସମ୍ମିଳନୀରେ ଯୋଗଦେବା ପାଇଁ ବାର୍ବାଡୋସ୍ ଗସ୍ତରେ ଯାଇଥିବାବେଳେ ବ୍ରିଜ୍‌ଟାଉନ୍‌ଠାରେ 'ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ସ୍ୱାସ୍ଥ୍ୟ ଉପରେ ଏହାର କୁପ୍ରଭାବ ଦୀର୍ଘସ୍ଥାୟୀ ସମାଧାନର ପନ୍ଥା ନିର୍ଦ୍ଧାରଣ' ଓ 'ଜାତୀୟ ସଂସଦ ବନାମ ପ୍ରାଦେଶିକ, ଆଞ୍ଚଳିକ ଓ ବିକଶିତ ବିଧାନସଭା କ୍ଷମତା ପୃଥକୀକରଣକୁ ସୁରକ୍ଷା ଓ ସଂରକ୍ଷଣ' ଶୀର୍ଷକ ଆଲୋଚନାରେ ନିଜର ଅଭିଭାଷଣ ଉପସ୍ଥାପନ କରି କହିଲେ ଯେ ଜଳବାୟୁ ପରିବର୍ତ୍ତନ ଓ ଏହାର ଦୀର୍ଘସ୍ଥାୟୀ କୁପ୍ରଭାବ ଆଜି ସମଗ୍ର ବିଶ୍ୱ ପାଇଁ ଏକ ଆହ୍ୱାନ ଓ ବଡ଼ ଚିନ୍ତାର କାରଣ । ଏଥି ପ୍ରତି ସଚେତନ ହୋଇ ଯଦି ଏହାର ସମାଧାନର ପନ୍ଥା ନିର୍ଦ୍ଧାରଣ କରା ନଯାଏ ତେବେ ଆଗାମୀ ଦିନରେ ଆମକୁ ଏହାର ଭୟଙ୍କର ପରିଣତି ଭୋଗିବାକୁ ପଡ଼ିବ । ଅସମୟରେ ବାତ୍ୟା, ବନ୍ୟା ଓ ଗ୍ରୀଷ୍ମପ୍ରବାହ ଏବେ ସବୁଠାରେ ଦେଖିବାକୁ ମିଳୁଛି । ଏଥିରେ ପରିବେଶ ସନ୍ତୁଳନ ବିଗିଡ଼ିବା ସହ ଜନଜୀବନହାନୀ ଘଟୁଛି । ଏଭଳି ପ୍ରାକୃତିକ ବିପର୍ଯ୍ୟୟରୁ ବର୍ତ୍ତିବା ପାଇଁ ଆମକୁ ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ ।

ଓଡ଼ିଶାରେ ୧୯୯୯ ମହାବାତ୍ୟାରେ ୧୦ ହଜାରରୁ ଊର୍ଦ୍ଧ୍ୱ ଜୀବନହାନୀ ହେବା ସହ ଏହାର ଦୀର୍ଘସ୍ଥାୟୀ କୁପ୍ରଭାବ ଦୀର୍ଘଦିନ ଧରି ଅନୁଭୂତ ହୋଇଥିଲା । (ପୃଷ୍ଠା ୭ରେ)

## ୩ ଲ୍ୟାଣ୍ଡମାଇନ ନିଷ୍କ୍ରିୟ କଲେ ଯବାନ

**ମାଲକାନଗିରି, ୧୨।୧୦**
**ନ୍ୟୁଜ୍ ବ୍ୟୁରୋ**

ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ନକ୍ସଲ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ଜଙ୍ଗଲରେ ଖଞ୍ଜିଥିବା ୩ଟି ଲ୍ୟାଣ୍ଡମାଇନକୁ ଅତି ସତର୍କତାର ସହ ନିଷ୍କ୍ରିୟ କରିଛନ୍ତି । ରବିବାର ସକାଳେ ଏସଟିଏଫ ଯବାନ ଜିଲ୍ଲାର କୋକାମେଟା ଥାନା ଅନ୍ତର୍ଗତ କୋଡଲି ଏବଂ ବିଚପାଡା ନିକଟସ୍ଥ ଜଙ୍ଗଲରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ଜଙ୍ଗଲ ମଝିରେ ପ୍ରେସର କୁକରରେ ଖଞ୍ଜାଯାଇଥିବା ତିନୋଟି ଲ୍ୟାଣ୍ଡମାଇନକୁ ଉଦ୍ଧାର କରିଥିଲେ । ତୁରନ୍ତ ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ବୋମାଗୁଡିକକୁ ଅତି ସତର୍କତାର ସହ ନିଷ୍କ୍ରିୟ କରିଥିଲେ ।

ଫଳରେ ଏହି ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଘଟିବାକୁ ଥିବା ଜୀବନହାନୀକୁ ରୋକାଯାଇପାରିଛି । ଏହାଛଡା ଯବାନମାନଙ୍କ ପକ୍ଷରୁ ଉକ୍ତ ଜଙ୍ଗଲରେ କମ୍ବିଂ ଅପରେସନକୁ ଅଧିକ ତ୍ୱରାନ୍ୱିତ କରାଯାଇଛି ।

# ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ: ୩ ଗିରଫ

**ଜଳେଶ୍ୱର, ୧୨।୧୦**
**ନ୍ୟୁଜ୍ ବ୍ୟୁରୋ**

ପଶ୍ଚିମ ବଙ୍ଗରେ ଓଡ଼ିଆ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ଦୁର୍ଗାପୁର ଥାନା ପୁଲିସ୍ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅନ୍ୟ ଦୁଇ ଅଭିଯୁକ୍ତ ଫେରାର୍ ଥିବା ସୂଚନା ମିଳିଛି । ସୂଚନା ମୁତାବକ ଶୁକ୍ରବାର ଅପରାହ୍ନରେ ପଶ୍ଚିମବଙ୍ଗ ଦୁର୍ଗାପୁରର ଏକ ଘରୋଇ ମେଡିକାଲ କଲେଜର ଜଣେ ଦ୍ୱିତୀୟ ବର୍ଷର ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଥିଲା । ସଂପୃକ୍ତ ଛାତ୍ରୀଙ୍କ ଘର ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳରେ । ସଂପୃକ୍ତ ଛାତ୍ରୀ ପଶ୍ଚିମବଙ୍ଗ ବର୍ଦ୍ଧମାନ ଜିଲ୍ଲାର ଦୁର୍ଗାପୁରସ୍ଥିତ ଆଇକ୍ୟୁ ସିଟି ନାମକ ଘରୋଇ ମେଡିକାଲ କଲେଜରେ ଅଧ୍ୟୟନ କରୁଛନ୍ତି । ଛାତ୍ରୀ ଜଣକ ଶୁକ୍ରବାର ରାତି ୯ଟାରେ ତାଙ୍କର ଜଣେ ପୁରୁଷ ବନ୍ଧୁ ଓ୍ୱସିଫ ଅଲ୍ଲୀଙ୍କ ସହ କ୍ୟାମ୍ପସ ବାହାରକୁ ଆସିଥିଲେ । ସେଠାରେ ଥିବା କେତେକ ଯୁବକ ଛାତ୍ରୀଙ୍କୁ କଲେଜ ପଛ ପଟେ ଥିବା ଏକ ନିର୍ଜନ (ପୃଷ୍ଠା ୭ରେ)

# ଚୀନ୍ ଉପରେ ଆମେରିକାର ଅତିରିକ୍ତ ୧୦୦% ଶୁଳ୍କ



**ନୂଆଦିଲ୍ଲୀ, ୧୨।୧୦**

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ମୂଲ୍ୟବାନ ବିରଳ ଖଣିଜ ପଦାର୍ଥ ପାଇଁ ବେଜିଂ ପକ୍ଷରୁ କରାଯାଇଥିବା ନୂତନ ରପ୍ତାନି ନିୟନ୍ତ୍ରଣର ପ୍ରତିଶୋଧ ସ୍ୱରୂପ ଆମେରିକା ଆସନ୍ତା ନଭେମ୍ବର ମାସରୁ ଚୀନରୁ ଆମଦାନୀ ଉପରେ ଅତିରିକ୍ତ ୧୦୦% ଶୁଳ୍କ ଲାଗୁ କରିବ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ଅତିରିକ୍ତ ଶୁଳ୍କ ନଭେମ୍ବର ୧ ତାରିଖରୁ କାର୍ଯ୍ୟକାରୀ ହେବ । ଏଥିସହିତ ଆମେରିକା ପ୍ରଶାସନ ସେହି ତାରିଖରୁ ଗୁରୁତ୍ୱପୂର୍ଣ୍ଣ ସଫ୍ଟଓ୍ୱେର ଉପରେ ନିଜସ୍ୱ ରପ୍ତାନି ନିୟନ୍ତ୍ରଣ ମଧ୍ୟ ଲାଗୁ କରିବ । ବର୍ତ୍ତମାନ ଚୀନରୁ ଆସୁଥିବା ସାମଗ୍ରୀ ଉପରେ ଆମେରିକା ଏହି ୧୦୦% ଶୁଳ୍କ ଲାଗୁ କଲେ ପୂର୍ବର ୩୦% ଶୁଳ୍କ ସହ ମୋଟ ଶୁଳ୍କ ହାର ୧୩୦% ହେବ । ଅନ୍ୟପକ୍ଷରେ ଶ୍ରୀ ଟ୍ରମ୍ପ କହିଛନ୍ତି, ଯଦି ଚୀନ୍ ଏହାର ରପ୍ତାନି ନିୟନ୍ତ୍ରଣକୁ ପ୍ରତ୍ୟାହାର କରେ ତେବେ ସେ ଶୁଳ୍କ ପ୍ରତ୍ୟାହାର କରିପାରିବେ । ପୂର୍ବରୁ ଏକ ପୋଷ୍ଟରେ ରାଷ୍ଟ୍ରପତି ଟ୍ରମ୍ପ ଏହି ସପ୍ତାହରେ ବେଜିଂର ବିରଳ ଖଣିଜ ପଦାର୍ଥ ରପ୍ତାନି ପାଇଁ ନିୟମ କଠୋର କରିବା ନୀତିକୁ ସମାଲୋଚନା କରି କହିଥିଲେ, (ପୃଷ୍ଠା ୭ରେ)

## ଏକାଳ ପଖାଳ



କେଡେ ଲଜ୍ଜା ଭରା କାଣ୍ଡ ବଙ୍ଗରେ
ହେଲେ ଏ ଗାଲେଇ ଦିଦି
ଅବାନ୍ତର ଯୁକ୍ତି କରନ୍ତି ସିଏ
ମୁଣ୍ଡେ ତାଙ୍କ ଦୁରୁବୁଦ୍ଧି
ନାରୀ ଦୁଃଖ ବୁଝ ଯଦି
ଏଭଳି ହାଲୁକା ଭାବେ ନିଅନ୍ତି ନି
ଯାବୁଡି ନଥାନ୍ତି ଗାଦି


## ଅସ୍ଥାୟୀ ବିଚାରପତି ନିଯୁକ୍ତି

# ସୁପ୍ରିମକୋର୍ଟ ଦେଇଥିଲେ ମଞ୍ଜୁରୀ, ହାଇକୋର୍ଟ ପଠାଇଲେନି ନାମ

**ନୂଆଦିଲ୍ଲୀ, ୧୨।୧୦**

ସୁପ୍ରିମକୋର୍ଟ ଜାନୁଆରୀ ମାସରେ, ଲକ୍ଷ ଲକ୍ଷ ଫୌଜଦାରୀ ମାମଲା ସମାଧାନ ପାଇଁ ଅସ୍ଥାୟୀ ବିଚାରପତିଙ୍କ ନିଯୁକ୍ତି ପାଇଁ ପଥ ପରିଷ୍କାର କରିଥିଲେ, କିନ୍ତୁ ହାଇକୋର୍ଟଗୁଡ଼ିକ ଏପର୍ଯ୍ୟନ୍ତ କୌଣସି ନାମ ସୁପାରିଶ କରିନାହାଁନ୍ତି । ପ୍ରାୟ ନଅ ମାସ ବିତିଗଲାଣି, କିନ୍ତୁ ହାଇକୋର୍ଟଗୁଡ଼ିକ ଦ୍ୱାରା ଏ ସମ୍ପର୍କରେ କୌଣସି ପଦକ୍ଷେପ ନିଆଯାଇନାହିଁ ।

ସୁପ୍ରିମକୋର୍ଟ ଏବଂ ହାଇକୋର୍ଟଗୁଡ଼ିକରେ ବିଚାରପତି ନିଯୁକ୍ତି ପ୍ରକ୍ରିୟାରେ ଜଡିତ ଲୋକଙ୍କ ଅନୁଯାୟୀ, ଅକ୍ଟୋବର ୧୧ ସୁଦ୍ଧା ଦେଶର ୨୫ଟି ହାଇକୋର୍ଟ ମଧ୍ୟରୁ କୌଣସିଟି ଅସ୍ଥାୟୀ ବିଚାରପତିଙ୍କ ନିଯୁକ୍ତି ପାଇଁ କୌଣସି ନାମ ସୁପାରିଶ କରି ନଥିଲେ । କେନ୍ଦ୍ର ଆଇନ ମନ୍ତ୍ରଣାଳୟ ମଧ୍ୟ ଏ ସମ୍ପର୍କରେ କୌଣସି ହାଇକୋର୍ଟ କଲେଜିୟମରୁ କୌଣସି ସୁପାରିଶ ପାଇନାହିଁ । ଜାନୁଆରୀ ୩୦ ତାରିଖରେ (ପୃଷ୍ଠା ୭ରେ)



# ଓଡ଼ିଶାରେ ବର୍ଷା ପରେ ଆସୁଛି ଅସମ୍ଭାଳ ଶୀତ




**ଭୁବନେଶ୍ୱର, ୧୨।୧୦ : ନ୍ୟୁଜ୍ ବ୍ୟୁରୋ**

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଓ ତେଲେଙ୍ଗାନାର କିଛି ଅଞ୍ଚଳରୁ ଆଗାମୀ ୨୪ ଘଣ୍ଟା ଭିତରେ ଫେରିଯିବାର ଅନୁକୂଳ ପରିସ୍ଥିତି ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡ଼ି) ରବିବାର ଜଣାଇଛି । ଅକ୍ଟୋବର ଆରମ୍ଭରେ ଡିପ୍ରେସନ୍ ପ୍ରଭାବରେ ପ୍ରବଳ ବର୍ଷା ଯୋଗୁଁ ଏଥର ମୌସୁମୀ ସାଧାରଣଠାରୁ ଅଧିକ ଦିନ ରହିଛି । ଜୁନ୍ ମାସରୁ ବଙ୍ଗୋପସାଗରରେ ସାଧାରଣ ୧୨-୧୪ଟି ଲଘୁଚାପ ପରିବର୍ତ୍ତେ ଏଥର ୧୬ଟି ହୋଇଥିଲା ।

ଆଇଏମଡି ଅନୁଯାୟୀ ମାଲକାନଗିରି, ଗଞ୍ଜାମ ଓ ଗଜପତି ଜିଲ୍ଲାର ଗୋଟିଏ-ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସହ ଘଡ଼ଘଡ଼ି, ବିଜୁଳି ଓ ଘଣ୍ଟାପ୍ରତି ୩୦-୪୦ କିମି ବେଗରେ ପବନ ବହିପାରେ । ପୁରୀ, ଖୋର୍ଦ୍ଧା, ନୟାଗଡ଼, ରାୟଗଡ଼ା, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରେ ଘଡ଼ଘଡ଼ି ସହ ବିଜୁଳି ଓ ପବନ ହୋଇପାରେ ।ଅକ୍ଟୋବର ୧୩ରେ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, (ପୃଷ୍ଠା ୭ରେ)

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୩ଅକ୍ଟୋବର୨୦୨୫ ସୋମବାର





# ପୁନରୁଦ୍ଧାର ହେବ ଅର୍ବାନହାଟ: ଅନୁଧ୍ୟାନ କଲେ ଆରଡିସି

**କୋଣାର୍କ, ନ୍ୟୁଜ ବ୍ୟୁରୋ**
ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ କୋଣାର୍କ ଅର୍ବାନହାଟକୁ ନୂତନ ରୂପରେଖ ଦେବା ଲକ୍ଷ୍ୟ ନେଇ କେନ୍ଦ୍ରାଞ୍ଚଳ ରାଜସ୍ୱ ଅଧିକାରୀ ଗୋହା ପୁନମ ତାପସ କୁମାର କୋଣାର୍କ ରିଙ୍ଗରୋଡ୍‌ରେ ଥିବା ଅର୍ବାନହାଟରେ ପହଁଚି ଏହାର ସ୍ଥିତି ଅନୁଧ୍ୟାନ କରିଛନ୍ତି । ଏହାକୁ ସବୁଦିନ ପାଇଁ ଚଳଚଞ୍ଚଳ ରଖିବା ପାଇଁ ଏହାର ପୁନରୁଦ୍ଧାର କରାଯାଇ ପର୍ଯ୍ୟଟକଙ୍କ ନିମନ୍ତେ ସମସ୍ତ ସୁବିଧାର ବ୍ୟବସ୍ଥା କରିବାପାଇଁ ସେ ଅର୍ବାନହାଟ ପରିସରରେ ବୁଲି ଟିକିନିଖି ଦେଖିଥିଲେ । ଶ୍ରୀମତୀ ପୁନମଙ୍କ ସାଥିରେ ସିଡାକର ସଚିବ ସୁବ୍ରତ କୁମାର ବେହେରା, ଉପଜିଲ୍ଲାପାଳ ରାଜକିଶୋର ଜେନା, ହସ୍ତଶିଳ୍ପ ଉପନିର୍ଦ୍ଦେଶକ ବିଷ୍ଣୁପଦ ମରାଣ୍ଡି, ହସ୍ତଶିଳ୍ପ ବିକାଶ ଅଧିକାରୀଣୀ ଇପ୍‌ସିତା ପ୍ରଧାନ, କୋଣାର୍କ ଅର୍ବାନହାଟ ପରିଚାଳକ ପ୍ରଦୀପ କୁମାର ମିଶ୍ର, ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ, ଗୋପ ତହସିଲଦାର ଅନିଲ କୁମାର ମହାନ୍ତି, କୋଣାର୍କ ରାଜସ୍ୱ ନିରୀକ୍ଷକ କୁଅଁର ମୁର୍ମୁ ପ୍ରମୁଖ ସମସ୍ତ ଦିଗ ଉପରେ ସବିଶେଷ ଆଲୋଚନା କରିଥିଲେ । ପର୍ଯ୍ୟଟକମାନଙ୍କୁ ବାନ୍ଧି ରଖିବା ପାଇଁ ଅର୍ବାନହାଟ ମଧ୍ୟରେ ଅଚଳ ହୋଇ ପଡ଼ିରହି ଥିବା ୱାଟର ଫାଉଣ୍ଟେନକୁ ତୁରନ୍ତ ସଚଳ କରାଯିବାକୁ ନିଷ୍ପତ୍ତି ହୋଇଥିଲା । ସ୍ୱତନ୍ତ୍ର ଚେୟାରର ବ୍ୟବସ୍ଥା କରାଯିବା ସହ ଅର୍ବାନହାଟ ମଧ୍ୟରେ ଥିବା ୪୫ଟି ଗୃହ ମଧ୍ୟରୁ ୫ଗୋଟି ହସ୍ତଶିଳ୍ପ ପ୍ରଶିକ୍ଷଣ କେନ୍ଦ୍ର ପାଇଁ ସଂରକ୍ଷିତ ରଖି ୨୦ଟି ଗୃହକୁ ବିଭିନ୍ନ ହସ୍ତଶିଳ୍ପ ଦୋକାନ ପାଇଁ ଦିଆଯିବ । ଅବଶିଷ୍ଟ ୨୦ଟି ଗୃହକୁ ସ୍ୱତନ୍ତ୍ର ଫୁଡ୍‌କୋର୍ଟରେ ପରିଣତ କରାଯାଇ ଉପର ମହଲାରେ ଏକ ଶୀତତାପ ନିୟନ୍ତ୍ରିତ ରେଷ୍ଟୁରାଣ୍ଟର ବ୍ୟବସ୍ଥା କରାଯିବ । ଅନ୍ତର୍ଜାତୀୟ ମାନର ଖାଦ୍ୟ ପରିବେଷଣ କରିବା ପାଇଁ ହୋଟେଲଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ । ପର୍ଯ୍ୟଟକଙ୍କ ଜରୁରୀ ଆବଶ୍ୟକତା ଥିବା ଏଟିଏମ କାଉଣ୍ଟର ଗୃହ ଅର୍ବାନହାଟ ସମ୍ମୁଖରେ ନିର୍ମାଣ କରି ତୁରନ୍ତ ଖୋଲିବାକୁ ଆରଡ଼ିସି ପରାମର୍ଶ ଦେଇଥିଲେ । ଅର୍ବାନହାଟ ହାଟ ପରିସରରେ ସ୍ୱତନ୍ତ୍ର ଟେରାକୋଟା ଖଚିତ ଛତା ଓ ଚେୟାର ପଡିବା ସହ ଅର୍ବାନହାଟ ସମସ୍ତ ଗୃହକୁ ରଙ୍ଗ ଦେଇ ସ୍ୱତନ୍ତ୍ର ରୂପରେ ସଜ୍ଜିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

# ରାଜ୍ୟରେ ଗତ ବର୍ଷ ୧୨୪୩ ଦୁଷ୍କର୍ମର ଶିକାର : ହତ୍ୟାରେ ମୟୂରଭଞ୍ଜ ଆଗରେ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରାଜ୍ୟରେ ବଢ଼ିବାରେ ଲାଗିଛି ଅପରାଧ, ବଢ଼ିଚାଲିଛି ଦୁଷ୍କର୍ମ ମାମଲା । ଦୈନିକ ଖବରକାଗଜ ପଢ଼ିବା ମାତ୍ରେ, ଦୁଷ୍କର୍ମ ଖବର ଲେଖାଥିବାଟା ଥୟ । ସନ୍ଧ୍ୟା ହେବା ମାତ୍ରେ, ଘରୁ ବାହାରକୁ ଯିବାକୁ ଡରୁଛନ୍ତି ମହିଳା । ଦକ୍ଷତା ସତ୍ତ୍ୱେ ବି ଫେଲ୍ ମାରୁଛି ପୋଲିସ । ଗତ ବର୍ଷରେ ରାଜ୍ୟରେ ଘଟିଥିବା ଅପରାଧରୁ ଏହା ଜଳଜଳ ଦେଖାଯାଉଛି । ଓଡ଼ିଶା ପୁଲିସ୍ ରିପୋର୍ଟ କହୁଛି, ଏହି ଅବଧିରେ ୧୨୪୩ ଜଣ (ମହିଳା, ଯୁବତୀ ଓ ନାବାଳିକା) ଦୁଷ୍କର୍ମର ଶିକାର ହୋଇଛନ୍ତି । ଗତ ବର୍ଷରେ ୫୫୬ ହତ୍ୟାକାଣ୍ଡ ଘଟିଛି । ଦୁଷ୍କର୍ମରେ ପ୍ରଥମରେ ରହିଛି ମୟୂରଭଞ୍ଜ ଜିଲ୍ଲା । ଏହି ଜିଲ୍ଲାରେ ସର୍ବାଧିକ ୯୬ ଜଣ ଦୁଷ୍କର୍ମର ଶିକାର ହୋଇଛନ୍ତି । ଦ୍ୱିତୀୟରେ ରହିଛି ଗଞ୍ଜାମ । ସେଠାରେ ୮୦ ଜଣ ବଳାତ୍କାରର ଶିକାର ହୋଇଛନ୍ତି । ତା' ପଛକୁ ତୃତୀୟରେ ଯାଜପୁରରେ ୬୦, ଚତୁର୍ଥରେ ରହିଛି ଭୁବନେଶ୍ୱର ୟୁପିଡି । ଭୁବନେଶ୍ୱରରେ ୫୫ ଜଣ ଦୁଷ୍କର୍ମର ଶିକାର ହୋଇଛନ୍ତି । ହତ୍ୟା ମାମଲାରେ ବି ପ୍ରଥମ ସ୍ଥାନରେ ରହିଛି ମୟୂରଭଞ୍ଜ । ଏହି ଜିଲ୍ଲାରେ ମୋଟ୍ ୫୨ଟି ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି । ସେହିଭଳି ଦ୍ୱିତୀୟ ସ୍ଥାନରେ ଥିବା ଗଞ୍ଜାମ ପୁଲିସ୍ ଜିଲ୍ଲାରେ ୪୨ । ୩୩ଟି ହତ୍ୟାକାଣ୍ଡ ଘଟି କେନ୍ଦୁଝର ତୃତୀୟ ସ୍ଥାନରେ ରହିଛି । କଟକ ଗ୍ରାମାଞ୍ଚଳ ପୁଲିସ୍ ଜିଲ୍ଲାରେ ୩୦ଟି ହତ୍ୟାକାଣ୍ଡ ହୋଇଛି । ଚୋରି, ଲୁଟ୍ ଓ ଛିନତାଇରେ ପ୍ରଥମରେ ରହିଛି କମିଶନରେଟ୍ ପୁଲିସ୍ ଭୁବନେଶ୍ୱର ୟୁପିଡି । ଏଠାରେ ଅନ୍ୟ ଜିଲ୍ଲା ପୁଲିସଠାରୁ ଢେର ଅଧିକ ଘଟଣା ଘଟଛି । ଗତ ବର୍ଷରେ ମୟୂରଭଞ୍ଜ ଦ୍ୱିତୀୟ ୧୩୯ ଓ ଭଦ୍ରକ ତୃତୀୟ ୧୩୬ଟି ଛିନ୍‌ତାଇ ମାମଲା ରୁଜୁ ହୋଇଛି । ରାଜ୍ୟରେ ଗତବର୍ଷରେ ୧୩୯୯ ଲୁଟ୍ ମାମଲା ରୁଜୁ ହୋଇଥିଲା । ସେଥିରୁ ଭୁବନେଶ୍ୱରରେ ୟୁପିଡି ପ୍ରଥମ ସ୍ଥାନରେ ରହିଛି । ଏଠାରେ ରୁଜୁ ହୋଇଛି ୨୯୦ଟି ମାମଲା । ଦ୍ୱିତୀୟ ସ୍ଥାନ ପୁରୀରେ ୮୫ ଟି ମାମଲା ଓ ତୃତୀୟ ସ୍ଥାନରେ ଥିବା ସମ୍ବଲପୁରରେ ୬୨ଟି ମାମଲା । ରାଜ୍ୟର ସବୁ ଜିଲ୍ଲାରେ ୨ଅଙ୍କ ଭିତରେ ଲୁଟ୍ ମାମଲା ଥିବାବେଳେ ଭୁବନେଶ୍ୱର ୩ ଅଙ୍କ ପାର୍ କରିଛି । ଯଦି ଆମେ କମିଶନରେଟ୍ ପୁଲିସ୍ କଟକ କଥା ଦେଖିବା ତେବେ ସେଠାରେ ୪୪ ଟି ଲୁଟ୍ ମାମଲା ରୁଜୁ ହୋଇଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି । ଚୋରିରେ ବି ରେକର୍ଡ ଭାଙ୍ଗିଛି ଭୁବନେଶ୍ୱର ୟୁପିଡି । ଗତ ବର୍ଷ ଭିତରେ ୧୨୩୧ଟି ଚୋରି ହୋଇଥିବା ବିଭିନ୍ନ ଥାନାରେ ମାମଲା ରୁଜୁ ହୋଇଛି । ଦ୍ୱିତୀୟ ସ୍ଥାନରେ ରହିଛି ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲା । ଏହି ୨ଟି ଜିଲ୍ଲାରେ ୪୫୦ରୁ ଅଧିକ ଚୋରି ମାମଲା ରୁଜୁ ହୋଇଛି । ତୃତୀୟ ସ୍ଥାନରେ ରହିଛି କଟକ ୟୁପିଡି । କଟକରେ ୩୩୩ ଚୋରି ମାମଲା ରୁଜୁ ହେଇଛି । ଭୁବନେଶ୍ୱର ଓ ଏହାର ଉପକଣ୍ଠରେ ଥିବା ଆପାର୍ଟମେଣ୍ଟରୁ ଚୋରି ମାମଲା ଦେଖିଲେ ପୁଲିସ୍‌ର ଅପାରଗତା ଜଳଜଳ ଦେଖାଯାଉଛି । କମିଶନରେଟ୍ ପୁଲିସ୍‌ର ରିପୋର୍ଟ କହୁଛି, ଗତ ୯ ମାସରେ ୬୫ଟି ଆପାର୍ଟମେଣ୍ଟର ଚୋରି ହୋଇଥିବା ବିଭିନ୍ନ ଥାନାରେ ଅଭିଯୋଗ ହୋଇଛି । ପୁଲିସ୍ ମାମଲା ରୁଜୁ କରି ୨୯ ଜଣ ସିନ୍ଧିଚୋରଙ୍କୁ ଗିରଫ କରିଛି । ହେଲେ ସେମାନଙ୍କଠାରୁ ସମ୍ପତ୍ତି ଜବତ କରିବାରେ ଫେଲ୍ ମାରିଛି ପୁଲିସ୍ ।

## ପୂର୍ବତଟ ରେଳପଥ ପକ୍ଷରୁ ବିଶ୍ୱ ମଧୁମେହ ଦିବସ ପାଳନ

# ସୁସ୍ଥ ଖାଦ୍ୟ ପ୍ରଦର୍ଶନୀ, ୱାକାଥନ୍ ଏବଂ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ମଧୁମେହ ନିରାକରଣ, ସୁସ୍ଥ ଖାଦ୍ୟ ଏବଂ ଜୀବନଶୈଳୀରେ ପରିବର୍ତ୍ତନ ବିଷୟରେ ସଚେତନତା ଉପରେ ଧ୍ୟାନ ଦେଇ ପୂର୍ବତଟ ରେଳପଥ ବିଶ୍ୱ ମଧୁମେହ ଦିବସ ପାଳନ ଅବସରରେ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରିଛି । ଭୁବନେଶ୍ୱରର ରେଳବାଇ କେନ୍ଦ୍ରୀୟ ହସ୍ପିଟାଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକ ସୁସ୍ଥ ଖାଦ୍ୟ ପ୍ରଦର୍ଶନୀ, ୱାକାଥନ୍ ସହ ବ୍ୟାପକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା ।



ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ରେଳବାଇର ବରିଷ୍ଠ ଅଧିକାରୀ, ସ୍ୱାସ୍ଥ୍ୟ ସେବା ଅଧିକାରୀ ତଥା ରେଳବାଇ କେନ୍ଦ୍ରୀୟ ହସ୍ପିଟାଲର କର୍ମଚାରୀଙ୍କ ଉପସ୍ଥିତିରେ ସୁସ୍ଥ ଖାଦ୍ୟ ପ୍ରଦର୍ଶନୀକୁ ଉଦ୍ଘାଟନ କରିଥିଲେ । ରେଳପଥର ପ୍ରମୁଖ ଚିକିତ୍ସା ନିର୍ଦ୍ଦେଶକ ଡ଼ ସୁଶୀଲ କୁମାର ବେହେରା ଏହି ପ୍ରଦର୍ଶନୀରେ ମଧୁମେହ ବ୍ୟକ୍ତିବିଶେଷଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ଏବଂ ଖାଦ୍ୟ ଯୋଜନା ବିଷୟରେ ମୂଲ୍ୟବାନ ସୂଚନା ପ୍ରଦାନ କରାଯାଇଥିଲା ।
ଉଦ୍ଘାଟନୀ ଉତ୍ସବରେ ଶ୍ରୀ ଫୁଙ୍କୱାଲ ମଧୁମେହର ଶୀଘ୍ର ଚିହ୍ନଟ ଏବଂ ପ୍ରତିରୋଧର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ସମସ୍ତଙ୍କୁ ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବାକୁ ଏବଂ ନିୟମିତ ଭାବରେ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖିବାକୁ ଉତ୍ସାହିତ କରିଥିଲେ, ବିଶେଷ କରି ସେମାନଙ୍କ ରକ୍ତରେ ଶର୍କରା ସ୍ତର ।
ଏହି ସଚେତନତା କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ସକାଳେ ରେଳପଥର ମୁଖ୍ୟାଳୟ ରେଳ ସଦନରେ ମହାପ୍ରବନ୍ଧକଙ୍କ ଦ୍ୱାରା ଏକ ୱାକାଥନ୍ ଶୁଭାରମ୍ଭ କରାଯାଇଥିଲା ଯାହା କେନ୍ଦ୍ରୀୟ ଚିକିତ୍ସାଳୟ ପର୍ଯ୍ୟନ୍ତ ଯାତ୍ରା କରିଥିଲା । ରେଳ କର୍ମଚାରୀ, ସେମାନଙ୍କ ପରିବାର, ସାଧାରଣ ଜନତା ଯୋଗ ଦେଇଥିବା ଏହି ୱାକାଥନ୍ ରେ ମଧୁମେହର ମୁକାବିଲା ତଥା ଶାରୀରିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ପାଇଁ ସାମୂହିକ ପ୍ରୟାସର ପ୍ରତୀକ ଭାବରେ କେନ୍ଦ୍ରୀୟ ଡାକ୍ତରଖାନା ରେ ରକ୍ତ ସରକାର ପରୀକ୍ଷା କରାଯାଇଥିଲା । ମଧୁମେହ ରୋଗୀଙ୍କ ପାଇଁ ଖାଦ୍ୟପେୟ ସୁପାରିଶ, ପୁଷ୍ଟିକର ଖାଦ୍ୟ ମାଧ୍ୟମରେ ସ୍ଥିତିକୁ ପରିଚାଳନା କରିବା ପାଇଁ ବିଶେଷଜ୍ଞ ପରାମର୍ଶ । ରେଳ କର୍ମଚାରୀ ଏବଂ ଜନସାଧାରଣ ମଧୁମେହ ପରିଚାଳନା ପାଇଁ ଡାକ୍ତର ଏବଂ ସ୍ୱାସ୍ଥ୍ୟ ସେବା ବିଶେଷଜ୍ଞଙ୍କ ସହ ପରାମର୍ଶ କରିବାର ସୁଯୋଗ ପାଇଲେ । ମଧୁମେହର ଶୀଘ୍ର ଚିହ୍ନଟକୁ ଉତ୍ସାହିତ କରିବା ପାଇଁ ରେଳ କେନ୍ଦ୍ରୀୟ ଡାକ୍ତରଖାନାରେ ମାଗଣା ରକ୍ତ ଶର୍କରା ପରୀକ୍ଷା କରାଯାଇଥିଲା । ଶ୍ରୀ ଫୁଙ୍କୱାଲଙ୍କ ନେତୃତ୍ୱରେ ରେଳ ସଦନରୁ କେନ୍ଦ୍ରୀୟ ଚିକିତ୍ସାଳୟ ପର୍ଯ୍ୟନ୍ତ ଏକ ଉତ୍ସାହଜନକ ୱାକାଥନ୍ ଆୟୋଜନ କରାଯାଇ ଅଂଶଗ୍ରହଣକାରୀମାନଙ୍କୁ ଏକ ସୁସ୍ଥ ଜୀବନଶୈଳୀର ଅଂଶ ଭାବରେ ଶାରୀରିକ କାର୍ଯ୍ୟକଳାପ ଗ୍ରହଣ କରିବାକୁ ଉତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ ଥିଲା । ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମରେ ମଧୁମେହ ପରିଚାଳନାର ବିଭିନ୍ନ ଦିଗ, ଖାଦ୍ୟ, ବ୍ୟାୟାମ, ଏବଂ ଜୀବନଶୈଳୀ ପରିବର୍ତ୍ତନକୁ ଅନ୍ତର୍ଭୁକ୍ତ କରାଯାଇଥିଲା ଏବଂ ରେଳ କର୍ମଚାରୀ, ସେମାନଙ୍କ ପରିବାର ଏବଂ ସାଧାରଣ ଜନତା ଏଥିରେ ଉପସ୍ଥିତ ଥିଲେ । ଅଂଶଗ୍ରହଣକାରୀମାନେ ମଧୁମେହ ପରିଚାଳନା ଏବଂ ପ୍ରତିରୋଧ ଉପରେ ମୂଲ୍ୟବାନ ସୂଚନା ଏବଂ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚର ଗୁରୁତ୍ୱ ମଧ୍ୟ ଶିଖିଲେ । ଭାରତରେ ବୃଦ୍ଧି ପାଉଥିବା ମଧୁମେହ ରୋଗର ନିରାକରଣ ପାଇଁ ନିରନ୍ତର ସଚେତନତା ଅଭିଯାନର ଆବଶ୍ୟକତା ଉପରେ ମୁଖ୍ୟ ଚିକିତ୍ସା ନିର୍ଦ୍ଦେଶକ ଡ଼ ସୁଶୀଲ କୁମାର ବେହେରା ଆଲୋକପାତ କରିବା ସହ ପ୍ରତ୍ୟେକ ଦିନ ସ୍ୱାସ୍ଥ୍ୟ ସଚେତନ ନିଷ୍ପତ୍ତି ନେବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ରେଳ କର୍ମଚାରୀ, ଚିକିତ୍ସା ଅଧିକାରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟକୁ ଏକତ୍ରିତ କରି ମଧୁମେହ ସଚେତନତା ଉପରେ ଧ୍ୟାନ ଦେବା ସହ ସୁସ୍ଥ, ସକ୍ରିୟ ଜୀବନଶୈଳୀକୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମ ସଫଳତାର ଉଦ୍ଦେଶ୍ୟ ଥିଲା । ରେଳ କେନ୍ଦ୍ରୀୟ ଚିକିତ୍ସାଳୟର ନିର୍ଦ୍ଦେଶକ ଡ଼. ଏସ ସି ପ୍ରଧାନ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

# 'ସାଲିଆସାହି'ରେ ଦେଶୀମଦ କୁଟୀରଶିଳ୍ପ: ଯେତେ ଚଢ଼ଉ କଲେ, ସେତେ ମିଳୁଛି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଯେବେ ଚଢ଼ଉ ହେଉଛି, ସେତେ ମଦ ଜବତ ହେଉଛି । କେବେ ହାଣ୍ଡିଆ ଆଳରେ ମଦ ତ ଆଉ କେବେ ପୋଚ ଆଳରେ ବିକ୍ରି ହେଉଛି ଦେଶୀ ମଦ । ବର୍ଷତମାମ ଏଭଳି ସ୍ଥିତି ଦେଖିବାକୁ ମିଳୁଛି ସାଲିଆସାହିରେ । ରାଜ୍ୟର ସବୁଠାରୁ ବଡ଼ ବସ୍ତିରେ ଏବେ ଦେଶୀମଦ ପ୍ରସ୍ତୁତି 'କୁଟୀରଶିଳ୍ପ' ପାଲଟିଛି । ଉପରୁ ସବୁ କିଛି ଠିକ୍‌ଠାକ୍ ଲାଗୁଥିଲେ ମଧ୍ୟ ଭିତର ସ୍ଥିତି କିନ୍ତୁ ସାଂଘାତିକ । ପ୍ରତିଥର ଚଢ଼ଉ ସମୟରେ ହାଣ୍ଡି ହାଣ୍ଡି ଦେଶୀମଦ ଜବତ ହେବା ଏବେ ପ୍ରଶାସନର ପାରିବାପଣିଆ ନେଇ ପ୍ରଶ୍ନ ଉଠାଇଲାଣି । ସତରେ ପ୍ରଶାସନ ଆନ୍ତରିକତାର ସହ ଚଢ଼ଉ କରୁଛି ନା ଲୋକଦେଖାଣିଆ ଭାବେ ଅବକାରୀ ବିଭାଗ କେତେବେ ?ଲେ କେମିତି ସିଆଡ଼େ ମାଡ଼ି ଯାଉଛି । ଯଦି ସତରେ ଚଢ଼ଉ ହେଉଛି ତେବେ ଏତେ ମଦ ପୁଣି ଆସୁଛି କେଉଁଠୁ ? କାହିଁକି ମଦ ମାଫିଆଙ୍କ ନିକଟରେ ପହଞ୍ଚିପାରୁନି ପୁଲିସ ? ସାଲିଆସାହିରେ ଦେଶୀ ମଦ ଜବତ ଘଟଣା ସପ୍ତାହେ କି ମାସର ନୁହେଁ, ବରଂ ବର୍ଷ ବର୍ଷ ଧରି ଏଠାରେ ଦେଶୀ ମଦ ପ୍ରସ୍ତୁତ ହେଉଥିଲେ ମଧ୍ୟ ପ୍ରଶାସନ ରୋକ୍ ଲଗାଇପାରୁ ନାହିଁ । ଗତ ମାସ ଶେଷ ସପ୍ତାହରେ ଚଢ଼ଉ ବେଳେ ଯେଉଁଭଳି ଭାବେ ମଦ ଜବତ ହୋଇଛି ତାହା ପ୍ରଶାସନର ନିଦ ହଜାଇ ଦେଇଛି । ପାର୍ବଣ ପୂର୍ବରୁ ହୋଇଥିବା ଚଢ଼ଉରେ ଏକ ବେଆଇନ ମଦ କାରଖାନା ଠାବ ସହ ୧୬ହଜାର ଲିଟର ପୋଚ ଓ ୬ହଜାର ଲିଟର ଦେଶୀମଦ ଜବତ ହୋଇଥିଲା । ଦୁଇ ଜଣ ମହିଳାଙ୍କ ସମେତ ମୋଟ୍ ୪ଜଣଙ୍କୁ ଗିରଫ ହୋଇଥିଲେ । ଚିନ୍ତାର ବିଷୟ ହେଉଛି ଯେ ଏହି ବେଆଇନ ମଦ କାରଖାନା ସଙ୍ଗଠିତ ଭାବେ ଚାଲିଥିଲା । ମଦର ମାନ ପରୀକ୍ଷା ପାଇଁ ବ୍ୟବହୃତ ଯନ୍ତ୍ରପାତି ମଧ୍ୟ ଏଠାରୁ ମିଳିଥିଲା । ଅର୍ଥାତ୍ ମଦ ମାଫିଆମାନେ ସୁଚିନ୍ତିତ ଓ ବ୍ୟବସ୍ଥିତ ଭାବେ ବହୁଦିନ ହେଲା ଏଠାରେ ମଦ ପ୍ରସ୍ତୁତ କରିଚାଲିଥିବା ସ୍ପଷ୍ଟ ହୋଇଛି । ସବୁଠାରୁ ବଡ଼ କଥା ହେଉଛି ପୂର୍ବରୁ ସାଲିଆସାହିରେ ବେଆଇନ ମଦ କାରଖାନା ଠାବ କରାଯାଇ ମଦମାଫିଆଙ୍କ ଘର ଭଙ୍ଗାଯାଇଥିଲା । ତଥାପି ମଦ ପ୍ରସ୍ତୁତି ବନ୍ଦ ହୋଇପାରି ନାହିଁ । ସାଲିଆସାହିର କିଛି ଅଞ୍ଚଳରେ ଏବେ ଦେଶୀମଦ 'କୁଟୀର ଶିଳ୍ପ' ଭାବେ ପରିଗଣିତ ହୋଇଛି । ଏଠାରେ ପ୍ରସ୍ତୁତ ହେଉଥିବା ଦେଶୀ ମଦ ସହରର ବିଭିନ୍ନ ଅଞ୍ଚଳକୁ ଚାଲାଣ ହେଉଛି । ୪ ବର୍ଷର ତଥ୍ୟକୁ ନଜର ପକାଇଲେ ବର୍ଷକୁ ହାରାହାରି ୩ରୁ ୪ ଥର ସାଲିଆସାହିରେ ଛୋଟ ବଡ଼ ଚଢ଼ଉ ହୋଇଛି । କେତେବେଳେ ପୁଲିସ ତ ଆଉ କେବେ ଅବକାରୀ ଚଢ଼ଉ କରୁଛି । ୨୦୨୫ରେ ଏବେ ସୁଦ୍ଧା ଚାରିଥର ଚଢ଼ଉ ହୋଇସାରିଲାଣି । ବସ୍ତି ଏକତା ସଂଘର ସଭାପତି ଅଞ୍ଜନ ନାଥ କହିଛନ୍ତି ଶ୍ରମିକ ଶ୍ରେଣୀର ଲୋକେ ମୁଖ୍ୟତଃ ଏଠାରେ ରହୁଛନ୍ତି । ଦୈନିକ ଯେତିକି ରୋଜଗାର କରୁଛନ୍ତି ତାହାକୁ ମଦ ପିଇବାରେ ଉଡ଼ାଇ ଦେଉଛନ୍ତି । ଅନେକ ଲୋକ କମ୍ ବୟସରେ ମୃତ୍ୟୁ ମୁଖରେ ପଡୁଛନ୍ତି । ତେଣୁ ସାଲିଆସାହିରେ ମଦ ସମ୍ପୂର୍ଣ୍ଣ ବନ୍ଦ ହେବା ଦରକାର । କେବଳ ଅବକାରୀ ବିଭାଗ କି ପୁଲିସ ଦ୍ୱାରା ଏହା ସମ୍ଭବପର ହେବ ନାହିଁ । ଲୋକଙ୍କ ମଧ୍ୟରେ ସଚେନତତାର ଅଭାବ ପରିଲକ୍ଷିତ ହେଉଛି । ଏଦିଗରେ ଲୋକ ପ୍ରତିନିଧିଙ୍କଠାରୁ ସାଧାରଣ ଜନତାଙ୍କ ପର୍ଯ୍ୟନ୍ତ, ସମସ୍ତେ ଆଗେଇ ଆସିବା ଦରକାର । ସାମାଜିକ କର୍ମୀ ଅନିରୁଦ୍ଧ ଲେଙ୍କା କହିଛନ୍ତି ଦେଶୀ ମଦ ପାଇଁ ଏଠାରେ ପୂର୍ବରୁ ମୁଣ୍ଡ ଗଡ଼ିଛି । ଏକାଧିକ ପରିବାର ଏବେ ବି ସର୍ବସ୍ୱାନ୍ତ ହୋଇ ଏହି ବସ୍ତିରେ ଅଛନ୍ତି । ବିଷାକ୍ତ ମଦ୍ୟପାନ କରି ଅନେକ ଲୋକେ ମାସ ମାସ ଧରି ମେଡିକାଲରେ ଚିକିତ୍ସିତ ହେଉଛନ୍ତି । କ୍ରମାଗତ ଚଢ଼ାଉ କରାଯାଇ ମଦମାଫିଆଙ୍କ ସାମାଜ୍ୟ ଭାଙ୍ଗିବା ଦିଗରେ ସେଭଳି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ । ମନେ ପଡ଼ିଲେ ଅବକାରୀ ବିଭାଗର ଅଧିକାରୀମାନେ ଚଢ଼ଉ କରି ଅଳ୍ପ କିଛି ପରିମାଣର ଦେଶୀ ମଦ ଜବତ କରି ବାହାବା ନେଉଛନ୍ତି । ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ପଡ଼ିବ ।
୨୦୨୪ ମେ'ରେ ମୈତ୍ରୀବିହାର ଥାନା ପୁଲିସ ନୀଳଚକ୍ରନଗରରେ ଚଢ଼ଉ କରି ଜଣେ ପେସାଦାର ମଦ ବେପାରୀକୁ ଗିରଫ କରିଥିଲା । ସେଠାରୁ ୧,୦୫୦ ଲିଟର ରନ୍ଧା ମଦ ଓ ବିପୁଳ ପୋଚ ଜବତ ହୋଇଥିଲା । ଭାଟିରେ ବ୍ୟବହାର ହେଉଥିବା ୩ ଗ୍ୟାସ୍ ସିଲିଣ୍ଡର, ୩ ଚୁଲା, ୫୦ ବଡ଼ବଡ଼ ଡେକ୍‌ଚି ଓ ୨୦ରୁ ଅଧିକ ପ୍ଲାଷ୍ଟିକ୍ ରଙ୍ଗ ବାଲ୍‌ଟି ଜବତ କରାଯାଇଥିଲା । ତେବେ ମଦ ପ୍ରସ୍ତୁତିରେ ମହିଳାଙ୍କ ପ୍ରମୁଖ ଯୋଗଦାନ ରହୁଥିବା ପ୍ରତିଥର ଦେଖିବାକୁ କିଳିଛି । ୨୦୨୩ରେ ମେ'ରେ ଅବକାରୀ ବିଭାଗ ଓ ଫ୍ଲାଇଂ ସ୍କ୍ୱାଡ୍ ବଡ଼ଧରଣ ଚଢ଼ଉ କରିଥିଲା । ଚାଉଳି ଓ ଗୁଡ଼ରୁ ପ୍ରସ୍ତୁତ କରୁଥିବା ଦେଶୀ ମଦ ରନ୍ଧା ହେଉଥିବା ୫ଟି ଭାଟି ଚିହ୍ନଟ ହୋଇଥିଲା । ୧୨ ଜଣ ମହିଳାଙ୍କ ସମେତ ମୋଟ ୧୬ ଜଣ ଗିରଫ ହୋଇଥିଲେ । ପ୍ରାୟ ୪ ହଜାର ଲିଟର ଦେଶୀ ମଦ ଜବତ ହୋଇଥିଲା । ବିପୁଳ ଚାଉଳି ଓ ଗୁଡ଼ ପୋଚ(ପ୍ରାୟ ୫ ହଜାର ଲିଟର) ନଷ୍ଟ ହୋଇଥିଲା । ମଦ ରନ୍ଧାରେ ବ୍ୟବହାର ହେଉଥିବା ବଡ଼ବଡ଼ ଆଲୁମିନିୟମ୍ ଡେକ୍‌ଚି, ମାଟି ହାଣ୍ଡି ଓ ଗ୍ୟାସ୍ ସିଲିଣ୍ଡର ଜବତ ହୋଇଥିଲା । ୨୦୨୨ରେ ମଦ ମାଫିଆଙ୍କ ଘର ଭାଙ୍ଗିଥିଲା ପୁଲିସ । ଇଡ୍‌କୋ ବସ୍ତିରେ କମିସନରେଟ୍ ପୁଲିସ ବଡ଼ଧରଣ ଚଢ଼ଉ ସମୟରେ ବସ୍ତିବାସିନ୍ଦାଙ୍କ ପ୍ରବଳ ବିରୋଧର ସମ୍ମୁଖୀନ ହୋଇଥିଲେ । ତା' ସତ୍ତ୍ୱେ ପ୍ରାୟ ୨୦ ମଦ ଭାଟି ଭାଙ୍ଗି ଥିଲା । ଭାଟିଗୁଡ଼ିକରୁ ଶହଶହ ଡେକ୍‌ଚି ଓ ଜେରିକେନ୍ ଡ୍ରମ ମିଳିଥିଲା । ଏତେ ଭାଟି ଭାଙ୍ଗିଥିଲେ ମଧ୍ୟ ମାତ୍ର ୫ ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା ପୁଲିସ ।

# ଭାରତର ୮୦% ଲୋକ ଜଳବାୟୁ ପରିବର୍ତ୍ତନ ହେତୁ ପ୍ରଭାବିତ

**ନୂଆଦିଲ୍ଲୀ,**
ଭାରତର ପ୍ରାୟ ଅଧିକାଂଶ ବ୍ୟକ୍ତି ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଦ୍ୱାରା ହେଉଛନ୍ତି ପ୍ରଭାବିତ । ଯାହାକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପୂର୍ବତନ ମୁଖ୍ୟ ବୈଜ୍ଞାନିକ ଡକ୍ଟର ସୋମ୍ୟା ସ୍ୱାମୀନାଥନ । ସେ କହିଛନ୍ତି ଯେ, ବର୍ତ୍ତମାନ ଭାରତର ପ୍ରାୟ ପ୍ରତ୍ୟେକ ବ୍ୟକ୍ତି ଜଳବାୟୁ ପରିବର୍ତ୍ତନ ଦ୍ୱାରା ପ୍ରଭାବିତ ହେଉଛନ୍ତି । ଏଭଳି ପରିସ୍ଥିତିରେ ଏହି ସମସ୍ୟାର ମୁକାବିଲା ତଥା ଦେଶରେ ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା ପାଇଁ ଆନ୍ତର୍ଜାତୀୟ ସହଯୋଗର ଜରୁରୀ ଆବଶ୍ୟକତା ରହିଛି । ଜଳବାୟୁ ପରିବର୍ତ୍ତନ ଯୋଗୁଁ ଶିଶୁ ଏବଂ ମହିଳାମାନେ ଅଧିକ ବିପଦରେ ଥିବା ବେଳେ ବର୍ତ୍ତମାନ ଭାରତର ପ୍ରାୟ ସମସ୍ତଙ୍କୁ ଏହାର ପ୍ରଭାବ ପଡୁଛି । ସୂଚନା ଅନୁଯାୟୀ, ଜଳବାୟୁ ପରିବର୍ତ୍ତନ ଯୋଗୁଁ ପଡୁଥିବା ପ୍ରଭାବ ଦ୍ୱାରା ବିଭିନ୍ନ ରୋଗର ସମ୍ମୁଖୀନ ହେଉଛନ୍ତି ଲୋକେ ।



ଏହି ସମସ୍ୟାର ମୁକାବିଲା ପାଇଁ ତୁରନ୍ତ ସହଯୋଗର ଆବଶ୍ୟକତା ଅଛି । ଏହି ସମସ୍ୟା ବିଷୟରେ ସ୍ୱାମୀନାଥନ କହିଛନ୍ତି ଯେ, ଏହା ମହିଳା ଏବଂ ଶିଶୁଙ୍କ ଉପରେ ବିଶେଷ ପ୍ରଭାବ ପକାଇଥାଏ, ବିଶେଷ କରି ଗ୍ରାମାଞ୍ଚଳରେ ମହିଳାମାନେ ରୋଷେଇ ପାଇଁ ଇନ୍ଧନ ଉପରେ ନିର୍ଭର କରିବାକୁ ପଡେ ଏବଂ ଏହି ନିର୍ଭରଶୀଳତା ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରେ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଭାରତର ୮୦% ଜନସଂଖ୍ୟା ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ସମ୍ମୁଖୀନ ହେଉଛନ୍ତି । ଗ୍ରାମାଞ୍ଚଳର କୃଷକମାନଙ୍କଠାରୁ ସହରାଞ୍ଚଳର ଜନସଂଖ୍ୟା ପର୍ଯ୍ୟନ୍ତ କେହି ସୁରକ୍ଷିତ ନୁହଁନ୍ତି । ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ଏକ ବିଶ୍ୱସ୍ତରୀୟ ସମସ୍ୟା । ତେବେ ଜଳବାୟୁ ପରିବର୍ତ୍ତନ କେବଳ ଦେଶ ଉପରେ ନୁହେଁ ବରଂ ସମଗ୍ର ବିଶ୍ୱର ଲୋକମାନଙ୍କ ଉପରେ ବ୍ୟାପକ ପ୍ରଭାବ ପକାଉଥିବା ସେ କହିଛନ୍ତି ।

## ରାଜଧାନୀରେ କଲବଲ କରୁଛି ଭାଇରାଲ ଫିଭର

# କ୍ୟାପିଟାଲ ହସ୍ପିଟାଲରେ ସଂକ୍ରମିତଙ୍କ ସଂଖ୍ୟା ୪୦% ବଢ଼ିଛି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
କ୍ୟାପିଟାଲ ହସ୍ପିଟାଲ୍‌ରେ ମେଡିସିନ୍ ଓପିଡି ସମ୍ମୁଖରେ ଲାଗୁଛି ଲମ୍ବା ଲାଇନ୍ । ସେହିପରି ଶିଶୁ ବିଭାଗ ଓପିଡି ପାଖରେ ଆହୁରି ବିକଳ ଚିତ୍ର ଦେଖିବାକୁ ମିଳୁଛି । ମା'ମାନେ ପିଲାଙ୍କୁ କାଖେଇ ଡାକ୍ତରଙ୍କ ପରାମର୍ଶ ପାଇଁ ଅପେକ୍ଷା କରୁଛନ୍ତି । ପିଲାଙ୍କ କାନ୍ଦରେ ପୂରା ପରିସର କମ୍ପୁଛି । ହସ୍ପିଟାଲ୍‌ର ଏଭଳି ଦୃଶ୍ୟ ଦର୍ଶାଉଥିଲା ରାଜଧାନୀରେ ଭାଇରାଲ ଫିଭରର ପ୍ରକୋପ । ରାଜଧାନୀର ବିଭିନ୍ନ ହସ୍ପିଟାଲରେ ଭାରଇାଲ ଫିଭର ଜନିତ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଛି । କ୍ୟାପିଟାଲ ହସ୍ପିଟାଲରେ ଗତ ମାସ ଅପେକ୍ଷା ହଠାତ ୪୦ରୁ ୪୫% ରୋଗୀ




ବଢ଼ିଛନ୍ତି । ରୋଗୀଙ୍କ ଆଡ୍‌ମିଶନ ସଂଖ୍ୟା ବୃଦ୍ଧି ପାଇଛି । ପୂର୍ବ ବର୍ଷ ଅପେକ୍ଷା ୨୦% ଅଧିକ ରୋଗୀ ଚିକିତ୍ସିତ ଅଛନ୍ତି । ସେହିପରି ଶିଶୁ ୱାର୍ଡରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ହସ୍ପିଟାଲ୍ କର୍ତ୍ତୃପକ୍ଷ କହିଛନ୍ତି । କ୍ୟାପିଟାଲ ହସ୍ପିଟାଲରୁ ମିଳିଥିବା ସୂଚନା ଅନୁଯାୟୀ, ଭାଇରାଲ ଫିଭର ପୀଡ଼ିତଙ୍କ ସଂଖ୍ୟା ବୃଦ୍ଧି ଘଟିଛି । ହେଲେ ଚିନ୍ତିତ ହେବାର କୌଣସି କାରଣ ନାହିଁ । ଯେତିକି ରୋଗୀ ଆସୁଛନ୍ତି ପ୍ରାୟ ୩ରୁ ୪ଦିନ ଭିତରେ ଔଷଧ ଖାଇ ସୁସ୍ଥ ହୋଇଛନ୍ତି । ଯିଏ ସଂକ୍ରମିତ ହୋଇଛନ୍ତି, ଅନ୍ୟମାନଙ୍କଠାରୁ ଦୂରେଇ ରହିବ । ନିଜକୁ ସଙ୍ଗରୋଧ କରି ରଖନ୍ତୁ । ରୋଗୀ ଆଣ୍ଟି ଟେଷ୍ଟିମନି ମେଡିସିନ୍, ପାରାସିଟାମଲ୍, ଭିଟାମିନ୍-ସି ମେଡିସିନ୍ ବ୍ୟବହାର କରିପାରିବେ । ଭିଟାମିନ୍-ସି ଖାଇବା ସହିତ ବଡି ଇମ୍ୟୁନିଟି ବଢ଼ାଇବା ନିତାନ୍ତ ଆବଶ୍ୟକ ବୋଲି ଡାକ୍ତର ପରାମର୍ଶ ଦେଇଛନ୍ତି । ଆରଏମ୍‌ଆରସି କହିଛି, ଜଳବାୟୁରେ ପରିବର୍ତ୍ତନ ପାଇଁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଛି । କିନ୍ତୁ ଭୟଭୀତ ହେବାର କୌଣସି କାରଣ ନାହିଁ ।

# ରାଜ୍ୟରେ ୨୪ଘଣ୍ଟା ଖୋଲା ରହିବ ନିରାମୟ କେନ୍ଦ୍ର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
୨୪ ଘଣ୍ଟା ଖୋଲା ରହିବ ନିରାମୟ କେନ୍ଦ୍ର । ଏହାର ଯେପରି ଖିଲାପ ନ ହୁଏ, ସେଥିପାଇଁ ସ୍କ୍ୱାଡ୍ ଗଠନ କଲା ସାଧାରଣ ଉଦ୍ୟୋଗ ବିଭାଗ । ସେମାନେ ଅଚାନକ ନିରାମୟ ପରିଦର୍ଶନ କରିବେ । ନିରାମୟ ଖୋଲା ନଥିଲେ ନିଆଯିବ କାର୍ଯ୍ୟାନୁଷ୍ଠାନ । ଔଷଧ ନିଗମର ସମୀକ୍ଷା ବୈଠକର ଏହି ନିର୍ଦ୍ଦେଶ ଦେଇଛନ୍ତି ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର । ଔଷଧ ନିଗମର ଔଷଧ ଠିକ୍ ଭାବେ ନିରାମୟକୁ ପହଞ୍ଚୁଛି କି ନାହିଁ ।

## ସାରା ଗାଁକୁ ଗିଳିବାକୁ ବସିଛି କିଡ୍‌ନୀ ରୋଗ

# ଗତ ୧୦ ବର୍ଷରେ ଯାଇଛି ୨୫ ଜଣଙ୍କ ଜୀବନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ସର୍ଗିଗୁଡା ଗାଁ । ଗାଁକୁ ଯେମିତି କବଜ୍ଜା କରିଛି କିଡନୀ ରୋଗ । ଅନେକ ଲୋକ କିଡନୀ ରୋଗ ପୀଡିତ । କିଏ ରୋଗ ସହ ଲଢ଼ିଲଢ଼ି ଜୀବନ ହାରିଛନ୍ତି ତ ଆଉ କିଏ ଚିକିତ୍ସା ପାଇଁ ସର୍ବସ୍ୱ ହରାଇ ସାରିଲେଣି । ସାରା ଗାଁର ଲୋକଙ୍କ କାହାଣୀ ଶୁଣିଲେ, ଗ୍ରାଉଣ୍ଡ ଜିରୋ ସ୍ଥିତି ଅନୁଧ୍ୟାନ କଲେ ଆପଣମାନେ ମଧ୍ୟ କହିବେ, ଏଠି କଣ ମୃତ୍ୟୁର ଫାସ ଜଗି ବସିଛି କିଡନୀ ରୋଗ । ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ସର୍ଗିଗୁଡା ଗାଁରେ ଘର ଘରେ କିଡନୀ ରୋଗୀ । ଅନେକଙ୍କ ଜୀବନ ଦୀପ ଲିଭି ଗଲାଣି, କିଛି ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି । ଏବେ ଯଦି ଅନ୍ୟ ସମସ୍ତଙ୍କର ପରୀକ୍ଷା କରାଯିବ, ତେବେ ଅନେକ ଆକ୍ରାନ୍ତ ଚିହ୍ନଟ ହେବେ ବୋଲି କହିଛନ୍ତି ଗ୍ରାମବାସୀ । ଗାଁରେ ନଳକୂପରୁ ବାହାରୁଥିବା ଗୋଳିଆ ପାଣି ପିଇ ଲୋକମାନେ ରୋଗାକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି । ୨୦୨୪ରେ କିଡନୀ ରୋଗରେ ୭ ଜଣଙ୍କ ମୃତ୍ୟୁ ହୋଇଥିଲା । ଚଳିତ ବର୍ଷ ୪ଜଣଙ୍କ ମୃତ୍ୟୁ ହୋଇଛି । ଗତ ୧୦ ବର୍ଷରେ ୨୫ ଜଣଙ୍କ ଜୀବନ ନେଇଛି ଏ ରୋଗ । ଜିଲ୍ଲା ପ୍ରଶାସନ, ବ୍ଲକ ପ୍ରଶାସନ ଓ ସ୍ଥାନୀୟ ରାଜନେତାଙ୍କୁ



ଅବଗତ କଲେ ମଧ୍ୟ କୌଣସି ସୁବିଧା ମିଳୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗାଁରେ ବସବାସ କରୁଥିବା ପ୍ରାୟ ୨ ହଜାର ଲୋକଙ୍କ ପାଇଁ ୮ଟି ନଳକୂପ ଅଛି । ପ୍ରାୟ ସବୁ ନଳକୂପରୁ ଲୁହାଗୁଣ୍ଡ, ମାଟି ମିଶା ପାଣି ବାହାରୁଛି । ସେପଟେ ବସୁଧା ଯୋଜନା ଫେଲ ମାରିଛି । ଅନ୍ୟ କୌଣସି ସୁବିଧା ନଥିବାରୁ ଗ୍ରାମବାସୀ ବାଧ୍ୟ ହୋଇ ନଳକୂପରୁ ବାହାରୁଥିବା ପାଣି ପିଉଛନ୍ତି । ସେହି ପାଣି ପିଇ ନା ଖାଦ୍ୟପେୟ ଯୋଗୁଁ କିଡନୀ ରୋଗ ବ୍ୟାପୁଛି ତାହା ଜଣାପଡୁନାହିଁ । ସେପଟେ ଡାକ୍ତର କହିଛନ୍ତି ପାନୀୟ ଜଳ, ପେନ କିଲର ଓ ରାସାୟନିକ ସାର ମିଶ୍ରିତ ଖାଦ୍ୟ ଖାଇଲେ କିଡନୀ ରୋଗ ହୋଇଥାଏ । କିଡନୀ ରୋଗ ଚିକିତ୍ସାରେ ଲୋକମାନେ ନିଜର ସର୍ବସ୍ୱ ହରାଇଲେଣି । ବର୍ତ୍ତମାନ ଟଙ୍କା ପଇସା ଅଭାବରୁ ମୂଳିକୁ ଚିକିତ୍ସାକୁ ଭରସା କରୁଛନ୍ତି । ତଥାପି ଏଦିଗରେ ସ୍ୱାସ୍ଥ୍ୟ ବିଭାଗ କି ଜଳ ଓ ପରିମଳ ବିଭାଗ ଧ୍ୟାନ ଦେଉନଥିବା ଲୋକମାନେ ଦୁଃଖର ସହ କହିଛନ୍ତି ।

# ୟୁଜିସି ଗ୍ରାଣ୍ଟ ରାସ୍ତାରେ କଣ୍ଟା ଜମିପଟ୍ଟା

**ଜଟଣୀ, ନ୍ୟୁଜ ବ୍ୟୁରୋ**
ଜଟଣୀ ନିର୍ବାଚନମଣ୍ଡଳୀର ପୁରାତନ କଲେଜ ଜଟଣୀ ମହାବିଦ୍ୟାଳୟକୁ ୫୦ ବର୍ଷ ପୂରିବାକୁ ବସିଛି । ୧୯୭୬ ମସିହା ସେପ୍ଟେମ୍ବର ମାସରେ ଏହି ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ମାତ୍ର ଏବେ ବି ଏହି କଲେଜ ୟୁଜିସି ଗ୍ରାଣ୍ଟ ପାଇବାରୁ ବଞ୍ଚିତ ହୋଇରହିଛି । କଲେଜ ନାଁରେ ନିଜସ୍ୱ ଜମି ନଥିବାରୁ କଲେଜକୁ ଏହି ଅନୁଦାନ ମିଳିପାରୁନାହିଁ । ଅବିଭକ୍ତ ପୁରୀ ଜିଲ୍ଲାରେ ଏହି କଲେଜର ସମସାମୟିକ ଶିକ୍ଷାନୁଷ୍ଠାନମାନେ ୟୁଜିସି ଗ୍ରାଣ୍ଟ ପାଇଲେଣି, ମାତ୍ର ଜଟଣୀ କଲେଜର ଭାଗ୍ୟ ସେମିତି ପଥର ତଳେ ଚାପି ହୋଇରହିଛି । କଲେଜ ଠିଆ ହୋଇଥିବା ସରକାରୀ ଜମି କେଉଁ କାରଣରୁ କଲେଜ ନାଁକୁ ଆସିପାରୁନାହିଁ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି କଲେଜ ନିକଟରେ ଘରୋଇ ଶିକ୍ଷାନୁଷ୍ଠାନକୁ ସରକାର ଶହଶହ ଏକର ଜମି ଯୋଗାଇଛନ୍ତି, ଅଥଚ ସାଧାରଣ ପିଲାଙ୍କ ପାଇଁ ଗଢ଼ିଉଠିଥିବା କଲେଜ ପାଇଁ ଜମି କଲେଜ ନାଁରେ ରେକର୍ଡଭୁକ୍ତ ହୋଇପାରୁନାହିଁ । ରାଜନୈତିକ ଇଚ୍ଛାଶକ୍ତି ଓ ପ୍ରସାଶନିକ ଉଦାସୀନତା ପାଇଁ ଏକ ପୁରାତନ ଶିକ୍ଷାନୁଷ୍ଠାନ ୟୁଜିସି ଭଳି ସରକାରୀ ଅନୁଦାନ ପାଇପାରୁନାହିଁ । ମହାବିଦ୍ୟାଳୟ ନାମରେ ଜମି ରେକର୍ଡଭୁକ୍ତ ନ ହୋଇଥିବାରୁ ୟୁଜିସି ଗ୍ରାଣ୍ଟ ସହ ଅନ୍ୟାନ୍ୟ ସରକାରୀ ଅନୁଦାନ ମିଳୁନାହିଁ । ପାଣ୍ଠି ଅଭାବରୁ ଭିତ୍ତିଭୂମି ରୁଗ୍‌ଣ ଅବସ୍ଥାରେ ପହଞ୍ଚିଲାଣି । ପୁରୁଣା ଶ୍ରେଣୀଗୃହ ସାଙ୍ଗକୁ ପରୀକ୍ଷାଗାର, ପାଠାଗାର ଓ ଖେଳପଡ଼ିଆ ଆଦିର ସ୍ଥିତି ଅତି ଖରାପ ହୋଇଗଲାଣି । ସେଗୁଡ଼ିକର ଉନ୍ନତୀକରଣ କରିବା ଆବଶ୍ୟକ । ଅନ୍ୟପଟେ ମହାବିଦ୍ୟାଳୟର ଚାରିପାଖରେ କିଛି ଅସାମାଜିକ ବ୍ୟକ୍ତି ଜମି ଜବରଦଖଲ କରିବାରେ ଲାଗିପଡ଼ିଛନ୍ତି । କଲେଜକୁ ପ୍ରାୟ ୩୦ ଏକର ଜମି ଅସ୍ଥାୟୀ ଭାବେ ମିଳିଛି । କିନ୍ତୁ ଅର୍ଥାଭାବରୁ ପାଚେରି କରି ସବୁ ଜମିକୁ ଘେରାବନ୍ଦି କରି ରଖିବା ସମ୍ଭବ ହୋଇନାହିଁ । ଏହି ମଉକାରେ ଜବରଦଖଲକାରୀମାନେ କଲେଜ ଜମିକୁ କବ୍‌ଜା କରିବାରେ ଲାଗିଛନ୍ତି । ଏହି ଧାରା ଜାରି ରହିଲେ, ଅର୍ଥାତ୍ ଜବରଦଖଲକାରୀଙ୍କ ଉପରେ ଅଙ୍କୁଶ ନ ଲାଗିଲେ, କଲେଜ ଜମି ପୂରା ହଡ଼ପ ହୋଇଯିବ ବୋଲି ଅଭିଯୋଗ ହେଲାଣି । ୟୁଜିସି ଅନୁଦାନ ମିଳୁ ନଥିବାରୁ ପୁରୁଣା କଲେଜ ହେଲେ ମଧ୍ୟ ଯେତିକି ବିକଶିତ ହେବା କଥା ତା'ଠାରୁ ବହୁତ ପଛରେ ପଡ଼ିଛି କଲେଜ । ଶ୍ରେଣୀଗୃହ, ପରୀକ୍ଷାଗାର, ପାଠାଗାର ଓ ଖେଳପଡ଼ିଆ ସେମିତି ପୁରୁଣା ଅବସ୍ଥାରେ ରହିଛି । ନବୀକରଣ ସାଙ୍ଗକୁ ଆଧୁନିକୀକରଣ ଆବଶ୍ୟକ ହେଲେ ମଧ୍ୟ ପାଣ୍ଠି ଅଭାବ କାରଣରୁ କିଛି ହୋଇପାରୁନାହିଁ । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ ଏଥିପାଇଁ ରାଜନୈତିକ ଇଚ୍ଛାଶକ୍ତି ଅଭାବ ଦାୟୀ । ପ୍ରଶାସନକୁ ଦୋଷ ଦେଇ ଲାଭ କିଛି ନାହିଁ । ରାଜନେତାମାନେ ପ୍ରଶାସନକୁ ବାଧ୍ୟ କରିଥିଲେ, ଏପର୍ଯ୍ୟନ୍ତ କଥା ଯାଇନଥା'ନ୍ତା ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୩ଅକ୍ଟୋବର ୨୦୨୫ ସୋମବାର





# ଉପମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କଲେ କଟନ ଆସୋସିଏସନ ଅଫ ଓଡ଼ିଶାର ସଦସ୍ୟମାନେ



ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
କଟନ ଆସୋସିଏସନ ଅଫ ଓଡ଼ିଶାର ସଦସ୍ୟମାନେ କୃଷି ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତ ସମୟରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ ମଧ ଉପସ୍ଥିତ ଥିଲେ । ସାକ୍ଷାତ ଅବସରରେ କପା ଚାଷ ତଥା ବିପଣନ ବେଳେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ଉପମୁଖ୍ୟମନ୍ତ୍ରୀ ଏବଂ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ । ଉପମୁଖ୍ୟମନ୍ତ୍ରୀ ବିସ୍ତୃତ ଭାବେ ସେମାନଙ୍କ ସମସ୍ୟା ଶୁଣିଥିଲେ ଏବଂ କଟନ କର୍ପୋରେସନ ଅଫ ଇଣ୍ଡିଆ ସହ ଆଲୋଚନା କରି ଏ ବିଷୟରେ ଆବଶ୍ୟକ ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି । ଆସନ୍ତା ଦିଲ୍ଲୀ ଗସ୍ତ ସମୟରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଏନେଇ ଆଲୋଚନା କରି ସମସ୍ୟାର ଯଥାଶୀଘ୍ର ସମାଧାନ ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି । ସୂଚନାଯୋଗ୍ୟ ଯେ, ଓଡ଼ିଶାରେ ଉତ୍ପାଦିତ କପା ଦେଶର ଅନ୍ୟତମ ଉତ୍କୃଷ୍ଟ କପା ଭିତରେ ଗଣାଯାଏ । ଏହାର ଲମ୍ବା ଷ୍ଟେପଲ ଓ ଦୀର୍ଘ ଅବଧି ଗୁଣ ଯୋଗୁଁ ବୁଣାକାରଙ୍କ ପ୍ରଥମ ପସନ୍ଦ ହୋଇଥାଏ । ବୈଠକରେ କୃଷି ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀମତୀ ଲିଟି ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ନନ୍ଦିନୀ ଦଳାଇ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଆଗାମୀ ୨୦୪୭ ସୁଦ୍ଧା ଭାରତ ଏକ ସୁଦୃଢ଼ ବିକଶିତ ରାଷ୍ଟ୍ର ରୂପେ ସୁନିଶ୍ଚିତ କରିବ : ସାଂସଦ

ବାଲେଶ୍ୱର, ନ୍ୟୁଜ
କୃଷି ଓ କୃଷକଙ୍କ ଉନ୍ନତି ନିମନ୍ତେ ଭାରତର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପ୍ରଧାନ ମନ୍ତ୍ରୀ ଧନ ଧାନ୍ୟ ଯୋଜନା ଓ ଡାଲି ଜାତୀୟ ଫସଲର ଆତ୍ମ ନିର୍ଭରତା ମିଶନ ଅଭିଯାନକୁ ନୂଆ ଦିଲ୍ଲୀରୁ ଆଭାସି ମାଧ୍ୟମରେ ଆନୁଷ୍ଠାନିକ ଭାବେ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା କୃଷି ଓ କୃଷକ ସଶକ୍ତି କରଣ ବିଭାଗ ତରଫରୁ ଏକ ଜିଲ୍ଲାସ୍ତରୀୟ ସମାରୋହ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର





ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ବରେଣ୍ୟ ଅତିଥି ମାନଙ୍କ ମଧ୍ୟରେ ସରକାରୀ ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଉପାଧ୍ୟକ୍ଷା ଅନୁସୂୟା , ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ମୁଖ୍ୟ ଅତିଥି ସାଂସଦ ଶ୍ରୀ ଷଡ଼ଙ୍ଗୀ ଉପସ୍ଥିତ ଚାଷୀ ଭାଇ ଭଉଣୀ ମାନଙ୍କୁ କୃଷି କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ ସହାୟତା ଯୋଗାଇ ଦେଇ ସଶକ୍ତ କରିବା ସହିତ ଆଗାମୀ ୨୦୪୭ ସୁଦ୍ଧା ଭାରତ ଏକ ସୁଦୃଢ଼ ବିକଶିତ ରାଷ୍ଟ୍ର ରୂପେ ସୁନିଶ୍ଚିତ କରିବା ପାଇଁ ମତ ବ୍ୟକ୍ତ କରିଥିଲେ। ଏତଦ୍ ଭିନ୍ନ କୃଷି କ୍ଷେତ୍ରରେ ଜୈବିକ ପଦ୍ଧତିର ଉନ୍ନତ ମାନର ଡାଲି ଜାତୀୟ ଫସଲକୁ ଦ୍ୱିଗୁଣିତ କରିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇ ଥିଲେ। ଅନ୍ୟାନ୍ୟ ବରେଣ୍ୟ ଅତିଥି ଗଣ କୃଷି ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗକୁ ନେଇ ଦିଗ୍ ଦର୍ଶନ ଦେଇଥିଲେ। ବାଲେଶ୍ୱର ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂ କୃଷି ଓ କୃଷକ ମାନଙ୍କ ପାଇଁ ସରକାରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଯୋଜନା ସୁବିଧା ଉପଲବ୍ଧ, କୃଷି କ୍ଷେତ୍ରରେ ଡାଲି ଜାତୀୟ ଫସଲରେ ଓଡ଼ିଶାରେ ୪ ଗୋଟି ଜିଲ୍ଲାକୁ ନେଇ କାର୍ଯ୍ୟକାରୀ କରିବାକୁ ପଦକ୍ଷେପ ନିଆଯିବା ସମ୍ପର୍କରେ ଅବଗତ କରିବା ସହିତ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ସମାରୋହରେ ବାଲେଶ୍ୱର ଜିଲାର ବିଭିନ୍ନ ବ୍ଲକରୁ ୧୦୦ ରୁ ଉର୍ଦ୍ଧ ଚାଷୀ ଭାଇ ଭଉଣୀ ସମସ୍ତ କୃଷି ଅଧିକାରୀ , କର୍ମଚାରୀ ସାମିଲ ହୋଇଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତୁଷାର କାନ୍ତି ତୁଙ୍ଗ ପରିଚାଳନା କରିଥିଲେ।

# ମଦ୍ୟପ ସ୍ୱାମୀର ଉନ୍ମତ୍ତ କାଣ୍ଡ: ଟାଙ୍ଗିଆ ଚୋଟରେ ସ୍ତ୍ରୀ ମୃତ

ବାରିପଦା, ନ୍ୟୁଜ ବ୍ୟୁରୋ
ସ୍ତ୍ରୀକୁ ଟାଙ୍ଗିଆରେ ହାଣି ସ୍ୱାମୀ ହତ୍ୟା କରିଦେଇଛି। ଏହିପରି ହତ୍ୟାକାଣ୍ଡ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ସାଲେଇବେଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଆସନକୁଦର ଗ୍ରାମ ପୁରୁଣା ଖେଡ଼ିଆ ସାହିରେ ଘଟିଛି। ସୂଚନା ଅନୁଯାୟୀ ଆସନକୁଦର ଗ୍ରାମରେ ଥିବା ପୁରୁଣାସାହିରେ ଖଡ଼ିଆ ଜନ ଜାତିର କିଛି ପରିବାର ରୁହନ୍ତି। ସୁବୁଦ୍ଧି ଦେହୁରୀ (୫୫) କୌଣସି କାରଣରୁ ସ୍ତ୍ରୀ ଟୁନି ଦେହୁରୀ ସହ ବଚସା ହୋଇଥିଲା। ଏଥିରେ ସୁବୁଦ୍ଧି ଉତକ୍ଷିପ୍ତ ହୋଇ ଘର ଭିତରେ ଥିବା ଟାଙ୍ଗିଆ ଆଣି ସ୍ତ୍ରୀ ବେକକୁ ହାଣି ହତ୍ୟା କରିଥିଲେ। ଯାହା ଫଳରେ ତାଙ୍କର ମୃତ୍ୟୁ ହୋଇଛି। ଖବର ପାଇ ଠାକୁରମୁଣ୍ଡା ଥାନା ପୋଲିସ ଘଟନସ୍ଥଳରେ ପହଞ୍ଚି ଶବକୁ ଜବତ କରି ସ୍ୱାମୀ ସୁବୁଦ୍ଧିକୁ ଆଣି ଥାନାରେ ଅଟକ ରଖିଛନ୍ତି। ସାଇଣ୍ଟିଫିକ୍ ଟିମକୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

# ଜଣେ ମେଡ଼ିକାଲ ଅଫିସରଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ବାଘମୁଣ୍ଡ ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଏଏନଏମଙ୍କ ସ୍ୱାମୀ କୋର୍ଟ ଚାଲାଣ

ପାଟଣାଗଡ, ନ୍ୟୁଜ ବ୍ୟୁରୋ
ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ର ମେଡିକାଲ ଅଫିସର ଡାକ୍ତର ସୁରଜ କୁମାର ଦୀପଙ୍କୁ ବାଘମୁଣ୍ଡ ଉପସ୍ୱାସ୍ଥ୍ୟ କେନ୍ଦ୍ର ର ଏଏନଏମ ଦିଦିଙ୍କ ସ୍ୱାମୀ ରଘୁନାଥ ମହରା ଗାଳି ଗୁଲଜ ସହ ଆକ୍ରମଣ କରିବା ଅଭିଯୋଗରେ ଶନିବାର ଲରମ୍ଭା ପୋଲିସ କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ସୂଚନା ଅନୁସାରେ ଗତ ୮ ତାରିଖ ମେଡିକାଲ ଅଫିସର ଡାକ୍ତର ଦୀପ ଉପ ସ୍ୱାସ୍ଥ୍ୟକେନ୍ଦ୍ର ନିରୀକ୍ଷଣ ପାଇଁ ଯାଇଥିବାବେଳେ ସେଠାରେ ଅବସ୍ଥାପିତ ଏଏନଏମ କଳ୍ପନା ମହରା କାର୍ଯ୍ୟରେ ଅବହେଳା କରୁଥିବାରୁ ତାଙ୍କୁ ତାଗିଦ କରିଥିଲେ। ଏହା ପରେ ସମ୍ପୃକ୍ତ ଏଏନଏମ ତାଙ୍କ ସ୍ୱାମୀ ବେଲପଡାରେ କାର୍ଯ୍ୟରତ ବ୍ଲକ ସହ ଶିକ୍ଷା ଅଧିକାରୀ ରଘୁନାଥ ମହରାଙ୍କୁ ଫୋନ କରିଥିଲେ । ଡାକ୍ତର ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବାବେଳେ ହଠାତ ପହଞ୍ଚି ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିବା ନେଇ ଲରମ୍ଭା ଥାନାରେ ଡାକ୍ତର ଲିଖିତ ଅଭିଯୋଗ କରିଥିଲେ । ଏନେଇ ଲରମ୍ଭା ଥାନା କେସ ନଂ ୨୩୦/୨୦୨୫ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରି ଅଭିଯୁକ୍ତ ଏଏନଏମଙ୍କ ସ୍ୱାମୀ ବେଲପଡା ଏବିଇଓ ରଘୁନାଥ ମହରାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଲରମ୍ଭା ଥାନା ଅଧିକାରୀ ଭାନୁଶଙ୍କର ଯାଦବ ସୂଚନା ଦେଇଛନ୍ତି।

# କୃଷି ବିଜ୍ଞାନ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ପିଏମ୍ ଧନଧାନ୍ୟ ଯୋଜନାର ସିଧା କାର୍ଯ୍ୟକ୍ରମ

କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ
କେନ୍ଦ୍ରାପଡା ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଚାଷୀ ଭାଇ ଭଉଣୀମାନଙ୍କୁ କୃଷି ପ୍ରକଳ୍ପର ଉପହାର ସ୍ୱରୂପ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଅନୁଷ୍ଠିତ ହୋଇଯାଇଛି। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡଃ. ଅରବିନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ୨୦୦ରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଧନଧାନ୍ୟ କୃଷି ଯୋଜନା ଓ ଡାଲି ଆତ୍ମ ନିର୍ଭରତା ମିଶନର ଶୁଭାରମ୍ଭ ହେବା ସହ କୃଷି ଭିତ୍ତିଭୂମି ପାଣ୍ଠି, ପଶୁପାଳନ, ମତ୍ସ୍ୟ ପାଳନ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ୧୧୦୦ରୁ ଅଧିକ ପ୍ରକଳ୍ପ ଉଦ୍‌ଘାଟନ ହୋଇଥିଲା। ଏଥିସହିତ କେନ୍ଦ୍ରରେ ଉପସ୍ଥିତଥିବା ଚାଷୀଙ୍କର ବୈଜ୍ଞାନିକ ମାନଙ୍କ ସହିତ ଆଲୋଚନା କରାଯାଇ ବିଭିନ୍ନ ସମସ୍ୟାର ସମାଧାନ କରାଯାଇଛି। ଧାନ ଫସଲରେ ସମନ୍ୱିତ ରୋଗ, ପୋକ ପରିଚାଳନା ଉନ୍ନତ ପଦ୍ଧତିରେ ଉଦ୍ୟମ କୃଷି ଓ ମତ୍ସ୍ୟ ପାଳନ ଆଦି ସଂପର୍କରେ ଚାଷୀମାନେ ଆଲୋଚନା କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ କୃଷୀ ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ପ୍ରଭଞ୍ଜନ ମିଶ୍ର, ଡ. ଗାୟତ୍ରୀ ସାହୁ, ଡଃ. ତାପସ ରଞ୍ଜନ ସାହୁ, ଡଃ. ମାନସ ସଞ୍ଜିବ ବେହେରାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ୮ ଜଣ ଗଞ୍ଜେଇ ମାଫିଆ ଗିରଫ : ୮ଟି ମୋବାଇଲ୍ ସହ ନଗଦ ୧୦ ହଜାର ଟଙ୍କା ଜବତ

ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ
ସୁବର୍ଣ୍ଣପୁର ଜିଲ୍ଲା ବିନିକା ପୁଲିସକୁ ମିଳିଛି ବଡ଼ ସଫଳତା । ଦୀର୍ଘ ଏକ ମାସ ୪ ଦିନ ଧରି ଫେରାର ହୋଇଥିବା ୮ ଜଣ ଗଞ୍ଜେଇ ମାଫିଆକୁ ବିନିକା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଏଥି ସହ ଆସାମୀ ମାନେ ବ୍ୟବହାର କରିଥିବା ଦୁଇଟି କାର, ୮ ଟି ମୋବାଇଲ ଓ ନଗଦ ୧୦ ହଜାର ଟଙ୍କା ଜବତ କରିଛି । ଘଟଣାରୁ ପ୍ରକାଶ ଯେ, ଏହି ୮ ଜଣ ଗଞ୍ଜେଇ ମାଫିଆ ମାନେ ଝାରଖଣ୍ଡ ନମ୍ବର ଥିବା ଦୁଇଟି ଦାମିକିଆ କାର ଯାହାର ନମ୍ବର ଜେଏଚ ୦୨ ବିଏଚ – ୧୦୦୭ ଏବଂ ଜିଏଚ ୦୫ ବିଏଫ – ୫୩୨୧କାରରେ ବୌଦ୍ଧ ଜିଲ୍ଲାକୁ ପୁଣି ଗଞ୍ଜେଇ ନେଇ ଯାଉଥିବା ବେଳେ ବିନିକା ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବିନିକା ଠାରେ ଗତ କାଲି ମାଡି ବସିଥିଲା ଓ ଏହି ୨ଟି କାର ରେ ଝାରଖଣ୍ଡ ରାଜ୍ୟର ପଲାମୁ ଜିଲ୍ଲାର ୫ ଜଣ ଗଞ୍ଜେଇ ମାଫିଆ ରଞ୍ଜିତ କୁମାର ବର୍ମା (୩୪), ପ୍ରେମ କୁମାର ଗୁପ୍ତା (୫୨),ବବଲୁ କୁମାର (୨୫),ଅଭିନାଶ କୁମାର (୨୫),ଚନ୍ଦେଶ୍ୱର ପ୍ରସାଦ (୩୩) ଓ



ବୌଦ୍ଧ ଜିଲ୍ଲା ବାଉସୁଣୀ ଗାଁର ନିବେଶ ସାହୁ (୩୧),ମନମୁଣ୍ଡା ଥାନା ତିଳପଙ୍ଗା ଗାଁର ବବଲୁ ଖଟୁଆ (୨୮) ଏବଂ ଉକ୍ତ ଗାଁର ଜିତେନ୍ଦ୍ର କଟୁଆଲ (୨୪) ଏହି କେସ ରେ ସମ୍ପୃକ୍ତ ଥିବା ୮ ଜଣ ଗଞ୍ଜେଇ ମାଫିଆକୁ ପୁଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । ଏଥି ସହ ଆସାମୀ ମାନେ ବ୍ୟବହାର କରୁଥିବା ୮ ଟି ମୋବାଇଲ୍ ଓ ନଗଦ ୧୦ ହଜାର ଟଙ୍କା ଜବତ କରିଛି।
ସୂଚନା ଯୋଗ୍ୟ ଯେ, ଗତ ସେପ୍ଟେମ୍ବର ମାସ ୬ ତାରିଖ ଭୋର ସକାଳ ସମୟରେ ବିନିକା ଥାନା ଦେଇ ଦ୍ରୁତ ଗତିରେ ଯାଉଥିବା ନମ୍ବର ବିହୀନ କାର ବିନିକା ସହର ର ନୂଆଁ ବଜାର ନିକଟରେ ଆଗ ଚକ ଫାଟି ଯିବାରୁ ଗଞ୍ଜେଇ ଭର୍ତ୍ତି ଗାଡିକୁ ଗଞ୍ଜେଇ ମାଫିଆମାନେ ପେଟ୍ରୋଲ ଢାଳି, ଦିଆସିଲି ମାରି ଘଟଣା ସ୍ଥଳରୁ ଫେରାର ମାରିଥିଲା । ଫଳରେ ଗାଡିଟି ହୁତୁହୁତୁ ହୋଇ ଜଳି ଯାଉଥିବା ବେଳେ ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଅଗ୍ନିଶମ ବାହିନୀକୁ ଫୋନ କରିବାରୁ ଅଗ୍ନିଶମ ବାହିନୀ ଘଟଣା ସ୍ଥଳକୁ ଆସି ନିଆଁକୁ ଲିଭାଇ ଥିଲେ ଯାହା ଫଳରେ ବଡ଼ ଅଘଟଣ ଘଟିବାରୁ ରକ୍ଷା ମିଳିଥିଲା। ବିନିକା ଅତିରିକ୍ତ ତହସିଲଦାର ତଥା ମାଜିଷ୍ଟ୍ରେଟଙ୍କ ଦୟାରାମ ମେହେରଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଥିଲା । ସେଥିରୁ ୩ କୁଇଣ୍ଟାଲ ୩୧ କେଜି ଗଞ୍ଜେଇ ବାହାରିବା ପରେ ପୁଲିସ ଉକ୍ତ ଗଞ୍ଜେଇ ସହ ଦରପୋଡ଼ା କାର କୁ ଜବତ କରିବା ସହ ବିନିକା ଥାନା କେସ ନମ୍ବର ୧୭୯ ତା ୬/୯/୨୫ ରିଖ ଅନୁସାରେ ଏକ ମକଦ୍ଦମା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା ।

# ଧନ-ଧାନ୍ୟ କୃଷି ଯୋଜନା, ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନର ଜିଲ୍ଲାସ୍ତରୀୟ ଶୁଭାରମ୍ଭ

ବରଗଡ, ନ୍ୟୁଜ ବ୍ୟୁରୋ
ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଦେଶର ୧୦୦ଟି ଜିଲ୍ଲାରେ ଧନ-ଧାନ୍ୟ କୃଷି ଯୋଜନା ଏବଂ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ କାର୍ଯ୍ୟକ୍ରମରେ ଯୋଗଦେଇ ଏହି ସବୁ ଯୋଜନା ଗୁଡ଼ିକ କୃଷିକ୍ଷେତ୍ରରେ କୃଷକମାନଙ୍କୁ ଆତ୍ମନିର୍ଭର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ। ଏଥିସହିତ ରାଜ୍ୟର କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ ଓ ନୂଆପଡ଼ା ଜିଲ୍ଲାରେ ମଧ ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା କାର୍ଯ୍ୟକାରୀ ହେବା ସହ ସମ୍ବଲପୁରର ବସନ୍ତପୁର ଠାରେ ୧୦୦ କୋଟି ଟଙ୍କା ବିନିଯୋଗରେ ଏକ ଅତ୍ୟାଧୁନିକ ସମନ୍ୱିତ ଆକ୍ୱା ପାର୍କ ଏବଂ



ଭୁବନେଶ୍ୱରର ପାଣ୍ଡରା ଠାରେ ପ୍ରାୟ ୬୦ କୋଟି ଟଙ୍କାରେ ଅତ୍ୟାଧୁନିକ ମାଛ ମାର୍କେଟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ନେଇ ଖୁସି ବ୍ୟକ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସ୍ଥିତ ସଭା ଗୃହରେ ଆୟୋଜିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ମାନ୍ୟବର ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, ଧନ-ଧାନ୍ୟ କୃଷି ଯୋଜନା, ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନ କୃଷିକ୍ଷେତ୍ରରେ କୃଷକମାନଙ୍କୁ ଆତ୍ମନିର୍ଭର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଏବଂ ଏହି ଯୋଜନା ଦ୍ୱାରା ଚାଷୀମାନେ କେବଳ ଧାନ ଉପରେ ନିର୍ଭର ନ ହୋଇ ଡାଲି, ତୈଳବିଜ ଓ ଅନ୍ୟାନ୍ୟ ଅର୍ଥକାରୀ ଫସଲ ଚାଷ କରି ଲାଭବାନ ହେବେ।ମୋଦୀଜୀଙ୍କ ସରକାର ୨୦୧୪ ମସିହାରୁ କୃଷକଙ୍କ ପାଇଁ ଏଭଳି ଅନେକ ଅଭୂତପୂର୍ବ କଲ୍ୟାଣକାରୀ ଯୋଜନାଗୁଡିକ ପ୍ରଣୟନ କରିଆସୁଛନ୍ତି, ଯାହା ଫଳରେ ଆଜି କୃଷକ ସମାଜର ସର୍ବାଙ୍ଗୀନ ଉନ୍ନତି ସମ୍ଭବ ହୋଇପାରିଛି। ଗତ ୧୧ ବର୍ଷ ଭିତରେ ଆମ ଦେଶ ଅନେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇ ପାରିଛି । ଦେଶକୁ ପ୍ରମୁଖ ଖାଦ୍ୟ ଶସ୍ୟ, ତୈଳବୀଜ ଓ ଡାଲି ଜାତୀୟ ପଦାର୍ଥ ଦିଗରେ ଆତ୍ମନିର୍ଭର କରିବା ଆବଶ୍ୟକ। ଆମ ଦେଶ ଡାଲି ଏବଂ ଖାଇବା ତେଲ ପାଇଁ ବିଦେଶ ଉପରେ ନିର୍ଭରଶୀଳ । ଆମକୁ ଏହି ନିର୍ଭରଶୀଳତାକୁ ହ୍ରାସ କରିବାକୁ ପଡିବ। ଆମ ସରକାର ୨୦୨୫-୨୬ ବଜେଟରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ବିକାଶ ପାଇଁ ୩୭ ହଜାର ୮୩୮ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରିଛନ୍ତି। ସବୁଠାରୁ ବଡ ଯୋଜନା ହେଉଛି ସମୃଦ୍ଧ କୃଷକ ଯୋଜନା ଯାହା ଫଳରେ ଓଡିଶାର ଚାଷୀମାନେ ପ୍ରତି କୁଇଣ୍ଟାଲ ପିଛା ଗଝଚ ଓ ଇନ୍‌ପୁଟ ସହାୟତା ମିଶି ୩୧୦୦ ଟଙ୍କା ପାଉଛନ୍ତି । ଜିଲ୍ଲାପାଳ ଶ୍ରୀ ଆଦିତ୍ୟ ଗୋୟଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହି ଦୂରଦୃଷ୍ଟିସମ୍ପନ୍ନ କୃଷକ କଲ୍ୟାଣ କାର୍ଯ୍ୟକ୍ରମ 'ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା'ର ଶୁଭାରମ୍ଭ ଦ୍ୱାରା ଚାଷୀ ପରିବାର ସ୍ୱଚ୍ଛଳ ହେବେ ଏବଂ ସେମାନଙ୍କ ଆୟରେ ନିଶ୍ଚିତ ଭାବେ ବୃଦ୍ଧି ହେବ । ଏହି ଯୋଜନା ଦ୍ୱାରା ଚାଷୀଭାଇମାନେ କେବଳ ଧାନ ଉପରେ ନିର୍ଭର ନ ହୋଇ ଡାଲି, ତୈଳବିଜ ଓ ଅନ୍ୟାନ୍ୟ ଅର୍ଥକାରୀ ଫସଲ ଚାଷ କରି ଫସଲର ବିବିଧକରଣ କରିବେ ଏବଂ ଅଧିକ ଅର୍ଥ ରୋଜଗାର କରିପାରିବେ ବୋଲି କହିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲୋଚନ ଚନ୍ଦ୍ର ମାଝୀଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ସିଡ଼ିଭିଓ ବିରୁପାକ୍ଷ ନାୟକ, ଡ଼ିଆରସିଏସ ଯୁଗଳ କିଶୋର ଦାସ, ଅତିରିକ୍ତ କୃଷି ଉଦ୍ୟାନ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା ପ୍ରମୁଖ ଉପସ୍ଥିତ ଥିବା ବେଳେ ଜିଲ୍ଲାର ସମସ୍ତ ବ୍ଲକରୁ ଶତାଧିକ ଚାଷୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଗୁହାଳପୁରରେ ମାଇନ୍ସ ବିଭାଗର ଚଢଉ

# ବାଲି ବୋଝେଇ ଟ୍ରାକ୍ଟର ଜବତ : ଲକ୍ଷାଧିକ ଟଙ୍କା ଫାଇନ

କୋଣାର୍କ, ନ୍ୟୁଜ ବ୍ୟୁରୋ
ପୁରୀ ଜିଲ୍ଲା କୋଣାର୍କ ଥାନା ଅନ୍ତର୍ଗତ ଅବଦାନ ପଞ୍ଚାୟତ ଗୁହାଳପୁର ଗ୍ରାମରେ ମାଇନ୍ସ ବିଭାଗ ପକ୍ଷରୁ ଅଚାନକ ଚଢଉ କରାଯାଇଥିଲା। ପୁରୀ ଜିଲ୍ଲା ଲଘୁ ଓ ଖଣିଜ ବିଭାଗ ଅଧିକାରୀ ସମୀର ମିଶ୍ରଙ୍କ ନେତୃତ୍ୱରେ ବନ୍ଧୁକ ଧାରୀ ପୋଲିସ୍ ଫୋର୍ସ ସହ ଚଢ଼ଉ ସମୟରେ ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଥିଲେ। ବାଲି ଘାଟ ସ୍ଥଳରୁ ବାଲି ମାଫିଆ ମାନେ ଖସି ଜଙ୍ଗଲକୁ ଦୌଡ଼ି ପଳାଇଥିଲେ। କେତେକ ଟ୍ରାକ୍ଟର ମଧ ବାଲି ଢାଳି ଜଙ୍ଗଲରେ ଖସି ପଳାଇଥିଲେ। ଉକ୍ତ ଗ୍ରାମରୁ ବାଲି ମାଫିଆ ମାନେ ଟ୍ରାକ୍ଟର ମାଲିକଙ୍କ ସହାୟତାରେ ଦୈନିକ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ କରୁଥିବା ନେଇ ପରିବେଶବିତ୍ ଓ ଗ୍ରାମବାସୀମାନେ ଅଭିଯୋଗ କରି ଆସୁଥିଲେ। ସରକାରୀ ଜମିରୁ ପ୍ରାକୃତିକ ବାଲିବନ୍ତରୁ ବାଲି



ଚୋରା ଚାଲାଣ ଓ ମୂଲ୍ୟବାନ ଗଛ କାଟି ଉକ୍ତ ଗ୍ରାମର କେତେକ ବାଲି ମାଫିଆମାନେ ଦୈନିକ ବାଲି ବିକ୍ରି କରୁଛନ୍ତି। ତାଙ୍କୁ ସେହି ଗ୍ରାମର ଜଣେ ରାଜନୈତିକ ଦଳର କୁଜି ନେତା ସହଯୋଗ କରୁଥିବା ଭିତିରି ସୂଚନା ମିଳିଛି। ଯାହା ଫଳରେ ବାଲି ମାଫିଆମାନେ ତହସିଲ ପ୍ରଶାସନ ଓ ପୋଲିସକୁ ବି ଖାତିର କରନ୍ତି ନାହିଁ। ଜବତ ଟ୍ରାକ୍ଟର କୋଣାର୍କ ଥାନା ହେପାଜତରେ ଥିବା ବେଳେ ମାଇନ୍ସ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ଫାଇନ ହୋଇଥିବା ସୂଚନା ମିଳିଛି। କିନ୍ତୁ ଗୁହାଳପୁର ଗ୍ରାମର ୩ଜଣ ବାଲି ମାଫିଆ ଘଟଣା ସ୍ଥଳରୁ ଖସି ପଳାଇଥିବା ବେଳେ ଓ ଅନ୍ୟ ଜଣେ ବାଲି ବୋଝେଇ ଟ୍ରାକ୍ଟର ମଧ ଫେରାର ହୋଇଯାଇଛି। ଆଗାମୀ ଦିନରେ ବ୍ୟାପକ ଚଢ଼ଉ କରାଯାଇ ଅନ୍ୟ ଟ୍ରାକ୍ଟର ଜବତ ସହ ବାଲି ମାଫିଆଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ଼ ପଦକ୍ଷେପ ନିଆଯିବ ବୋଲି ଖଣିଜ ଅଧିକାରୀ ସୁଚନା ଦେଇଛନ୍ତି।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମେଶବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର





**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୩ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୭, କଳିଯୁଗାବ୍ଦାଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୯ଙ୍କ

**ତା୧୩।୧୦।୨୦୨୫, ଆଶ୍ୱିନ ଦି୨୭ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୪୦।୪୧ ଚନ୍ଦ୍ରୋଦୟ-ରାଘ୧୧।୦୭।୦୭**

**ସପ୍ତମୀ-**ଦିଘ ୧୨।୨୫ ପର୍ଯ୍ୟନ୍ତ । **ଆର୍ଦ୍ରା ନକ୍ଷତ୍ର-** ଦିଘ ୧୨।୨୮ ପର୍ଯ୍ୟନ୍ତ । **ମିଥୁନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** କନ୍ୟା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ଦିଘ ୧୨।୨୫ ପରେ ନଡ଼ିଆ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୪ ଗତେ ଘ ୭।୧୧ ମଧ୍ୟେ । ଦିଘ ୮।୫୦ ଗତେ ଘ ୧୧।୦୯ ମଧ୍ୟେ ।


**ପର୍ବୋତ୍ସବ-** ଆନ୍ତର୍ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ।




**ମେଷ:** ଆଜି ଦିନଟି ସେତେ ଭଲରେ କଟିବନାହିଁ। ମନରେ ଅଶାନ୍ତି ସୃଷ୍ଟି ହେବ। ପାରିବାରିକ ଜଞ୍ଜାଳ ସୃଷ୍ଟି ହେବ। କର୍ମକ୍ଷେତ୍ରରେ ଅସହଯୋଗ ଦେଖାଦେବ। ରୋଜଗାର ମଧ୍ୟମ ଧରଣର ହେବ ।



**ବୃଷ:** କର୍ମକ୍ଷେତ୍ରରେ ପଥରୋଧର ସମ୍ମୁଖୀନ ହେବେ। ସାର୍ବଜନୀନ କାର୍ଯ୍ୟରେ ଯୋଗଦାନ କରିବେ। ରୋଜଗାର ଭଲ ହେବ। ବନ୍ଧୁଙ୍କ ସହ ମତାନ୍ତର ସୃଷ୍ଟି ହୋଇପାରେ। ଗୃହେ ଅଶାନ୍ତି ଦେଖାଦେବ ।



**ମିଥୁନ:** କାର୍ଯ୍ୟ କ୍ଷେତ୍ରରେ ସଫଳତା ହାସଲ ହେବ। ଦେହ ସୁସ୍ଥ ରହିବା ସହିତ ଆୟରେ ଅଗ୍ରଗତି ହେବ। ଧନ ପ୍ରାପ୍ତିର ଯୋଗ ରହିଛି। ଦୂରଯାତ୍ରାରେ ପରିଶ୍ରମ କିନ୍ତୁ ସଫଳତା ପ୍ରାପ୍ତି ହେବ ।



**କର୍କଟ:** ଦୂରଯାତ୍ରା କରିପାରନ୍ତି। ଆନନ୍ଦରେ ଦିନ କଟିବ। କୌଣସି ନୂତନ ସ୍ଥାନକୁ ଭ୍ରମଣରେ ଯିବାର ଯୋଜନା କରିବାର ଆଶା ମଧ୍ୟ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଗୃହେ ଶାନ୍ତି ଲାଭ ।




**ସିଂହ:** ସୁସ୍ଥତା ଅନୁଭବ କରିବେ। ଆୟ ଓ ବ୍ୟୟ ସମାନ ରହିବ। ଅଳସୁଆ ହେବେ। କୁଟୁମ୍ବେ ସୁଖ ଅଧିକ। ବିଶ୍ରାମ ହେତୁ କାର୍ଯ୍ୟନାଶ ବା ପ୍ରତାରଣାର ଶିକାର ହେବେ। ମହିଳାମାନେ କର୍ତ୍ତବ୍ୟ ନିଷ୍ଠ ହେବେ ।



**କନ୍ୟା:** କର୍ମକ୍ଷେତ୍ରରେ ବିଳମ୍ବତା ହେତୁ କାର୍ଯ୍ୟ ନାଶ ହେବ। କୌଣସି କାର୍ଯ୍ୟ ସୁରୁଖୁରୁରେ ହେବନାହିଁ। ବାଧା ବନ୍ଧନ ପରି ପରିସ୍ଥିତି ସୃଷ୍ଟି ହେବ। ଦେହ ସୁଖ ଲାଭ କରିବେ। ଆୟ ସ୍ଥିର ରହିବ ।



**ତୁଳା:** ମନରେ ସରସତା ରହିବ। ଆୟର ପରିମାଣ ବୃଦ୍ଧି ପାଇବ। ସହକର୍ମୀମାନଙ୍କ ସାହାଯ୍ୟ ଲାଭ କରିବେ। ପରିଶ୍ରମରେ ସଫଳ ପ୍ରାପ୍ତ ହେବ। ପାରିବାରିକ ଜଞ୍ଜାଳ ବଢ଼ିବାର ଆଶା ।



**ବିଛା:** ପାରିପାର୍ଶ୍ୱିକ ଅବସ୍ଥାର ପରିବର୍ତ୍ତନ ହେବ। ପ୍ରାୟତଃ ସୌଖିନ୍ୟ କାର୍ଯ୍ୟରେ ନିୟୋଜିତ କରିବେ। ଉଚ୍ଚ ସମ୍ମାନ ପ୍ରାପ୍ତ ହେବ। ବାକିଥିବା କାର୍ଯ୍ୟକୁ ସମ୍ପନ୍ନ କରିବେ। ଗୃହେ ଆନନ୍ଦ ଲାଭ ହେବ ।



**ଧନୁ:** ଇଚ୍ଛା କରିଥିବା କାର୍ଯ୍ୟ ସମ୍ପାଦନରେ ବାଧା ଉପୁଜିବ। ମନ ସଙ୍କୁଚିତ ହେବ। ପାରିବାରିକ ଅଶାନ୍ତିର ଆଶଙ୍କା। ଆୟ ଓ ବ୍ୟୟ ସମାନ ରହିବ। ଦ୍ରବ୍ୟହାନୀ ଯୋଗ ମଧ୍ୟ ରହୁଛି। କଚେରି ମାମଲାରେ ସଫଳତା ମିଳିବ ।



**ମକର:** କଳହର ପରିମାଣ ବଢ଼ିବ। ଭାତୃ ବିବାଦ ଦେଖାଦେବାର ସୂଚନା। ଆୟର ପରିମାଣ ବଢ଼ିବ। ପରିଶ୍ରମାନୁଯାୟୀ ଫଳ ଲାଭ କରିବେ। ଗୃହେ ସୁଖ ସନ୍ତୋଷ ଲାଭ କରିବେ। ମନ ଅସ୍ଥିର ରହିବ ।



**କୁମ୍ଭ:** ହାତେ ହାତେ କୃତକର୍ମର ଫଳ ଲାଭ କରି ଆନନ୍ଦିତ ହେବେ। ସାଧାରଣରେ ଯଶ ଖ୍ୟାତି ବଢ଼ିବ। ପରିଶ୍ରମ ଅନୁଯାୟୀ ଫଳ ମିଳିପାରେ। ଘରେ ଆନନ୍ଦ। ଆୟ ଓ ବ୍ୟୟ ସମାନ ରହିବ ।



**ମୀନ:** ସ୍ୱାଧୀନତା ରହିବନାହିଁ। କର୍ମକ୍ଷେତ୍ରରେ ବିଚଳିତ କରିବେ। ଆୟରେ ବାଧା ଦେଖାଦେବାର ସମ୍ଭାବନା। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପ୍ରାପ୍ତ ହେବ। ମହିଳାମାନେ ସୁଖୀ ହେବେ। ଦେହ ଭଲ ରହିବ ।

# ଅଭିଜିତ ମଜୁମଦାରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ: ପୁଣି ଆଇସିୟୁରେ ଭର୍ତ୍ତି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ । ପୁଣିଥରେ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି ଅଭିଜିତ। ଗତ ୨୪ ଘଣ୍ଟାରେ ତାଙ୍କର ସ୍ଥିତି ଅଧିକ ଖରାପ ହୋଇଥିବା ସୂଚନା ଦେଇଛି ଭୁବନେଶ୍ୱର ଏମ୍ସ। ତାଙ୍କର ସ୍ନାୟୁ ଜନୀତ ସମସ୍ୟାରେ କୌଣସି ସୁଧାର ହୋଇନାହିଁ। ସେ ନିରନ୍ତର ଅଚେତ ଅବସ୍ଥାରେ ଅଛନ୍ତି ବୋଲି ଭୁବନେଶ୍ୱର ଏମ୍ସ କର୍ତ୍ତୃପକ୍ଷ ଜଣାଇଛନ୍ତି। ତାଙ୍କ ଯାଞ୍ଚରେ ମିଳିଛି ଯେ, ସେ ଅସମୋଟିକ୍ ଡେମିଲେସନ ସିଣ୍ଡ୍ରୋମ ନାମକ ଏକ ସ୍ନାୟୁ ଜନୀତ ରୋଗରେ ପୀଡ଼ିତ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୩ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୭, କଳିଯୁଗାବ୍ଦାଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୯ଙ୍କ

**ତା୧୪।୧୦।୨୦୨୫, ଆଶ୍ୱିନ ଦି୨୮ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୪୦।୫୯ସେକେଣ୍ଡ ମିଥୁନ ଚନ୍ଦ୍ର- ପ୍ରାଘ୫।୩୯।ପର୍ଯ୍ୟନ୍ତ**

**ଅଷ୍ଟମୀ-**ଦିଘ୧୧।୧୦ ପର୍ଯ୍ୟନ୍ତ । **ପୂର୍ଣବସୁନକ୍ଷତ୍ର-** ଦିଘ ୧୧।୫୬ ପର୍ଯ୍ୟନ୍ତ । **ବିଛାଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ,ମିଥୁନ, କର୍କଟ,ସିଂହ,ଧନୁ, ମକର ଓ ମୀନ ରାଶୀରପ୍ରାଘ୫।୪୯ ଗତେ ମେଷ,ବୃଷ,ମିଥୁନ, କର୍କଟ,ସିଂହ,ଧନୁ, ମକର ଓ ମୀନରାଶୀର । **ଘାତ ଚନ୍ଦ୍ର-** ପ୍ରାଘ ୫।୫୨ମଧ୍ୟେ କନ୍ୟା ରାଶିର **ଶ୍ରାଦ୍ଧନିର୍ଣ୍ଣୟ-** ଅଷ୍ଟମୀର ଏକଦ୍ଦୀଷ୍ଟ ପାର୍ବଣ ଶ୍ରାଧ । **ନିଷିଦ୍ଧ ଖାଦ୍ୟ-**ନଡିଆ ଦିଘ ୧୧।୧୦ ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୫ ଗତେ ଘ ୭।୩୦ ମଧ୍ୟେ ।ଦିଘ୮।୩୯ ଗତେ ଦିଘ ୮।୩୯ଗତେ ଘ୧୧।୦୯ ମଧ୍ୟେ ।

# ଉତ୍ତର ଭାରତରେ ଜନସଂଖ୍ୟା ଓ ନବଜାତ ଶିଶୁଙ୍କ ଜନ୍ମ ହାର ବୃଦ୍ଧି

ଏକଦା ୟଙ୍ଗ ଇଣ୍ଡିଆ ବା ୟଙ୍ଗିସ୍ତାନ ଭାବେ ପରିଚିତ ହେଉଥିବା ଭାରତ ଏବେ ବୁଢ଼ା ହେବାରେ ଲାଗିଛି। ଦେଶର ଜନସଂଖ୍ୟାର ହାରାହାରି ୧୦%ଙ୍କ ବୟସ ୬୦ ବର୍ଷ ଅତିକ୍ରମ କରିଛି। ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆ (ଆରଜିଆଇ)ଙ୍କ ନମୁନା ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି ଏବଂ ଦେଶରେ ୧୪ ବର୍ଷରୁ କମ୍ ବୟସ୍କ ପିଲାଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବରେ ହ୍ରାସ ଘଟିଥିବା ରିପୋର୍ଟରେ କୁହାଯାଇଛି । ରିପୋର୍ଟ ଅନୁସାରେ ସମ୍ପ୍ରତି ପ୍ରତି ଦଶ ଜଣ ଭାରତୀୟଙ୍କ ମଧ୍ୟରୁ ପ୍ରାୟ ଜଣେ ଏବେ ୬୦ ବର୍ଷରୁ ଅଧିକ ବୟସର ଓ ୬.୪% ଲୋକଙ୍କ ବୟସ ୬୫ ବର୍ଷରୁ ଅଧିକ। ୨୦୧୧ ଜନଗଣନା ସମୟରେ ୬୦ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ୮.୬% ରହିଥିବା ବେଳେ ଏବେ ତାହା ୯.୭% ଅତିକ୍ରମ କରିଛି। ଲୋକଙ୍କର ଜୀବନକାଳ ବୃଦ୍ଧି ଓ ପ୍ରଜନନ କ୍ଷମତା ହ୍ରାସ ଭାରତକୁ ଏକ ବୃଦ୍ଧ ଦେଶରେ ପରିଣତ କରିବ ବୋଲି ଏଥିରେ ଆଶଙ୍କା କରାଯାଇଛି। ଜନସଂଖ୍ୟା ନିର୍ଦ୍ଦେଶକଙ୍କ ଏହି ରିପୋର୍ଟ ସମାଜ ତତ୍ତ୍ୱବିତ୍‌ମାନଙ୍କୁ ଚିନ୍ତିତ କରିଛି। ଦେଶ ନିକଟ ଭବିଷ୍ୟତରେ ବୟସ୍କ ଜନସଂଖ୍ୟାର ଚାପର ସମ୍ମୁଖୀନ ହେବ ଓ ବାର୍ଦ୍ଧକ୍ୟ ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭ କରି ପେନସନ ଓ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମର ଆବଶ୍ୟକତା ଅଧିକ ଅନୁଭବ ହେବ। ସମ୍ପ୍ରତି କେରଳରେ ବୟସ୍କ ନାଗରିକଙ୍କ ହାର ସାରା ଦେଶରେ ସର୍ବାଧିକ ୧୫.୧ ପ୍ରତିଶତ ରହିଛି। ଏହା ପଛକୁ ତାମିଲନାଡୁରେ ଏହା ୧୪ %, ହିମାଚଳରେ ୧୩.୨ % ଥିବା ସୂଚନା ମିଳିଛି। ଏହାବ୍ୟତୀତ ପଞ୍ଜାବ ଓ ମହାରାଷ୍ଟ୍ରରେ ମଧ୍ୟ ବୟସ୍କ ନାଗରିକଙ୍କ ସଂଖ୍ୟା ଅନ୍ୟ ରାଜ୍ୟ ତୁଳନାରେ ଅଧିକ ରହିଛି। ଅନ୍ୟପକ୍ଷରେ ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଆଦି ରାଜ୍ୟଗୁଡ଼ିକରେ ବୟସ୍କ ନାଗରିକଙ୍କ ସଂଖ୍ୟା ତୁଳନାତ୍ମକ ଭାବରେ ଅନ୍ୟ ରାଜ୍ୟଠାରୁ କମ୍ ଅର୍ଥାତ୍ ୭%ରୁ ୮% ମଧ୍ୟରେ ସୀମିତ ରହିଛି । ଉତ୍ତର ଭାରତରେ ଜନସଂଖ୍ୟା ଓ ନବଜାତ ଶିଶୁଙ୍କ ଜନ୍ମ ହାର ବୃଦ୍ଧି ଏକ ସ୍ଥିର ସ୍ଥିତି ସୃଷ୍ଟି କରିଥିବାବେଳେ ଦକ୍ଷିଣ ଓ ପଶ୍ଚିମ ଭାରତରେ ପ୍ରଜନନ ହାର ହ୍ରାସ ଅସ୍ଥିରତା ସୃଷ୍ଟି କରିଛି। ଅନ୍ୟପକ୍ଷରେ ସମ୍ପ୍ରତି ଭାରତୀୟ ପୁରୁଷମାନଙ୍କର ହାରାହାରି ଆୟୁ ବୃଦ୍ଧି ପାଇ ୬୮.୫ ବର୍ଷ ଓ ମହିଳାମାନଙ୍କ ହାରାହାରି ଆୟୁ ୭୨.୫ ବର୍ଷରେ ପହଞ୍ଚିଛି। କେରଳ ଓ ଦିଲ୍ଲୀ ଭଳି ରାଜ୍ୟଗୁଡ଼ିକରେ ଏହି ଆୟୁ ବର୍ଗ ଯଥାକ୍ରମେ ୭୮ ବର୍ଷ ଓ ୭୪ ବର୍ଷରେ ପହଞ୍ଚିଛି । ଏକପକ୍ଷରେ ହାରାହାରି ଆୟୁ ବୃଦ୍ଧି ଓ ବୟସ୍କଙ୍କ ଜୀବନକାଳ ବଢୁଥିବାବେଳେ କମ୍ ଶିଶୁ ଜନ୍ମ ଦେଶକୁ ବୟସ୍କ କରିଦେଉଛି। ସେହିପରି ବୟସ୍କମାନଙ୍କ ସଂଖ୍ୟା ବୃଦ୍ଧି ଦେଶର ଅର୍ଥନୀତିକୁ ଅଧିକ ପ୍ରଭାବ ପକାଇବା ଆଶଙ୍କା କରୁଛନ୍ତି ସମାଜତତ୍ତ୍ୱବିତ୍। ବୃଦ୍ଧ ଲୋକଙ୍କ ପାଇଁ ଅଧିକ ଚିକିତ୍ସାର ଆବଶ୍ୟକତା ସହ ମଧୁମେହ, ହୃଦରୋଗ, ଆର୍ଥାଇଟିସ୍ ପରି ଦୀର୍ଘକାଳୀନ ରୋଗର ମୁକାବିଲା, ପେନସନ ଓ ସାମାଜିକ ସୁରକ୍ଷା ଦେଶର ଆର୍ଥିକ ବ୍ୟବସ୍ଥାକୁ ଚାପଗ୍ରସ୍ତ କରିପାରେ ବୋଲି ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ ଯୁବବର୍ଗ ରାଜ୍ୟ ତଥା ଦେଶର ଆର୍ଥିକ ଅଭିବୃଦ୍ଧିକୁ ଇନ୍ଧନ ଯୋଗାଉଥିବାବେଳେ ଅଧିକ ବୃଦ୍ଧ ଥିବା ରାଜ୍ୟଗୁଡ଼ିକରେ ଶ୍ରମ ଶକ୍ତି ସଙ୍କୁଚିତ ହୋଇପାରେ ବୋଲି ମଧ୍ୟ କିଛି ଆଶଙ୍କା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଯଦି ବର୍ତ୍ତମାନର ଧାରା ଜାରି ରହେ, ତେବେ ଭାରତ ଖୁବ୍ ଶୀଘ୍ର ଚୀନ୍, ଜାପାନ ଏବଂ ୟୁରୋପ ପରି ସମାନ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇପାରେ ବୋଲି ଅନେକ ଆଶଙ୍କା କରୁଛନ୍ତି ।

# ଗଡ଼ଜାତ ମିଶ୍ରଣ



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଫିରିଙ୍ଗିଙ୍କ ଓଡ଼ିଶା ବିଜୟ ସମାପ୍ତ (୧୮୦୩)। ନଦୀନାଳ, ବଣପାହାଡ଼ ଘେରା ଓଡ଼ିଶା। ଏ ପ୍ରକାର ଭୌଗୋଳିକ ସ୍ଥିତି। ଏଥି ସହିତ ସେମାନେ ସମ୍ପୂର୍ଣ୍ଣ ଅନଭିଜ୍ଞ। ଆରମ୍ଭ କଲେ ଆପଣାର 'ତୋଗଲକି' ନୀତି। ଶାସନର ସୁବିଧା ପାଇଁ ବାଟ ଉଣ୍ଡିଲେ। ଖଣ୍ଡ ଖଣ୍ଡ କରିଦେଲେ ଓଡ଼ିଶାକୁ। ଗଡ଼ଜାତ ଅଞ୍ଚଳକୁ ସମ୍ପୂର୍ଣ୍ଣ ଅଣଦେଖା କଲେ। ଜନ୍ ମେଲ୍‌ଭିନ୍, କର୍ଣ୍ଣେଲ ହାରକୋର୍ଟ - ଏ ଦୁଇ ଇଂରେଜ ଅଫିସର; ଏକ ରାଜିନାମା ସ୍ୱାକ୍ଷର କରାଇ ନେଲେ। ଓଡ଼ିଶାର ପ୍ରତ୍ୟେକ ରାଜା ବାର୍ଷିକ ଏକ ନିର୍ଦ୍ଦିଷ୍ଟ କର ପଇଠ କରିବେ, ତାହା ଫିରିଙ୍ଗି ରାଜାକୋଷକୁ ଯିବ। ଇଂରେଜମାନେ ସେହିସବୁ ଅନୁଗତ ରାଜାଙ୍କୁ ସୁରକ୍ଷା ଦେବେ - ଏହା ଥିଲା ବଶ୍ୟତା ସୂଚକ ଅଙ୍ଗୀକାର ପତ୍ରର ସାରାଂଶ। ଏହାକୁ ରାଜାଏ ବିନା ଦ୍ୱିଧାରେ ମାନିନେଲେ। ସମ୍ବଲପୁର, ତତ୍‌ସଂଲଗ୍ନ କେତୋଟି ରାଜ୍ୟ। ପ୍ରଥମେ ଏ ପ୍ରସ୍ତାବକୁ ଗ୍ରହଣ କରି ନ ଥିଲେ। ପରବର୍ତ୍ତୀ କାଳରେ ମାନିନେଲେ। ଓଡ଼ିଶାରେ ଚାଲିଲା ବିଚିତ୍ର ଶାସନ। ରାଜାଏ କର ପଇଠ କରିଦେଲେ। ହୋଇଗଲେ ସର୍ବେସର୍ବା। ସେମାନଙ୍କ ପ୍ରଜାପୀଡ଼ନ ମାତ୍ରାଧିକ୍ୟ ହେଲା। ସୃଷ୍ଟି ହେଲା ଗଭୀର ଜନ ଅସନ୍ତୋଷ। ଚାରିଆଡ଼େ ଅବ୍ୟବସ୍ଥା। ଶେଷରେ ବ୍ରିଟିଶ ସାମ୍ରାଜ୍ୟବାଦର ପତନ ହେଲା (ଅଗଷ୍ଟ ୧୫, ୧୯୪୭)। ୧୯୪୭ ମସିହା ଡିସେମ୍ବର ୧୪ ତାରିଖ, ଭାରତର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟଙ୍କ ନିର୍ଦ୍ଦେଶଟି କାର୍ଯ୍ୟକାରୀ ହେଲା। ସେଇ ସବୁ ସାମନ୍ତ ରାଜ୍ୟ ଓଡ଼ିଶା ସହ ମିଶିଲା। ଏଇଟି ଏକ ଐତିହାସିକ ଘଟଣା।

ସାମ୍ରାଜ୍ୟବାଦୀ ଗଙ୍ଗରାଜତ୍ୱ, ଗଜପତି ରାଜତ୍ୱ - ସେଇ ସମୟରୁ ଗଡ଼ଜାତ ରାଜାମାନେ ସାର୍ବଭୌମ ଅଧିପତି ଭାବେ ସ୍ୱୀକୃତ। ଆବିର୍ଭାବ ଘଟିଲା ଛୋଟବଡ଼ ସାମନ୍ତରାଜାଙ୍କର। ସେମାନେ ଗଜପତିଙ୍କ ପ୍ରତି ଅନୁରକ୍ତ ରହିଲେ। ଜଗନ୍ନାଥ ଧର୍ମର ମହିମା କୀର୍ତ୍ତନ କଲେ। ପୁରୀ ଶ୍ରୀମନ୍ଦିରର ନିର୍ମାଣ ନିମନ୍ତେ ସାଧ୍ୟମତେ ସାହାଯ୍ୟ କଲେ। ପୁରୀରୁ ବ୍ରାହ୍ମଣଙ୍କୁ ଅଣାଇଲେ। ନିଜ ରାଜ୍ୟରେ ସ୍ଥାୟୀ ବାସିନ୍ଦା କଲେ। ଭୂସମ୍ପତ୍ତି ମଧ୍ୟ ଖଞ୍ଜା କଲେ। ସାମନ୍ତ ରାଜାମାନେ ଜଗନ୍ନାଥଙ୍କ ସହିତ ଘନିଷ୍ଠ ଭାବେ ସମ୍ପର୍କିତ ହୋଇଗଲେ। ମରହଟ୍ଟା, ମୋଗଲ ଶାସନକାଳରେ ଏଇ ବ୍ୟବସ୍ଥାଟି ଅତୁଟ ରହିଥିଲା। ସାମନ୍ତ ରାଜାଏ ଜନଜାତି ସମ୍ପ୍ରଦାୟର। ପରେ କ୍ଷତ୍ରୀୟ ରୂପେ ନିଜକୁ ପ୍ରତିଷ୍ଠା କଲେ। ଗଜପତିଙ୍କ ସହ ସାମାଜିକ ସମ୍ପର୍କ ଗଢ଼ିଲେ। ସେମାନଙ୍କର ଗୋଟେ ସ୍ୱତନ୍ତ୍ର ଗୋଷ୍ଠୀ ତିଆରି ହେଲା। ପ୍ରାଚୀନ ଭାରତୀୟ ପରମ୍ପରା ଅତୁଟ ରହିଲା। ସେମାନେ ହେଲେ ରାଜତନ୍ତ୍ରର ପ୍ରତୀକ। ସେଇ ରାଜାମାନଙ୍କୁ ଜନଜାତି ମାନିଲେ, ସମ୍ମାନ କଲେ। ଏହାର ଦୁଇଟି କାରଣ - (୧) ଭୟ, (୨) ସୁଶାସନ। ସାମନ୍ତ ରାଜାଏ, ରଥଯାତ୍ରା ସମୟରେ ଗଜପତିଙ୍କୁ ଭେଟି ଦେଲେ, ଯୁଦ୍ଧ ସମୟରେ ବି ସାହାଯ୍ୟ କଲେ। ସମୟ କ୍ରମେ ସାମନ୍ତ ରାଜାଙ୍କର ଭିନ୍ନ ଏକ ପରିଚୟ ସୃଷ୍ଟି ହେଲା। ସେମାନଙ୍କୁ ଗଡ଼ଜାତ ରାଜା କୁହାଗଲା। ଓଡ଼ିଆ ଜାତିର ଚଳଣି, ପର୍ବପର୍ବାଣି, ସାମାଜିକ ବିଧିବିଧାନ ବ୍ୟବସ୍ଥା- ସବୁ ସେମାନଙ୍କ ଦ୍ୱାରା ଗୃହୀତ ହେଲା। ଜଗନ୍ନାଥଙ୍କ ପଞ୍ଜିକା, ସାମାଜିକ ଚଳଣି ଉପରେ ଏହା ପର୍ଯ୍ୟବସିତ। ସେମାନେ ଓଡ଼ିଶା ଦେଶର ରାଜା - ଏକଥାକୁ ଇଂରେଜମାନେ ଗ୍ରହଣ କରିନେଇଥିଲେ।


ଓଡ଼ିଶାରେ ଗଡ଼ଜାତ ରାଜ୍ୟ ଛତିଶିଟି। ଏଗୁଡ଼ିକ ଦେଶୀୟ ରାଜ୍ୟ। ଏହା ମଧ୍ୟରୁ ୧୧ଟି 'କ' ଶ୍ରେଣୀ, ୧୨ଟି 'ଖ' ଶ୍ରେଣୀ, ୩ଟି 'ଗ' ଶ୍ରେଣୀୟ। ଅଗଷ୍ଟ ୧ ତାରିଖ, ୧୯୪୭ ମସିହା। ଉକ୍ତ ରାଜ୍ୟଗୁଡ଼ିକ 'ଛତିଶଗଡ଼' ଦଳଟେ ଗଠନ କଲେ। ମାତ୍ର ମୟୂରଭଞ୍ଜ, ବସ୍ତରର ରାଜା - ଏ ପ୍ରକାର ଅପକୌଶଳରୁ ନିବୃତ୍ତ ରହିଲେ। ତଥାକଥିତ 'ଛତିଶଗଡ଼' ଦଳ ରାୟପୁରର ରାଜକୁମାର କଲେଜରେ ଏକତ୍ରିତ ହେଲେ। 'ଇଷ୍ଟର୍ଣ୍ଣ ଷ୍ଟେଟ୍ ୟୁନିୟନ୍' ଗଠିତ ହେବା କଥା ଘୋଷଣା କଲେ। ଏହାର ମୁଖ୍ୟ ଦପ୍ତର 'ରାୟଗଡ଼ା'। ଏ ପ୍ରକାର ପଦକ୍ଷେପ ଗଭୀର ଜନ ଅସନ୍ତୋଷ ସୃଷ୍ଟି କଲା। ଭାରତ ସ୍ୱାଧୀନତା ପାଇଥାଏ। ତତ୍କାଳୀନ ଓଡ଼ିଶାର ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବ, ସେତେବେଳକା ଭାରତର ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ। ନିର୍ଭୁଲ କୂଟନୀତି, ଦୃଢ଼ପ୍ରତିଜ୍ଞ ମନ ତାଙ୍କୁ ବଳିଷ୍ଠ କରିଥିଲା। ସେଇଥି ପାଇଁ ସେ ଭାରତର 'ଲୌହ ମାନବ'। ତାଙ୍କ ନିକଟକୁ ମହତାବ ଦାବି ପତ୍ରଟି ପଠାଇଲେ। ସାମନ୍ତ ରାଜ୍ୟଗୁଡ଼ିକ ଏକ ଶାସନାଧୀନ ହେବେ, ଏହା ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ହେବ - ଦାବିପତ୍ରଟିର ଏହାହିଁ ମର୍ମାର୍ଥ।

ସାମନ୍ତ ରାଜାମାନେ ଅଖଣ୍ଡ କ୍ଷମତାଧାରୀ। ଶାସନ ମନମୁଖୀ, ସବୁ ପ୍ରକାର ଦଣ୍ଡ ତାଙ୍କ ହାତରେ। ମାତ୍ର ମୃତ୍ୟୁଦଣ୍ଡର ଅଙ୍କୁଶ ଫିରିଙ୍ଗି ହାତରେ। ଇଂରେଜ ନ୍ୟାୟିକ ବ୍ୟବସ୍ଥା, ମୃତ୍ୟୁଦଣ୍ଡକୁ ଅନୁମୋଦନ କରିବା ଅନିବାର୍ଯ୍ୟ। କ୍ରମେ ସେଇ ରାଜାମାନଙ୍କ ଉପରେ ଲଗାମ ଲାଗିଲା। ୧୯୨୨ ମସିହା। ଅଧକ୍ଷ ବା ସୁପରିନ୍‌ଟେଣ୍ଡେଣ୍ଟ ପଦବୀ ଲୋପ ହେଲା। ଇଂରେଜ ସରକାର ପଲିଟିକାଲ ଏଜେଣ୍ଟ ପଦ ଲାଗୁକଲେ। ସେ ହେଲେ ଗଡ଼ଜାତ ରାଜ୍ୟ ପରିଚାଳକ, କିନ୍ତୁ ଶାସକ ନୁହଁନ୍ତି। ରାଜାମାନଙ୍କ ପଦବୀ 'କିଙ୍ଗ' ନ ଥିଲା। ସେମାନଙ୍କ ଆସନ ରଜା ଅବା ମହାରାଜା। ଗାଦିଲାଭ ପରମ୍ପରା ପୁରୁଷାନୁକ୍ରମିକ। କେହି ନିଃସନ୍ତାନ ରାଜା ପୋଷ୍ୟପୁତ୍ର ଗ୍ରହଣ କଲେ। ଏଥିପାଇଁ ଲୋଡ଼ାହେଲା ଇଂରେଜ ଶାସକଙ୍କ ଅନୁମତି। ୧୯୩୦ ମସିହା, ସାଇମନ କମିଶନ ରିପୋର୍ଟଟିଏ ଦେଲେ। ଓଡ଼ିଶାରେ ଗଡ଼ଜାତ ମିଶ୍ରଣ ପ୍ରସ୍ତାବ ପାଇଁ ସୁପାରିଶ କଲେ। ୧୯୩୩ ମସିହା। ଭାରତରେ ଏକ ସୁସଂଗଠିତ ଶାସନ ବ୍ୟବସ୍ଥା ଆବଶ୍ୟକ ପଡ଼ିଲା। ସବୁ ରାଜ୍ୟବାସୀ ଏକ ଶାସନାଧୀନ ହେବେ - ଏ ମତଟି କ୍ରମେ ଦୃଢ଼ ହେବାକୁ ଲାଗିଲା। ଓଡ଼ିଆ ଅଧ୍ୟୁଷିତ ୨୬ଟି ଗଡ଼ଜାତ ରାଜ୍ୟ, କେନ୍ଦ୍ର ପ୍ରଦେଶ ଅଧୀନସ୍ଥ ୧୮ଟି ଦେଶୀୟ ରାଜ୍ୟ। ଏଗୁଡ଼ିକ ଜଣେ ପଲିଟିକାଲ ଏଜେଣ୍ଟଙ୍କ ଅଧୀନରେ ରହିଲେ। ଏ ବ୍ୟବସ୍ଥା ଚାଲିଲା ୧୯୪୭ ଯାଏ। ଏହାପରେ ରାଜ୍ୟଗୁଡ଼ିକ ଭାଗ୍ୟ ବଦଳିଲା। ଶେଷରେ ଗଡ଼ଜାତ ରାଜ୍ୟଗୁଡ଼ିକ ଓଡ଼ିଶା ସହିତ ମିଶିଲା। କଟକରେ ସେଇ ରାଜାମାନେ ଏକତ୍ରିତ। ୧୪ ଡିସେମ୍ବର, ଆସିଲେ ସର୍ଦ୍ଦାର ପଟେଲ। ଓଡ଼ିଶାରେ ହେଲା ନବସୂର୍ଯ୍ୟୋଦୟ। ଏହି ଐତିହାସିକ ଘଟଣାର ପ୍ରତ୍ୟକ୍ଷ ସାକ୍ଷୀ କବିଚନ୍ଦ୍ର କାଳୀଚରଣ। ସେଦିନର ଦୃଶ୍ୟ, ପ୍ରାଞ୍ଜଳ ଭାବେ ଆଙ୍କିଦେଲେ ଆତ୍ମଲିପି 'କୁମ୍ଭାର ଚକ'ରେ।

କଟକର ଓଡ଼ିଶା ଥିଏଟର୍ସ। କାଳୀଚରଣଙ୍କ ବିଭିନ୍ନ 'ନାଟକ' ଖେଳୁଥାଏ। ସେଦିନ ଥାଏ 'ଦଶଭୁଜା' ନାଟକ। ଆସିଲେ ଚିନ୍ତାମଣି ମିଶ୍ରେ। ସେ ଲୋକ ସମ୍ପର୍କ ବିଭାଗର ପରିଚାଳକ, କାଳୀଚରଣଙ୍କ ପୁରୁଣା ବନ୍ଧୁ। କାଳୀଚରଣଙ୍କୁ ଗୋଟେ ଗୁରୁଦାୟିତ୍ୱ ଦେଲେ। ଓଡ଼ିଶା ଆସିବେ କେନ୍ଦ୍ର ଗୃହମନ୍ତ୍ରୀ ସର୍ଦ୍ଦାର ପଟେଲ। ଏଥି ଲାଗି ଚଳଚ୍ଚିତ୍ର ଗ୍ରହଣ ହେବ। ଯେହେତୁ କାଳୀଚରଣ ଅଭିଜ୍ଞ, ତାଙ୍କରି ଉପରେ ଦାୟିତ୍ୱ ସମର୍ପି ଦେଲେ। ତା ୦୯/୧୨/ ୧୯୪୭ରିଖ, କାଳୀଚରଣ କଲିକତା ଚାଲିଲେ। କଲିକତାରେ ତାଙ୍କ ବନ୍ଧୁ ଦିଗମ୍ବର ଚାଟାର୍ଜୀ। ତାଙ୍କ ଭାଇ ନୀଳାମ୍ବର ଚାଟାର୍ଜୀ। ଏମାନଙ୍କ ସହ କଲ୍ୟାଣ ଗୁପ୍ତ, ତିନିହେଁ ଚଳଚ୍ଚିତ୍ର ନିର୍ମାଣ ସହ ସଂପୃକ୍ତ। କ୍ୟାମେରା ମ୍ୟାନ୍ ରାମପ୍ରକାଶ ରାଓ। ତା ୧୧/ ୧୨/୧୯୪୭ ରିଖରେ ସମସ୍ତେ କଟକରେ ପହଞ୍ଚିଲେ। ସବୁ ବନ୍ଦୋବସ୍ତ ଶେଷ। ଡିସେମ୍ବର ୧୩ ତାରିଖ, କାଳୀଚରଣଙ୍କ ଦଳ ଭୁବନେଶ୍ୱରରେ ପହଞ୍ଚିଲେ। ଦିନ ୧୨ଟାରେ ଆସି ପହଞ୍ଚିଲେ ପଟେଲ। ସେଠାରେ ଚିତ୍ରଗ୍ରହଣ କରାଗଲା। ଆସିଲା ସେଇ ପ୍ରତୀକ୍ଷିତ ଦିନ। ଡିସେମ୍ବର ୧୪ ତାରିଖ। କାଳୀଚରଣ ବ୍ୟସ୍ତ ବିବ୍ରତ। ଗୁରୁଦାୟିତ୍ୱ ସୁଚାରୁ ରୂପେ ତୁଲାଇବାକୁ ହେବ, ନ ହେଲେ ନିନ୍ଦା, ଅପବାଦ। ସକାଳୁ ସକାଳୁ ନାହିଁ ନଥିବା ଝଡ଼, ପବନ, ବର୍ଷା। ପ୍ରକୃତିର ଭୀଷଣ ରୂପ। ଘଡ଼ଘଡ଼ି ଚମକୁଛି। ତା' ସହିତ କାଳୀଚରଣଙ୍କ ଛାତି ଧଡ଼ଧଡ଼। ତିନ୍ତି ବୁଡ଼ି ବାହାରିଲେ। କାଠଯୋଡ଼ି କୂଳ ଲାଲବାଗ, ପୁରୁଣା କମିଶନରଙ୍କ କୋଠି। ପ୍ରଶସ୍ତ ହଲ୍। ଚାରିପଟେ ଚଉକି। ଗୋଟିଏ ଗୋଟିଏ ଚଉକିରେ ବସିଛନ୍ତି, ସେମାନେ ଜଣେ ଜଣେ ଓଡ଼ିଶାର ସାମନ୍ତ ରାଜା। ଆଉ କେହି କେହି ଆସୁଥାଆନ୍ତି। କାଳୀଚରଣ ତାଙ୍କ ସହ ଆଖି ମିଶାଉ ନାହାନ୍ତି। ସେମାନଙ୍କ ମଧ୍ୟରୁ ଅନେକ ତାଙ୍କ ଜଣାଶୁଣା। କେଉଁ ରାଜା - ଗାୟକ, ନାଟ୍ୟକାର, ଆଉ କେହିକେହି ସଙ୍ଗୀତଜ୍ଞ। କେତେଜଣ କାଳୀଚରଣଙ୍କୁ ରାଜଦରବାର ମଣ୍ଡନ ସୁବିଧା କରିଛନ୍ତି। ସମାଦର କିଛି କମ୍ କଥା ନୁହେଁ। କେତେ ସାହାଯ୍ୟ ସହାନୁଭୂତି ଦେଖେଇଛନ୍ତି। ଏଇ ରାଜାଏ କୋଣାର୍କ, ଶ୍ରୀମନ୍ଦିର ଇତ୍ୟାଦି ଗଢ଼ିଛନ୍ତି। ସେମାନଙ୍କ ପୂର୍ବଜ, କେତେଜଣ ଭୁବନ ବିଦିତ। କେହି କେହି ବି ଅତ୍ୟାଚାରୀ। ପାଞ୍ଚ ଆଙ୍ଗୁଳି ସମାନ ନୁହେଁ। ଦିନଟା ୨୪ ଘଣ୍ଟା, ଆଲୁଅ ବାରଘଣ୍ଟା, ସେତିକି ସମୟ ଅନ୍ଧାର। ତଥାପି ରାଜା ହିଁ ରାଜା। ଆଜି ଗଡ଼ଜାତ ରାଜ୍ୟ ହସ୍ତାନ୍ତର ହେବ। ହସ୍ତାନ୍ତର କରିବାକୁ ବାଧ୍ୟ। କାଳୀଚରଣ ଚେତନାହରା ହୋଇ ପଡ଼ିଲେ। ଅବଶ୍ୟ କେହି କେହି ଆନନ୍ଦ ନେଉଥିଲେ। ଏତ ଦୁନିଆର ଗତି। ଭିନ୍ନ ମଣିଷ, ନିଆରା ତାଙ୍କର ମତି, ଗତି।

ସର୍ଦ୍ଦାର ପଟେଲ ପହଞ୍ଚିଲେ। ଅଳ୍ପ କଥାବାର୍ତ୍ତା। ତା'ପରେ ଚାଲିଲା ହସ୍ତାନ୍ତର ପ୍ରକ୍ରିୟା। ଜଣ ଜଣକି 'ହସ୍ତାନ୍ତର ସ୍ୱୀକାର ପତ୍ର' ସ୍ୱାକ୍ଷର କଲେ। ନ କରି ଗତ୍ୟନ୍ତର କାହିଁ? ଭାରତ ସରକାରଙ୍କ ଆଇନ। କେବଳ ମୟୂରଭଞ୍ଜ ରାଜା ଅମଙ୍ଗ ହେଲେ। ସର୍ଦ୍ଦାରଜୀଙ୍କ ଏକା କଲମ ଗାର, ପରମ୍ପରା ମଥାରେ କୁରାଢ଼ୀ ଚୋଟ ବାଜିଲା। ଭାରତର ସ୍ୱାଧୀନ ଯୁଗର ଅୟମାରମ୍ଭ। ୨୬ଟି ଗଛହଣା ବାଡ଼ିଲା, ନୂଆ ରାହା ଫିଟିଲା। ସବୁ ରାଜା କାଳୀଚରଣଙ୍କୁ ଚାହିଁ ଥାଆନ୍ତି। କାହାରି ଆଖିରେ ସେ ଆଖି ମିଳାଇ ପାରିଲେନି। କଳାକାରର ଦରଦୀ ମନ। ହୃଦୟଟା ନରମ। ଯାହା ହେଲେବି ଉପସ୍ଥିତ କେତେକ ରାଜା, ତାଙ୍କ ସୁଖ ଦୁଃଖର ସାଥୀ। ସେମାନଙ୍କର ଦୁର୍ଦ୍ଦିନ। କାଳୀଚରଣଙ୍କ ମନ ବିଳପି ଉଠୁଥାଏ। ହସ୍ତାନ୍ତର ସ୍ୱାକ୍ଷର ବେଳର ଚିତ୍ର ଉତ୍ତୋଳନ କରାଗଲା। ପୂର୍ବାହ୍ନରେ ସ୍ୱାକ୍ଷର କଲେ 'ବି', 'ସି' ଶ୍ରେଣୀର ରାଜାଏ। ସନ୍ଧ୍ୟା ଆସିଲା। ସେଇ କୋଠି, ଏକତ୍ରିତ 'ଏ' ଶ୍ରେଣୀୟ ରାଜାଏ। ଚିତ୍ର ଗ୍ରହଣ କରୁଥାନ୍ତି କାଳୀଚରଣଙ୍କ ସାଥୀମାନେ। ଦିନସାରା ବର୍ଷା ଲାଗିରହିଛି। ସତେ ଯେମିତି ପ୍ରକୃତିରାଣୀ, ତୁହାକୁ ତୁହା ଲୁହ ଝରାଉଛି। ବର୍ଷଣ ମୁଖର ରାତ୍ରି। ଓଡ଼ିଶାର ରାଜାଙ୍କ ମଥାରୁ ଖସିଲା ରାଜମୁକୁଟ। ଅନ୍ତ ହେଲା ଏକ ମହାର୍ଘ ପରମ୍ପରା।

# ଅର୍ଥ : ଅସ୍ତ୍ର ! ବିଶ୍ୱ : ବିବସ୍ତ୍ର !



ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୬୧୩

'ଅର୍ଥନୈତିକ ମାନ୍ଦାବସ୍ଥା' - ଆମେରିକା ଦ୍ୱାରା ପ୍ରାୟୋଜିତ ଗୋଟାଏ ପ୍ରୟୋଗାତ୍ମକ ପ୍ରହସନ। ଏ ପ୍ରହସନ ସପକ୍ଷରେ ଆବହାୱା ସୃଷ୍ଟି କରିବା ପାଇଁ ମିଡିଆଠୁ ଆରମ୍ଭ କରି ଭାରତୀୟ ଅର୍ଥନୀତିଜ୍ଞ, ବୁଦ୍ଧିଜୀବୀ ଓ ବିଶାରଦବର୍ଗଙ୍କୁ ବୁଦ୍ଧୁ ବନାଉଛି ଆମେରିକା। ବଜାରୀ ଅର୍ଥନୀତି ଯେମିତି ସରଳ ଖାଉଟିସମାଜକୁ ନିଜ ପରୀକ୍ଷାଗାରର ଗିନିପିଗ୍ କରିବା ଉଦ୍ଦେଶ୍ୟରେ 'କୃତ୍ରିମ ଅଭାବ'ର ସୂକ୍ଷ୍ମ ସୂତ୍ର ପ୍ରୟୋଗ କରିଥାଏ, ଏ ଅର୍ଥନୈତିକ ମାନ୍ଦାବସ୍ଥା ଠିକ୍ ସେଇଭଳି ଏକ ବଜାରୀ ବଜ୍ରପାତ - ବିନାମେଘର ମୁନାଫାରେ ! ଏ 'ଅର୍ଥନୈତିକ ମାନ୍ଦାବସ୍ଥା' ପ୍ରକୃତପକ୍ଷରେ ଏକ ଭୟଙ୍କର ଅଭିସନ୍ଧିମୂଳକ ଅର୍ଥନୈତିକ ଅରାଜକତା। ଭଲକରି ଚିହ୍ନିରଖ ଭ୍ରାତାଙ୍କ ବଦନ। କଳା କାରନାମା କଳା ସଫେଦ୍ ସଦନ। ଶୁଣ ଶୁଣ ସଭାଜନେ, ଦେଇ ମନକର୍ଣ୍ଣ - ଗୁପତ ଏ ଗୂଢ଼ତତ୍ତ୍ୱ ଗରିବ ମାରଣ !

ଏ ଅର୍ଥନୈତିକ ଅରାଜକତାର ପ୍ରସ୍ତୁତିପର୍ବ ପଛରେ ଉପରୋକ୍ତ ଆମେରିକୀୟ ଆଭିମୁଖ୍ୟ ଏବେ ଏଭଳି ଅଚାନକ ଉତ୍ତପ୍ତ ହୋଇ ଉଠୁଥିବାର ଅସଲ ରହସ୍ୟ କ'ଣ?

ପ୍ରଶ୍ନଟି ସିଲାବସ୍ ବହିର୍ଭୂତ ବୋଲି ମୋଟେ ଭାବନ୍ତୁ ନାହିଁ ପଣ୍ଡିତ ମହାଶୟ! ମନକୁ ନପାଇଲେ ମନା କରିବେ ପଛେ, ମାତ୍ର ମାର୍ଜନା କରିବେ ଯେ ଅବୋଲକରାକୁ। କାହିଁକିନା, ଆପଣଙ୍କ ପାଇଁ ତ ଛତା ଅଛି - ସେଇ 'ବର୍ଷା ଯୁଆଡ଼େ ଛତା ସିଆଡ଼େ' ମାର୍କା ଛତା! ଅଛି ପୁଣି ଆପଣଙ୍କ ପାଇଁ କମ୍ବଳଖଣ୍ଡିକ - ସେଇ 'କମ୍ବଳଯାକ ବାଳ'ଧର୍ମୀ କମ୍ବଳ! ହେଲେ ଯେ ଅବୋଲକରା ସକାଶେ କାହିଁକେଉଁଠି କି ସମ୍ବଳ? ଆପଣ ତ ମହାଶୟ, ପଣ୍ଡିତ। ଆପଣଙ୍କ ପୁଅ ମାଙ୍କଡ଼ ମାଇଲେ ବି ଦୋଷ ନାଇଁ। ହେଲେ ଯେ ଅପାଠୁଆ ଅବୋଲକରାଟା ୟାଙ୍କିକୁ ମଙ୍କିବୋଇଲେ ତାକୁ ମାଫି କାଇଁ? ଯେ ଅବୋଲକରା ମଣିଷ ରକ୍ତପିଆ ମଶାଟାକୁ ମାଇଲେ ବି ଆପଣଙ୍କ ରଂଗିଲା ରାଜଗାଦିବାଲାଏ ତାକୁ କହିବେ - ମାଓବାଦୀ ନହେଲେ ଆତଙ୍କବାଦୀ! ଅତଏବ ମାଛିକୁ 'ମ' ନକହି ଆମେରିକାକୁ 'ଆ' ବୋଲି କହୁଥିବା ଆପଣଙ୍କ ପରି ଶୁଦ୍ଧିବାଦୀ ବୁଦ୍ଧିବିକ୍ରେତାଙ୍କ ଦି' ଖୁରାକୁ ଦଣ୍ଡବତ।

ଆମେରିକା ଏ ଅର୍ଥନୈତିକ ଅରାଜକତାର ଆବହାୱା ଉପୁଜାଇଛି ବେଶ୍ ଭାବିଚିନ୍ତି - ଅଙ୍କ କଷି ! ଅଙ୍କ ନା ଆତଙ୍କ? ଗହୀରେଇ ଗୁଣିହେଲେ 'ଲୁଚିଚି ନାଗୋଡ଼ ଦି'ଟା ଦୁଶୁଚି' ଅନୁସାରେ ଧରାପଡ଼ିଯିବ ଆମେରିକାର ଅସଲ ଚାଲ୍ - ଅସଲ ଚାଲାକି। ଇରାକ୍ ରାଷ୍ଟ୍ରପୁରୁଷ ସଦ୍ଦାମ ହୁସେନ୍‌ଙ୍କ ମୃତ୍ୟୁଦାତା ଆମେରିକା ଏବେ ଆଫଗାନିସ୍ତାନରେ ସେନା ମୁତୟନ କରି ସାରିଲା ପରେ ନିଜର ବର୍ବରୋଚିତ ବୁଭୁକ୍ଷା ପ୍ରତି ବିଶ୍ୱବାସୀଙ୍କ ନଜର ଏଡାଇରଖିବା ଅଭିପ୍ରାୟରେ ଏ ଚାରିଆଡ଼ିଆ ଚାଲ୍ ଚଳାଇସାରିଛି। ଯାହା ଆମ ବୁଦ୍ଧିଜୀବୀଙ୍କୁ ମାଲୁମ୍ ନାହିଁ, ତା' ଖୋଦ୍ ଆମେରିକାର କୁଖ୍ୟାତ ଚକ୍ର ସିଆଇଏ ସଂସ୍ଥାର ଜଣେ ସାଧାରଣ ସଦସ୍ୟଙ୍କୁ ସୁଦ୍ଧା ଗୋଚର ଥିବ ନିଶ୍ଚୟ!

ଆମେରିକାର ପୃଷ୍ଠପୋଷକତାରେ ପ୍ରଥମେ ଏ ପୃଥିବୀ ପ୍ରତ୍ୟକ୍ଷ କରିଛି ପରମାଣୁ ଯୁଦ୍ଧ। ହିରୋସିମା ଓ ନାଗାସାକି ପରି ସୁଦୂର ପ୍ରାଚ୍ୟଭୂଖଣ୍ଡର ବାମନଭୂମି ଜାପାନ୍‌ର ଦୁଇଟି ସହର ଦୁଇଟା ଲାସ୍ ପାଲଟିଗଲା ଏ ପରମାଣୁ ଚିତାଗ୍ନିର ପ୍ରଚଣ୍ଡ ବଳୟ ମଧ୍ୟରେ। ଦ୍ୱିତୀୟ ମହାଯୁଦ୍ଧର ଇଗଲ୍ ଆମେରିକା ନିଜ ନିଷ୍ଠୁର ନଖଥଣ୍ଟର ନିର୍ଘାତ ନମୁନା ଦେଖାଇବାରେ ନିହାତି ଓସ୍ତାଦ୍। ନିଜ ଦାନବୀୟ ଅପଶକ୍ତିକୁ କାଏମ୍ କରିରଖିବାକୁ ଆମେରିକା ଖତମ୍ କରିବାକୁ ଚାହିଁଲା ଚାଇନା ଓ ଋଷିଆ ପରି କମ୍ୟୁନିଷ୍ଟ୍ ରାଷ୍ଟ୍ରୀୟତାକୁ। ଆଜି ମାର୍କ୍ସବାଦର ପାଉଁଶଗଦା ଉପରେ ସୁନାର ଧୂଳି ମୋ' ଧନମାଳୀ ନୁହେଁ କି ଏ ଆମେରିକା? କ'ଣ ଥିଲା ରୁଷିଆ? କ'ଣ ହେଲା? ବରବାଦ ହେଲା ବିପ୍ଳବ - ଲେନିନ୍‌ର ଲାଇସେନ୍‌ସ୍ - ଷ୍ଟାଲିନ୍‌ର ଷ୍ଟାଇଲ! କ'ଣ ନ ହେଲା ଚୀନ? ଚ୍ୟାଙ୍ଗ୍ କାଇସେକ୍‌ର ଗ୍ୟାଙ୍ଗ୍‌ପୀଡ଼ିତ ଚାଇନା? ଚୂନାହେଲା। ମେଘନାଦ ପାଚେରିଘେରା ଚଷାପୁଅର ଚୀନ୍ ମାଓ-ସେ-ତୁଙ୍ଗ୍‌ଙ୍କ ଲଙ୍ଗ୍‌ମାର୍ଚଠୁ ଦୂରେଇଯାଇ କମ୍ୟୁନିଜମ୍‌କୁ ଢାଙ୍କିଦେଲା କୁହୁଡ଼ିର ଧଳାଚଦରରେ। ଋଷିଆ ଓ ଚୀନ୍ ପରି କମ୍ୟୁନିଜମ୍‌ର ଦି' ଦି'ଟା କୀର୍ତ୍ତିସ୍ତମ୍ଭ ପାଲଟିଗଲା ଖତଗଦାର କାଠଖମ୍ବ ! ସାମ୍ୟବାଦରୁ ସଂଶୋଧନବାଦ, ପ୍ରଗତିରୁ ପ୍ରତିକ୍ରିୟା, ନିଆଁରୁ ପାଉଁଶ - ଅଂଗୀକାରରୁ ଅଂଗାର... ଏ ରହସ୍ୟ ପଛରେ ମାର୍କିନ୍ ମାର୍କେଟ୍‌ର ମୁନାଫାଖୋର୍ ପୁଞ୍ଜିବାଦୀ ତତ୍ତ୍ୱର ପ୍ରୟୋଗ କ'ଣ ଆମ ଅବଶିଷ୍ଟ ପୃଥିବୀର ବୁଦ୍ଧିଜୀବୀବର୍ଗଙ୍କୁ ଜ୍ଞାତ ନୁହେଁ? ମାତ୍ର ଗୋଟାଏ କଥା ମାନସାଙ୍କ ପରି ସହଜ ହୋଇଥିଲେ ହେଁ ଏଯାବତ୍ କଥାଟା ଉପରେ ଜୋର୍ ଦିଆଯାଇନାହିଁ କାହିଁକି କେଜାଣି ! କ'ଣ ଆମେରିକାର କଳାପଇସା କୋଲପ ପକାଇଦେଇଛି ଏ କଥାକୁହା କପିଳାମାନଙ୍କ ମୁହଁରେ?

ପ୍ରଥମେ ଜାପାନ୍ - ତାପରେ ରୁଷିଆ - ପୁଣି ଚୀନ୍। ଏ ତିନୋଟିଯାକ ଦେଶର ମହାଦେଶ ହେଉଛି ଏସିଆ। ୟୁରେସିଆର ୟୁରେକା ତଥା ୟୁରୋପ୍‌ରୁ ଏସିଆକୁ ଲମ୍ବିଥିବା ଋଷିଆ ଉପରେ ଆମେରିକାର ତୀକ୍ଷଣ ଇଗଲ୍‌ଆଖି ଲାଖି ରହିଥିଲା କେବେଠୁ। ଋଷିଆର ସାମ୍ୟବାଦ ଶକ୍ତ ଓ ସମର୍ଥ ଥିବା ପର୍ଯ୍ୟନ୍ତ ଐଶ୍ୱର୍ଯ୍ୟଶାଳୀ ଆମେରିକାର ଐରାବତ ହସ୍ତୀ ଉପରେ ଅଙ୍କୁଶାଘାତର ଆଶଙ୍କା ବଜାୟ ରହିଆସିଥିଲା ବରାବର। ଅତଏବ ନିଜର ସର୍ବଗ୍ରାସୀ ମାନସିକତାକୁ ନିରଙ୍କୁଶ କରିରଖିବା ଦିଗରେ ଆମେରିକା ଚାହିଁଲା ଋଷିଆର ମୂଳୋତ୍ପାଟନ। ତା'ହେଲେ ଅଚିରେ ସେ ହୋଇଉଠିବ ଆଧୁନିକ ପୃଥିବୀର ଅନାଗତ ବିଧାତା - ଏକଚ୍ଛତ୍ରପତି ଅଧୀଶ୍ୱର। ବାସ୍ - ତାସ୍‌ଖେଳ ଚାଲିଲା ସାହେବ-ବିବି-ଗୋଲାମ୍‌ମାନଙ୍କୁ ନେଇ। ଶେଷରେ ଏ ଖେଳରେ କମ୍ୟୁନିଷ୍ଟ ଋଷିଆର ହେଲା ହାର୍। ଜାର୍‌ରୁ ଜୋକର୍। ଋଷିଆ ଗଲା ରସାତଳକୁ। ତାପରେ ଚୀନ୍‌କୁ ଚୂନା କରିବାର ଚମକପ୍ରଦ ଚକ୍ରାନ୍ତ। ଚମତ୍କାର ଚାତୁର୍ଯ୍ୟ। କମ୍ୟୁନିଜମ୍ ପାଲଟିଗଲା କିମ୍ବଦନ୍ତୀ। ଭଗ୍ନସ୍ତୂପର ଭୂମିକା। କ୍ରାନ୍ତିର କବର। ପୁଞ୍ଜିବାଦର ପତାକା ପୋତିଦିଆଗଲା ଏ ଦୁଇ ପାଉଁଶଗଦାରେ। ବହୁ ଆଗରୁ ତ ଆମେରିକା ଜାଳିଦେଇଥିଲା ଜାପାନ୍‌ର ଅଳିନ୍ଦ ଓ ନିଳୟ ପରି ଦୁଇ ସୁନ୍ଦର ନଗରୀକୁ।

ଜାପାନ୍-ରୁଷିଆ-ଚୀନ୍... ପ୍ରାଚ୍ୟଭୂଖଣ୍ଡର ତିନୋଟି ପ୍ରତିଷ୍ଠା ହେଲା ପ୍ରତିହତ। ଏସିଆର ମସିହାକୁ ଆମେରିକା କଲା ତାର କଳା କ୍ୟାଲେଣ୍ଡର୍। ୟୁରୋପ୍‌ରେ ନୁହେଁ, ଏସିଆରେ କାହିଁକି ଏ ଆମେରିକୀୟ ଉତ୍ପାତର ଅଭିଯାନ? କାରଣଟି ସ୍ପଷ୍ଟ। କାରଣ ଏସିଆର ଆତ୍ମା ୟୁରୋପଠାରୁ ଅଲଗା। ୟୁରୋପ ଯନ୍ତ୍ରଭୂ - ଜଡ଼ଭୂମି। ଏସିଆ କିନ୍ତୁ ମନ୍ତ୍ରଭୂ - ମନ୍ମୟତାର ମହାଦେଶ - ତନ୍ମୟତାର ତପୋଭୂମି। ଏସିଆର ପ୍ରଜ୍ଞା, ପ୍ରଜ୍ଞାନ, ସ୍ୱଜ୍ଞା, ସ୍ୱଜ୍ଞାନ ହୁଏତ ଆମେରିକାର ଆଜ୍ଞାକୁ ଭବିଷ୍ୟତରେ ଭୟତ୍ରସ୍ତ କରାଇପାରେ - ଏ ଆଶଙ୍କା ଆମେରିକାର ଧନତନ୍ତ୍ରକୁ ବରାବର କରିଆସିଛି ଆର୍ତ୍ତ, ଅସୁସ୍ଥ। ଅତଏବ ସୁଦୂରପ୍ରସାରୀ ଷଡଯନ୍ତ୍ର ସ୍ୱରୂପ ଆମେରିକା ପକ୍ଷରୁ ଏସିଆକୁ ପଙ୍ଗୁ ତଥା ପକ୍ଷାଘାତଗ୍ରସ୍ତ କରିଦେବାର କାରସାଦି ଚଳାଗଲା। ପ୍ରଥମେ ଆରମ୍ଭହେଲା ସାମରିକ ଯୁଦ୍ଧ, ତାପରେ ରାଜନୈତିକ ଯୁଦ୍ଧ ଏବଂ ଏବେ ଶେଷ ହେବାକୁ ଯାଉଛି ସମସ୍ତଙ୍କ ଅଜ୍ଞାତସାରରେ ଏକ ଅର୍ଥନୈତିକ ଯୁଦ୍ଧ!

ବିଶ୍ୱର ବୁଦ୍ଧିଜୀବୀବର୍ଗଙ୍କୁ ଅନୁରୋଧ - ଏ ଦିଗ ପ୍ରତି ସେମାନେ ଆଖି ନବୁଜି, ଆମେରିକାର ଆର୍ଥିକ ଅନୁଦାନ ଓ ବୌଦ୍ଧିକ ଅଭିଯାନ ଉପରେ ସତର୍କ ଦୃଷ୍ଟି ଦେଇ ପୁନର୍ଚିନ୍ତନ ଆରମ୍ଭ କରିଦିଅନ୍ତୁ। ଏହା ହିଁ ସମୟ - ଆଉଥରେ ସତର୍କ ସମୀକ୍ଷଣର - ଏ ସଂକଟାପନ୍ନ ସନ୍ଧିକ୍ଷଣରେ।

ଜାପାନ୍, ଋଷିଆ, ଚୀନ୍। ଏବେ ଭାରତର ପାଳି - ଆମେରିକାର ପରୀକ୍ଷାଗାରରେ ବଳି ପଡ଼ିବା ପାଇଁ। ସରକାରୀ ଜର୍ସି ପିନ୍ଧି ବସିଥିବା ଆମ ଶାସକ ଓ ଜର୍ଜରିତ ଜନଗଣଙ୍କ ଶୋଣିତ-ଶୋଷକ ଶ୍ରେଣୀଶତ୍ରୁ ପ୍ରଶାସକବର୍ଗ ଆମେରିକାର ଆଭିମୁଖ୍ୟକୁ କାଏମ୍ ରଖି ବର୍ଷ ବର୍ଷ ବିଶ୍ୱାସଘାତକତାର ବର୍ବର ପର୍ବ ପାଳିଚାଲିଛନ୍ତି ଆମ ବିଶ୍ୱାସ ଓ ନିଜ ବିବେକକୁ ତୀବ୍ର କୁଠାରାଘାତ କରି କରି।

ଦେଶରେ ବିଚାରହୀନ ବୁଦ୍ଧିମାନ୍, ବିବେକହୀନ ବିତଶାଳୀ ଏବଂ ମସ୍ତିଷ୍କହୀନ ମାଂସପେଶୀର ଭୟଙ୍କର ଭିଡ଼ ବଢ଼ିଚାଲୁଚି - ସାବଧାନ ! କୁର୍ସିରେ କୁବେରତନ୍ତ୍ର ପାଳିତ କୁତାମାନେ ବସି ଭତାଭୋଗୀ ବନ୍ଦୋବସ୍ତ ଚଳାଉଛନ୍ତି - ଆର୍ସିରେ ମୁହଁ ଦେଖୁଛନ୍ତି ମାଖୁନା ମାଇଚିଆ ପାର୍ଟିର ଲୁଙ୍ଗୁରା ଲିଡର୍। ବେକାର ଯୁବପିଢ଼ିକୁ ଭଡାଟିଆ ଗୁଣ୍ଡା ଓ ଫ୍ରଷ୍ଟ୍ରେଟେଡ୍ ଫ୍ରୀଏଡ୍‌ପ୍ରେମୀ ପ୍ରଫେସର୍‌ମାନଙ୍କୁ ଫୁଙ୍ଗୁଳା ଫିଲୋସଫିର ପ୍ରଫେଟ୍ କରିରଖିବାର ମସୁଧା ସୁରୁହୋଇସାରିଛି ମାର୍କିନ୍ ମନ୍ତ୍ରଣାଦାତା ଇଣ୍ଡିଆନ୍ ଏଜେନ୍‌ସୀ ଜରିଆରେ। ଆମ ମିଲିଟାରୀ, ଆମ ସ୍ପାଇ, ଆମ କ୍ରାଇମ୍‌ବ୍ରାଂଚ, ଆମ ପୁଲିସ୍, ଆମ ଦପ୍ତରୀ, ଆମ ଦରବାରୀ - ସମସ୍ତଙ୍କୁ ଅଜ୍ଞାତସାରରେ ଅଫିମଗ୍ରସ୍ତ କରିରଖିବାର ଅପୋଦ୍ୟମ ଆରଂଭ କରିଛି ଆମେରିକା।

ଆମେରିକାର ସାମରିକ ଓ ରାଜନୈତିକ ଯୁଦ୍ଧ ସରିଆସୁଛି - ଆରମ୍ଭ ହୋଇସାରିଛି ଏକ ଅଭୂତପୂର୍ବ ଅର୍ଥନୈତିକ ଯୁଦ୍ଧ। ଏ ଅର୍ଥନୈତିକ ଯୁଦ୍ଧହେଉଛି ଏକ ଅଦୃଶ୍ୟ ତୃତୀୟ ବିଶ୍ୱଯୁଦ୍ଧର ଆଦ୍ୟ ଆଭାସ ମାତ୍ର। ମାଲୁମ୍ ପଡୁନି - ମାତ୍ର ତୃତୀୟ ବିଶ୍ୱଯୁଦ୍ଧର ଚରିତ୍ର ନିର୍ଦ୍ଧାରିତ ହୋଇସାରିଛି ଏଇବାଟେ - ଏଇ ଅର୍ଥନୈତିକ ଆତଙ୍କବାଦର ଫାସିବାଦୀ ଫାଙ୍କରେ !

# ଶ୍ରୀକୃଷ୍ଣଙ୍କ ବଂଶୀ ଓ ତାହାର ପରମ ତତ୍ତ୍ୱ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ମାନବ ଜାତିର ଉନ୍ନତିକଳ୍ପେ ଭଗବାନ ଶ୍ରୀକୃଷ୍ଣ ଭିନ୍ନ ଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହୋଇ ଲୀଳା କରିଥିଲେ।ମହାଭାରତ ଯୁଦ୍ଧକୁ ଏଡେଇବା ପାଇଁ ଶାନ୍ତିର ବାର୍ତ୍ତାନେଇ ଦୁର୍ଯ୍ୟୋଧନଙ୍କ ନିକଟକୁ ଗମନ କରିଥିଲେ।ଏଠାରେ ପଂରବ୍ରହ୍ମ ଶ୍ରୀକୃଷ୍ଣ ଶାନ୍ତିଦୂତର ଭୂମିକା ନିଭାଇ ଥିଲେ। ମହାଭାରତ ଯୁଦ୍ଧକ୍ଷେତ୍ରରେ ଅର୍ଜୁନଙ୍କ ରଥର ସାରଥୀହୋଇ ରଥକୁ ସୁଚାରୁ ରୂପେ ଚାଳନା କରିଥିଲେ। ଯୁଦ୍ଧର ପ୍ରାରମ୍ଭରେ ନିଜର ଜ୍ଞାତି କୁଟୁମ୍ବମାନଙ୍କୁ ଅବଲୋକନ କରି ଅର୍ଜୁନଙ୍କ ମନରେ ବିଷାଦ ଆସିଥିଲା ଓ ଯୁଦ୍ଧ ନକରିବା ପାଇଁ ଶ୍ରୀକୃଷ୍ଣଙ୍କୁ ମନାକରିଦେଇଥିଲେ। ଏଠାରେ ଭଗବାନ ଗୁରୁ ରୂପରେ ଅବତୀର୍ଣ୍ଣ ହୋଇ ଅର୍ଜୁନଙ୍କୁ ଗୀତାଜ୍ଞାନ ପ୍ରଦାନ କରି ଧର୍ମସ୍ଥାପନ ପାଇଁ ଯୁଦ୍ଧ କରିବାଲାଗି ତାଙ୍କୁ ମନେଇବାରେ ସକ୍ଷମ ହୋଇଥିଲେ। କୂଟନୀତି ପ୍ରୟୋଗ କରି ପାଣ୍ଡବମାନଙ୍କୁ ଯୁଦ୍ଧରେ ଜିତାଇଥିଲେ। ଏଠାରେ ତାଙ୍କୁ ବିଚକ୍ଷଣ କୂଟନୀତିଜ୍ଞ ରୂପରେ ମାନ୍ୟତା ଦିଆଯାଏ।

ପ୍ରଣବର ପ୍ରତୀକ ହେଉଛନ୍ତି ବଂଶୀ । ଏହା ହେଉଛନ୍ତି ସେହି ବଂଶୀ ଯିଏ ଯମୁନା ତଟରେ ପ୍ରିୟତମ ଶ୍ରୀକୃଷ୍ଣଙ୍କ ସହ ମିଶିବା ପାଇଁ ବ୍ରଜାଙ୍ଗନା ଗୋପୀମାନଙ୍କୁ ଆକର୍ଷଣ କରିଥିଲା । ବଂଶୀର ଦିବ୍ୟ ଲହରୀ ଅତିବ ମନମୋହକ ଥିଲା । ତାର ଶକ୍ତି ଥିଲା ଅଦ୍ଭୁତ । ଯେତେବେଳେ ଏହା କର୍ଣ୍ଣ ଗହ୍ୱର ଦେଇ ହୃଦୟ କନ୍ଦରକୁ ପ୍ରବେଶ କରୁଥିଲା, ସେତେବେଳେ ତାହା ଶ୍ରୋତାର ସକଳ ପ୍ରିୟ ସମ୍ପର୍କ, ଜଗତ ଏବଂ ଏପରିକି ତା ନିଜକୁ ମଧ୍ୟ ଭୁଲାଇ ଦେଉଥିଲା । ଏହା ଶ୍ରବଣକର୍ତ୍ତାକୁ ଆନନ୍ଦରେ ନଚାଉଥିଲା ଓ ତାର ହୃଦୟରେ ବିମଳ ପ୍ରେମ ଭାବ ଜାଗ୍ରତ କରୁଥିଲା । ଆଜି ଆମେ ପ୍ରଭୁ ପରମ ପୁରୁଷ ଶ୍ରୀକୃଷ୍ଣଙ୍କ ବଂଶୀ ଉପରେ କିଛି ମହତ୍ତ୍ୱପୂର୍ଣ୍ଣ ବିଷୟରେ ଜାଣିବା।

ଏହି ଦିବ୍ୟ ବଂଶୀନାଦ ହୃଦୟକୁ ରୋମାଞ୍ଚିତ କରୁଥିଲା ଓ ଅତିଶୟ ଆନନ୍ଦରେ ଉଲ୍ଲସିତ କରି ନୂତନ ଜୀବନ ଓ ଆନନ୍ଦ ସଂଚାର କରୁଥିଲା। ଏହା ସମସ୍ତ ପ୍ରାଣୀର ହୃଦୟରେ ଭଗବତ ମାଦକତା ଭରି ଦେଉଥିଲା, ଏପରିକି ଜଡ ବସ୍ତୁରେ ମଧ୍ୟ ଜୀବନ ସଂଚାର କରୁଥିଲା। ଧ୍ୱନୀର ମଧୁରତାରେ ପଟାନ୍ତର ନଥିଲା । କୃଷ୍ଣଙ୍କ ବଂଶୀ ଧ୍ୱନୀ ଯିଏ ଥରେ ଶୁଣିଛି ସ୍ୱର୍ଗର ଅମୃତ ଅଥବା ମୋକ୍ଷର ଆନନ୍ଦ ପ୍ରତି ସେ ସେତେଟା ଧ୍ୟାନ ଦେବ ନାହିଁ । ବଂଶୀ ଓ ଏହାର ଧ୍ୱନୀ ଗୋପୀମାନଙ୍କ ହୃଦୟକୁ ବିମୋହିତ କରିରଖିଥିଲା । ସେମାନେ ନିଜ ଅଧିକାରରେ ରହି ପାରୁ ନଥିଲେ। ସଂସାର ତାଙ୍କ ପାଇଁ କୌଣସି ମହତ୍ତ୍ୱ ରଖୁନଥିଲା । ସେମାନେ କୃଷ୍ଣଙ୍କ ଆଡ଼କୁ ଦୁର୍ବାର ଭାବରେ ଟାଣି ହେଲା ଭଳି ଅନୁଭବ କରୁଥିଲେ । ଗୃହ ପରିତ୍ୟାଗ କରିବା ପାଇଁ ସେମାନଙ୍କର ନା ଥିଲା ଲଜ୍ଜା ନା ଥିଲା ଭୟ । ସେମାନଙ୍କ ପାଖରେ ଥିଲା ଏକ ଜାଗ୍ରତ ହୃଦୟ। ସେମାନଙ୍କ ମନ ଏହି ସଂସାରରେ ନଥିଲା । ସେମାନଙ୍କ ସ୍ୱାମୀ ଓ ଭାଇମାନେ ବୃଥାରେ ତାଙ୍କର ଗତିରୋଧ କରୁଥିଲେ । ଭଗବାନଙ୍କ ଦିବ୍ୟ ପ୍ରେମର ତେଜସ୍ୱିନୀ ସ୍ରୋତକୁ କିଏ ବା ଗତିରୋଧ କରି ପାରିବ .....!! ଯେଉଁ ପ୍ରେମଭାବ ଗୋପୀମାନେ କୃଷ୍ଣଙ୍କ ପ୍ରତି ପୋଷଣ କରିଥିଲେ ତାହା ଥିଲା ଦିବ୍ୟପ୍ରେମ । ଏହା ଥିଲା ହୃଦୟର ମିଳନ । ଏହା କୌଣସି ଭୌତିକ ମିଳନର ଆକର୍ଷଣ ନଥିଲା । ଏହାଥିଲା ପରମାତ୍ମଙ୍କ ସହ ମିଶିବା ପାଇଁ ଜୀବାତ୍ମାର ଅଭିଳାଷ। ଜୀବାତ୍ମାର ପରମାତ୍ମଙ୍କ ସହ ମିଳିତ ହେବାର ଏକ ପ୍ରକ୍ରିୟା। ପୂର୍ବ ଜୀବନରେ ଗୋପୀମାନେ ଥିଲେ ଦଣ୍ଡକାରଣ୍ୟର ସନ୍ଥ । ସେମାନେ ପ୍ରଭୁ ରାମଚନ୍ଦ୍ରଙ୍କୁ ଆଲିଙ୍ଗନ କରିବାକୁ ଇଛା ପୋଷଣ କରିଥିଲେ । ପରଜନ୍ମରେ ଏହି ଇଛା ସଫଳ ହେବ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ମିଳିଥିଲା । କୃଷ୍ଣ ଅବତାରରେ ସେମାନେ ପରମାତ୍ମଙ୍କ ସହ ମିଳିଥିଲେ ।



Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ





## ପ୍ରମିଳା ଜେନାଙ୍କୁ କୁମାର ଉତ୍ସବ ମାତେଶ୍ୱରୀ ସମ୍ମାନ ପ୍ରଦାନ



**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତିର୍ତ୍ତୋଲ ପଞ୍ଚାୟତ କଟକ - ପାରାଦ୍ୱୀପ ରାସ୍ତା ଜୟ ପ୍ରକାଶ ମଇଦାନ ଠାରେ ତିର୍ତ୍ତୋଲ କୁମାର ଉତ୍ସବ ସମିତିର ୫୨ ତମ ବାର୍ଷିକୋତ୍ସବ ଓ ପାଣିଜୟନ୍ତୀ ୨୦୨୫ ପାଳନ ମହାଆଡମ୍ବର ସହିତ ପାଳନ ହୋଇଯାଇଛି । ଅନୁଷ୍ଠାନର ସଭାପତି ବିମଳ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବର ତୃତୀୟ ସନ୍ଧ୍ୟା ତଥା ଅନ୍ତିମ ରଜନୀର ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ସ୍ୱତନ୍ତ୍ର ଅତିଥି ପୂର୍ବତନ ସାଂସଦ ଡ଼ଃ. ରାଜଶ୍ରୀ ମଲ୍ଲିକ, ମୁଖ୍ୟ ବକ୍ତା ଭାବେ ପାରାଦ୍ୱୀପ ପୂର୍ବତନ ବିଧାୟକ ଇଂ ସମ୍ବିତ ରାଉତରାୟ, ସମ୍ମାନୀୟ ଅତିଥି ଭାବେ ତିର୍ତ୍ତୋଲ ବିଧାୟକ ପ୍ରଫେସର ଡ଼ଃ. ରମାକାନ୍ତ ଭୋଇ, ପାରାଦ୍ୱୀପ ବିଶିଷ୍ଟ ଶ୍ରମିକ ନେତା ଅରିନ୍ଦମ ସାର୍ଖେଲ, କୁଜଙ୍ଗ ବ୍ଲକ ଅଧ୍ୟକ୍ଷା ନିନାରାଣୀ ସାହୁ, ବିଶିଷ୍ଟ ସମାଜସେବୀ ଲୋରା ମହାପାତ୍ର ପ୍ରମୁଖ ଯୋଗଦେଇ ଗଣକବି ବୈଷ୍ଣବ ପାଣିଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ସଭ୍ୟ ପ୍ରଦୀପ୍ତ ମହାପାତ୍ର (ପଠାଣି) ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ସମାଜସେବୀ ପ୍ରମିଳା ଜେନାଙ୍କୁ କୁମାର ଉତ୍ସବ ମାତେଶ୍ୱରୀ ସମ୍ମାନ ୨୦୨୫ରେ ସମ୍ମାନିତ କରାଯାଇଥିଲା । ଝଙ୍କଡ଼ ରତ୍ନ କବି ଗୋଲୋକ ବିହାରୀ ପଲାଇଙ୍କ ରଚିତ 'କୁଆଁ ତାରା' ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । କୃତୀ ଛାତ୍ର ଛାତ୍ରୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଅର୍ଥ ରାଶି ଦିଆଯାଇ ସମ୍ବର୍ଦ୍ଧନା କରାଯାଇଥିଲା । ପ୍ରତ୍ୟେକ ସନ୍ଧ୍ୟାରେ କୁନି କୁନି କଳାକାର ମାନଙ୍କ ମଧ୍ୟରେ ବିଭିନ୍ନ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା । ଏହି ନୃତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମକୁ ଶୁଭଲକ୍ଷ୍ମୀ ମହାପାତ୍ର ଓ କୁନା ଦଳେଇ ଆଙ୍କରିଂ ଭାବେ ପରିଚାଳନା କରିଥିଲେ ।

## ବାପାଙ୍କ ସ୍ମୃତିରେ ଗଛଟିଏ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡାର ଜଣାଶୁଣା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବାପାଙ୍କ ସ୍ମୃତିରେ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ତାଙ୍କର ଦୁଇ ସୁପୁତ୍ର ପବିତ୍ର ସାମଲ ଓ ସୁବ୍ରତ ସାମଲଙ୍କୁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତି କିଛି ଫଳ ଚାରା ପ୍ରଦାନ କରିଥିଲେ । ଦୁଇ ପୁଅଙ୍କ ଠାରୁ ବାର୍ତ୍ତା ରଖିଥିଲେ କି ଆମେ ବାପାଙ୍କ ପାଇଁ ଗଛ ଲଗାଇବୁ ଓ ଏହାର ଯତ୍ନ ନେଇ ପରିବେଶର ସୁରକ୍ଷା ପାଇଁ ପ୍ରଚେଷ୍ଟା ଜାରି ରଖିବୁ । ଟ୍ରଷ୍ଟର କାର୍ଯ୍ୟକ୍ରମକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଥିଲା ।

## ହୃତ୍‌ପିଣ୍ଡର ସୁସ୍ଥତା ପାଇଁ ଆବଶ୍ୟକ ଦିନଚର୍ଯ୍ୟା ଉପରେ ଆଲୋକପାତ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ପ୍ରଶାସନ ଦ୍ୱାରା ବିଶ୍ୱ ହୃତ୍‌ପିଣ୍ଡ ଦିବସ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ପାଳିତ ହୋଇଛି । ବର୍ତ୍ତମାନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ବିଶ୍ୱ ହୃତ୍‌ପିଣ୍ଡ ଦିବସ ଜିଲ୍ଲା ସ୍ତରରେ ଜିଲ୍ଲା ପ୍ରଶାସନ ଦ୍ୱାରା ପାଳିତ ହୋଇଛି । ଏହି ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଳନ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାପାଳ, ଡ଼ ନୃପରାଜ୍ ସାହୁ, ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ସୁବର୍ଣ୍ଣପୁର, ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ, (ସାଧାରଣ) ସୁବର୍ଣ୍ଣପୁର, ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ଅଶ୍ୱିନୀ କୁମାର ମେହେର, ଉପ ଜିଲ୍ଲାପାଳ, ସୋନପୁର, ସୌମ୍ୟାରୁପା ରଥ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ସୁବର୍ଣ୍ଣପୁର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଳନ ଅବସରରେ ବିଭିନ୍ନ ବିଭାଗ ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଡାକ୍ତର ବୃନ୍ଦ ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ। ଏହି ବିଶ୍ୱ ହୃତ୍‌ପିଣ୍ଡ ଦିବସରେ ହୃତ୍‌ପିଣ୍ଡ ଓ ତାର କାର୍ଯ୍ୟ, କିପରି ହୃତ୍‌ପିଣ୍ଡ ଯତ୍ନନେବା, ହୃତ୍‌ପିଣ୍ଡର ସୁସ୍ଥତା ପାଇଁ ଆବଶ୍ୟକୀୟ ଦିନଚର୍ଯ୍ୟା ଉପରେ ମୁଖ୍ୟ ଅତିଥି ତଥା ଜିଲ୍ଲାପାଳ, ସୁବର୍ଣ୍ଣପୁର, ସମ୍ମାନିତ ଅତିଥି, ଉପଜିଲ୍ଲାପାଳ, ସୋନପୁର, ଡ଼. ଜିତାରାମ୍ ବିଦ, ଡ. ରମେଶ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଡ଼ ରଞ୍ଜନ କୁମାର ଦାସ, ଉମାକାନ୍ତ ନାଗ, ଅଧ୍ୟାପକ, ଜୀବ ବିଜ୍ଞାନ, ସୋନପୁର ମହାବିଦ୍ୟାଳୟ ବକ୍ତବ୍ୟ ମାଧ୍ୟମରେ ସୂଚନା ଦେଇ ଉପସ୍ଥିତ ଥିବା ସମସ୍ତଙ୍କୁ ଅବଗତ କରିଥିଲେ।

# ଏମ୍‌କେସିଜିରେ ହେଉନି ଅଡ଼ିଓମେଟ୍ରି ପରୀକ୍ଷା:ହନ୍ତସନ୍ତ ରୋଗୀ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଦକ୍ଷିଣ ଓଡ଼ିଶାର ବୃହତ ସ୍ୱାସ୍ଥ୍ୟାନୁଷ୍ଠାନ ଏମ୍‌କେସିଜି ହସ୍‌ପିଟାଲ୍‌ର ଶ୍ରବଣବାଧିତ ରୋଗୀଙ୍କ ଚିକିତ୍ସାରେ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି । ଏଭଳି ରୋଗୀଙ୍କ ନିମନ୍ତେ ମେଡ଼ିକାଲ୍‌ରେ ଅଡ଼ିଓମେଟ୍ରି ପରୀକ୍ଷାର ସୁବିଧା ରହିଥିବା ବେଳେ ଏହି ପରୀକ୍ଷାରୁ ରୋଗୀମାନେ ବଞ୍ଚିତ ହେଉଛନ୍ତି । ହସ୍‌ପିଟାଲ୍‌ରେ ନିଯୁକ୍ତିଥିବା ଅଡ଼ିଓଲୋଜିଷ୍ଟଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ସେ ଲମ୍ବା ଛୁଟିରେ ରହିଛନ୍ତି । ଫଳରେ ଦୀର୍ଘମାସ ହେବ ଅଡ଼ିଓମେଟ୍ରି ପରୀକ୍ଷା ବନ୍ଦ ରହିଛି । ଏଭଳି କ୍ଷେତ୍ରରେ ରୋଗୀଙ୍କ ଚିକିତ୍ସାରେ ପ୍ରଭାବ ପଡୁଛି । ଏମ୍‌କେସିଜି ମେଡ଼ିକାଲ୍ ଆଉଟ୍‌ଡୋର୍ କୋଠାରେ କର୍ଣ୍ଣ, ନାଶା ଓ ଗଳା ବିଭାଗ ଅଧୀନରେ ଅଡ଼ିଓମେଟ୍ରି ପରୀକ୍ଷା ରହିଛି । ପ୍ରତ୍ୟେକ ଦିନ ବିଭାଗକୁ ୨ ଶହରୁ ଅଧିକ ରୋଗୀ ଆସିଥାନ୍ତି । ସେଥିମଧ୍ୟରୁ ପ୍ରାୟ ୨୦ରୁ ୨୫ଟି ରୋଗୀଙ୍କୁ ଅଡ଼ିଓମେଟ୍ରି ପରୀକ୍ଷା ନିମନ୍ତେ ଡାକ୍ତର ପରାମର୍ଶ ଦେଇଥାନ୍ତି । ରୋଗୀଙ୍କ କାନରେ ବିଭିନ୍ନ ସମସ୍ୟା ରହିଥିବା ବେଳେ କେଉଁ କାରଣରୁ ନେଇ ରୋଗୀ ଜଣକ ତାର ଶ୍ରବଣ ଶକ୍ତି ହରାଇ ବସିଛି । ସେନେଇ ଅଡ଼ିଓମେଟ୍ରି ପରୀକ୍ଷା ଦ୍ୱାରା ଜଣାପଡ଼େ । ଏହି ପରୀକ୍ଷା ଦ୍ୱାରା ରୋଗୀ କାନରେ ପରଦା, ହାଡ଼ ଓ ଶୀରା ପ୍ରଶୀରାର ସ୍ଥିତି ଅନୁଧ୍ୟାନ କରିହୁଏ । ଏଭଳି ଭାବେ ହସ୍‌ପିଟାଲ୍‌ରେ ବଧିର ରୋଗୀଙ୍କ ପାଇଁ ଅଡ଼ିଓମେଟ୍ରି ପରୀକ୍ଷା କରିବା ନିମନ୍ତେ ଜଣେ ଅଡ଼ିଓଲୋଜିଷ୍ଟ ନିଯୁକ୍ତ ହୋଇଛନ୍ତି । ମାତ୍ର ସମ୍ପୃକ୍ତ ଅଡ଼ିଓଲୋଜିଷ୍ଟଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ୪ ମାସ ହେବ ଛୁଟିରେ । ଫଳରେ ଏମ୍‌କେସିଜି ମେଡ଼ିକାଲକୁ ଆସିଥିବା ବଧିର ରୋଗୀଙ୍କ ଡ଼ାକ୍ତର ପରାମର୍ଶ ପରେ ମଧ୍ୟ ଅଡ଼ିଓମେଟ୍ରି ପରୀକ୍ଷା ହେଉନି । ଏଭଳି ସ୍ଥିତିରେ ଡ଼ାକ୍ତରମାନେ ବାଧ୍ୟ ହୋଇ ସିଟି ହସ୍‌ପିଟାଲ୍‌କୁ ପରୀକ୍ଷା ନିମନ୍ତେ ପଠାଉଛନ୍ତି । ଅନ୍ୟପକ୍ଷରେ ସହରରେ ୪ରୁ ୫ଟି ସ୍ଥାନରେ ଏହି ପରୀକ୍ଷା ହେଉଥିବା ବେଳେ ୬ ଶହରୁ ୧୫ ଶହ ଟଙ୍କା ଦେଇ ଅନେକ ରୋଗୀ ପରୀକ୍ଷା କରି ଚିକିତ୍ସା ନିମନ୍ତେ ଡ଼ାକ୍ତରଙ୍କୁ ପରାମର୍ଶ କରିଥାନ୍ତି । ବଧିର ରୋଗୀଙ୍କ ଉତ୍ତମ ଚିକିତ୍ସାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ମେଡ଼ିକାଲ୍ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି । ଅନ୍ୟପକ୍ଷରେ ବିଭାଗର ସମସ୍ୟା ସମ୍ପର୍କରେ ମେଡ଼ିକାଲ୍ ଅଧୀକ୍ଷକଙ୍କୁ ଅବଗତ କରାଯାଇଥିବା ଜଣାପଡ଼ିଛି । ରୋଗୀଙ୍କ ଚିକିତ୍ସାକୁ ଦୃଷ୍ଟିରେ ରଖି ମେଡ଼ିକାଲ୍ କର୍ତ୍ତୃପକ୍ଷ ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଇଥିବା ବେଳେ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ଅଧୀନରେ ସିଟି ହସ୍‌ପିଟାଲ୍‌ରେ କାର୍ଯ୍ୟରତ ଅଡ଼ିଓଲୋଜିଷ୍ଟଙ୍କୁ ଏମ୍‌କେସିଜି ମେଡ଼ିକାଲ୍‌ରେ ସପ୍ତାହକୁ ଅନ୍ତତଃ ଦୁଇ ଦିନ କାର୍ଯ୍ୟ କରିବାକୁ ଅନୁମତି ଦେବାକୁ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ଅନୁରୋଧ କରାଯାଇଥିବା ବିଭାଗୀୟ ମୁଖ୍ୟ ଡ଼ା. ସଞ୍ଜିତ କୁମାର ମିଶ୍ର କହିଛନ୍ତି ।



## ସୁବର୍ଣ୍ଣପୁରରେ ୫୫ ତମ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୋନପୁର ସହରର ଘୋଡାଘାଟପଡା ଠାରେ ଚଳିତ ବର୍ଷ ୫୫ ତମ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ କର୍ତ୍ତା ଭାବରେ ହିମାଂଶୁ ଶେଖର ଶତପଥୀ ସପତ୍ନିକ କାର୍ଯ୍ୟ ତୁଲାଇଥିବା ବେଳେ ପୂଜକ ରାଧେଶ୍ୟାମ ପୁରୋହିତ କାର୍ଯ୍ୟଭାର ତୁଲାଇଥିଲେ । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ୧୦ ତାରିଖ ଶୁକ୍ରବାର ଦିନ ପ୍ରଖ୍ୟାତ କଣ୍ଠ ଶିଳ୍ପୀ ଅନନ୍ୟା ଏବଂ ଶ୍ରୀତମ ନନ୍ଦଙ୍କ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏବଂ ୧୨ ତାରିଖ ଦିନ ଭସାଣି ଉତ୍ସବରେ ଘଣ୍ଟ, ଦୁଲ୍ ଦୁଲି, ବାଘ ନାଚ, ଆଦିବାସୀ ନୃତ୍ୟ, କରମା ନାଚ ସହ କଲିକତାର ଡ୍ୟାନ୍ସ ଗ୍ରୁପ୍ ସାମିଲ ହେବା ସହ ଧୁମ୍ ଧାମ୍‌ରେ ଭସାଣୀ ଉତ୍ସବ ହେବା ନେଇ କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଚଳିତ ବର୍ଷ ସଭାପତି ଭାବେ ସତ୍ୟଜିତ ସାହୁ, ଉପ-ସଭାପତି ତ୍ରିଲୋଚନ ପାଣିଗ୍ରାହୀ, ସମ୍ପାଦକ ତାପସ ରଞ୍ଜନ ମହାନ୍ତି, ସହସମ୍ପାଦକ ଆଶିଷ କୁମାର ନାୟକ, କୋଷାଧ୍ୟକ୍ଷ ଶଶୀଭୂଷଣ ପାଣିଗ୍ରାହୀ, ସାଂସ୍କୃତିକ ସମ୍ପାଦକ ପଦ୍ମଲୋଚନ ମହଲା ଦାୟିତ୍ୱ ଭାର ସମ୍ଭାଳିଥିବା ବେଳେ ଉପଦେଷ୍ଟା ମଣ୍ଡଳୀରେ ଶ୍ରୀବତ୍ସ ମଲ୍ଲିକ, ଭାରତ ଭୂଷଣ ଦାଶ, ସୋମନାଥ ସାହୁ, ସୁଧୀର ପଣ୍ଡା, ସୁମିତ ପୁଜାହରୀ, ରିକୁନ ବକ୍ସି, ଜୟକୃଷ୍ଣ ପଟ୍ଟନାୟକ, ଆକାଶ ବିଦ୍ୟାଧର, ରାଜା ପଣ୍ଡା ପ୍ରମୁଖ ପ୍ରମୁଖ ସକ୍ରିୟ ସଦସ୍ୟ ରହିଛନ୍ତି ।



## ଗଜଲକ୍ଷ୍ମୀ ପୂଜା ଅବସରରେ ୧୦ ହଜାର ଆଠ ଦୀପ ଯଜ୍ଞ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ସହରର ଲକ୍ଷ୍ମୀବଜାର ପୂଜାକମିଟି ତରଫରୁ ଆୟୋଜିତ ହୋଇଥିବା ଗଜଲକ୍ଷ୍ମୀ ପୂଜା ଗୁରୁବାର ଚତୁର୍ଥ ସନ୍ଧ୍ୟାରେ ୧୦ ହଜାର ଆଠଟି ଦୀପ ଜାଳିବାର ବ୍ୟବସ୍ଥା କରାଯାଇଥିଲା । ଏହି ଅବସରରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନଙ୍କ ସହିତ ବୌଦ୍ଧ ଆଦର୍ଶ ଥାନା ଅଧିକାରୀ ନଳିନୀକାନ୍ତ ଦାସ ଏବଂ ହଜାର ହଜାର ଶ୍ରଦ୍ଧାଳୁ ଦୀପ ଜାଳିଥିଲେ । ପ୍ରଥମେ ମା' ମହାଲକ୍ଷ୍ମୀଙ୍କ ପାଖରେ ସନ୍ଧ୍ୟା ଆଳତୀ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ଧୂପ, ଦୀପ, ପୁଷ୍ପମାଲ୍ୟ ଅର୍ପଣ କରାଯାଇ ହଜାର ହଜାର ଶ୍ରଦ୍ଧାଳୁ ଦୀପ ଯଜ୍ଞରେ ସାମିଲ୍ ହୋଇ ଦୀପ ଜାଳିଥିଲେ । ବିଭିନ୍ନ ପ୍ରକାର ରଙ୍ଗୋଲୀ କରାଯାଇ ତାଉପରେ ଦୀପ ଗୁଡିକ ରଖାଯାଇ ଜଳାଯାଇଥିବା ବେଳେ ଦେଖିବାକୁ ବହୁତ ସୁନ୍ଦର ଲାଗୁଥିଲା । ବୌଦ୍ଧ ବିଧାୟକ ଶ୍ରୀ ପ୍ରଧାନ ମା' ଗଜଲକ୍ଷ୍ମୀ ପୂଜା ମଣ୍ଡପ ଠାରେ ମା' ଅନ୍ନପୂର୍ଣ୍ଣାଙ୍କୁ ଦର୍ଶନ କରିବା ସହ ଦୀପ ଯଜ୍ଞ କାର୍ଯ୍ୟକ୍ରମରେ ନିଜେ ଦୀପ ଜାଳି ବୌଦ୍ଧର ସୁଖ ସମୃଦ୍ଧି କାମନା କରିଥିଲେ । ଏହି ଅବସରରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଯୋଗଦେଇ ଦୀପ ଜାଳି ଗଜଲକ୍ଷ୍ମୀଙ୍କ ଆଶିଷ କାମନା କରିଥିଲେ । ରଙ୍ଗୀନ ଆଲୋକମାଳା, ଉନ୍ନତ ସାଜସଜ୍ଜା ଓ ଏହି ଦୀପ ଯଜ୍ଞ ପରିବେଶକୁ ଆହୁରି ଶାନ୍ତିମୟ କରିଦେଇଥିଲା । ସମସ୍ତ ଶ୍ରଦ୍ଧାଳୁଙ୍କୁ ଖିରି କାକରା ଭୋଗ ବଣ୍ଟନ କରାଯାଇଥିଲା ।

## ପୋଷଣ ମାସ ଅଭିଯାନକୁ ଜନଆନ୍ଦୋଳନ କରିବା ଉପରେ ଗୁରୁତ୍ୱାରୋପ

**କେନ୍ଦୁଝର, ନ୍ୟୁଜ୍**



ଓଡ଼ିଶା ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସ-୨୦୨୫ ଦରବାର ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ ଯୋଗ ଦେଇଥିଲେ ଏବଂ ବିଭିନ୍ନ ସମନ୍ୱିତ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହିଥିଲେ। ଶ୍ରୀ ମହାଲିକ ନିଜ ଅଭିଭାଷଣରେ ପୋଷଣ ମାସ ଅଭିଯାନକୁ ଏକ ଜନ ଆନ୍ଦୋଳନ କରିବା ପାଇଁ ବିଭାଗଗୁଡ଼ିକ ମଧ୍ୟରେ ସାମୂହିକ କାର୍ଯ୍ୟ ଏବଂ ସମନ୍ୱୟର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ପୁଷ୍ଟିସାର ଏବଂ ସ୍ୱାସ୍ଥ୍ୟର ଲକ୍ଷ୍ୟ ହାସଲ ପାଇଁ ସଚେତନତା ଏବଂ ଆଚରଣଗତ ପରିବର୍ତ୍ତନର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ବୈଠକରେ ପୋଷଣ ମାସ-୨୦୨୫ର ଛଅଟି ବିଷୟବସ୍ତୁ କ୍ଷେତ୍ର - ସ୍ଥୁଳତା ସମ୍ବୋଧନ ଏବଂ ଚିନି ଏବଂ ତେଲ ବ୍ୟବହାର ହ୍ରାସ, ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ଶିକ୍ଷା, ଶିଶୁ ଏବଂ ଖାଦ୍ୟ ଅଭ୍ୟାସ, ପୁରୁଷ-ପ୍ରବାହ, ତୃଣମୂଳସ୍ତର ସଶକ୍ତିକରଣ ପାଇଁ ଲୋକାଲ୍ ଫର୍ ଭୋକାଲ୍, ଏବଂ ସମନ୍ୱିତ କାର୍ଯ୍ୟ ଏବଂ ଡିଜିଟାଇଜେସନ୍ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ସୁସ୍ଥ ନାରୀ ସଶକ୍ତ ଭାରତ ଅଭିଯାନ ସହିତ ସମନ୍ୱୟ ରକ୍ଷା କରି ରାଜ୍ୟ କ୍ୟାଲେଣ୍ଡର ଅନୁଯାୟୀ ସମସ୍ତ ବିଷୟବସ୍ତୁ ଆଧାରିତ କାର୍ଯ୍ୟକଳାପ ପରିଚାଳନା ସୁନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପୋଷଣ ମାସକୁ ଏକ ପ୍ରକୃତ ଜନ ଆନ୍ଦୋଳନ କରିବା ପାଇଁ ସମ୍ପ୍ରଦାୟସ୍ତରୀୟ ସଚେତନତା ଏବଂ ଗଣମାଧ୍ୟମ ପ୍ରସାରରେ ସକ୍ରିୟ ଭାବରେ ନିୟୋଜିତ ହେବାକୁ ବିଭାଗଗୁଡ଼ିକୁ ଅନୁରୋଧ କରାଯାଇଥିଲା। #PoshanMaah୨୦୨୫ ହାସଟ୍ୟାଗ୍ ସହିତ ସୋସିଆଲ ମିଡିଆ ଅଭିଯାନ, ଜନ ଆନ୍ଦୋଳନ ଡ୍ୟାସବୋର୍ଡରେ ଫଟୋଗ୍ରାଫ୍ ସହିତ କାର୍ଯ୍ୟକଳାପର ପ୍ରତିଦିନ ଅପଡେଟ୍ ଏବଂ କାର୍ଯ୍ୟକଳାପର ଗୁଣବତ୍ତା ଏବଂ ସ୍ଥିରତା ତଦାରଖ କରିବା ପାଇଁ ଜିଲ୍ଲା, ବ୍ଲକ ଏବଂ ପ୍ରକଳ୍ପ ସ୍ତରରେ ନୋଡାଲ୍ ଅଧିକାରୀଙ୍କୁ ମନୋନୟନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମିତା ନାଏକ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୁଷ୍ପରାଣୀ ପଟ୍ଟନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ମୁଖ୍ୟ ବେସାମାରିକ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଓସକା ସମ୍ପାଦିକା ଧରିତ୍ରୀ ରାଉତ, ସମାଜ ମଙ୍ଗଳ ଅଧିକାରୀ ଭାରତୀ ସାହୁ, ଜିଲ୍ଲା ସଂଯୋଜକ, ପୋଷଣ ଅଭିଯାନ ଅଜିତ ମହାନ୍ତି ଓ ପ୍ରୋଗ୍ରାମ ଅଫିସର ବାସନ୍ତୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ସୁବର୍ଣ୍ଣପୁର ଜିଲ୍ଲାର ଦିଶା ବୈଠକ ଅନୁଷ୍ଠିତ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ଦିଶା ବୈଠକ ସାଂସଦ, ବଲାଙ୍ଗିର ସଂଗୀତା କୁମାରୀ ସିଂହ ଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଦିଶା ବୈଠକରେ ବିଧାୟକ, ବୀରମହାରାଜପୁର ରଘୁନାଥ ଜଗଦଲା, ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ଼ ନୃପରାଜ ସାହୁ, ଆରକ୍ଷୀ ଅଧିକ୍ଷକ, ନାରାୟଣ ନାଏକ, ଦିଶା କମିଟିର ସଦସ୍ୟ/ସଦସ୍ୟା ବୃନ୍ଦ, ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ), ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ, (ସାଧାରଣ) ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ସୁବର୍ଣ୍ଣପୁର, ଉପ ଜିଲ୍ଲାପାଳ, ବୀରମହାରାଜପୁର, ସମସ୍ତ ପଞ୍ଚାୟତ ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୃନ୍ଦ, ସମସ୍ତ ତହସିଲର ତହସିଲଦାର ବୃନ୍ଦଙ୍କ ସମେତ ଜିଲ୍ଲା ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ। ଦିଶା ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚିତ ହୋଇ ଜିଲ୍ଲାର ବିଭିନ୍ନ ବିଭାଗର ବିକାଶ ଓ ଉନ୍ନୟନ କାର୍ଯ୍ୟ ଗୁଡ଼ିକର ଅଗ୍ରଗତି ବିଷୟରେ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଥିଲା। ଶେଷରେ ସମସ୍ତଙ୍କୁ ଧନ୍ୟବାଦ୍ ଦେଇ ସଭା ସମାପ୍ତ ଘୋଷଣା କରାଯାଇଥିଲା ।

## ବୌଦ୍ଧରେ ବିଶ୍ୱ ଦୃଷ୍ଟି ଦିବସ ପାଳିତ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ପୀତାବଳୀ ଉଚ୍ଚ ବିଦ୍ୟାଳୟ ବୌଦ୍ଧ ଏନ.ଏସି ଅନ୍ତର୍ଗତ ମର୍ଜାକୁଦ ଠାରେ ବିଶ୍ୱ ଦୃଷ୍ଟି ଦିବସ ପାଳିତ ହୋଇଯାଇଛି। ଏହି ଦିବସ ପାଳନ ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଡାକ୍ତର ସଂଘମିତ୍ରା ପଣ୍ଡାଙ୍କ ଅଧ୍ୟକ୍ଷତାରେ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସନ୍ତୋଷ କୁମାର ତ୍ରିପାଠୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡାକ୍ତର ସାନ୍ତା ନିବେଦିତା, ଚକ୍ଷୁରୋଗ ବିଶେଷଜ୍ଞ ଡାକ୍ତର ବଲ୍ଲଭ ପ୍ରଧାନ, ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ କର୍ମଚାରୀ, ଆଶାକର୍ମୀ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ, ଅଭିଭାବକ ଓ ବରିଷ୍ଠ ନାଗରିକ ମାନେ ଉପସ୍ଥିତ ଥିଲେ। ଏହି ଦିବସର ବାର୍ତ୍ତା-ନିଜ ଆଖିକୁ ଭଲ ପାଆନ୍ତୁ ଓ ଏହାର ଯତ୍ନ ନିଅନ୍ତୁ। ଆଖିର କିପରି ଯତ୍ନ ନେବେ ସେ ସମ୍ବନ୍ଧିତ ବିଭିନ୍ନ ବାର୍ତ୍ତା ଓ ଉପାୟମାନ ବୁଝାଇ କହିଥିଲେ। ଏହାପରେ ଛାତ୍ର ଛାତ୍ରୀଙ୍କ ଓ ବରିଷ୍ଠ ନାଗରିକ ମାନଙ୍କର ଚକ୍ଷୁର ପରୀକ୍ଷା କରାଯାଇଥିଲା। ଏଥିସହିତ ଯେଉଁମାନଙ୍କର ଉଚ୍ଚତର ଚିକିତ୍ସା ଆବଶ୍ୟକ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଭାଗରେ ଚିକିତ୍ସିତ ହେବାପାଇଁ ପରାମର୍ଶ ଦିଆଯାଇଥିଲା।

## କେନ୍ଦ୍ରାପଡାରେ ରାଷ୍ଟ୍ରୀୟ ପୋଷଣ ମାସ ପାଳନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ରାଷ୍ଟ୍ରୀୟ ପୋଷଣ ମାସ ୨୦୨୫ ପାଳନ ହୋଇଯାଇଛି । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟାର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ନବକ୍ରୀଷ୍ଣ ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ ମନୋରଞ୍ଜନ ରାଉତ, ଜିଲ୍ଲା ମଙ୍ଗଳ ଅଧିକାରୀ ସଂଗ୍ରାମ କେଶରୀ ବେହୁରା, ତୁଳସୀ ମହିଳା ମହା ବିଦ୍ୟାଳୟର ଅଧ୍ୟାପିକା ଡ଼ଃ ପ୍ରଜ୍ଞା ପ୍ରିୟଦର୍ଶିନୀ ପଣ୍ଡା ପ୍ରମୁଖ ଯୋଗଦେଇ ମେଦ ବହୁଳତାର ସମାଧାନ ପାଇଁ ଖାଦ୍ୟରେ ଚିନି, ଲୁଣ, ତେଲର ବ୍ୟବହାର କମ୍ କରିବା, ଆଦ୍ୟ ଶୈଶବ ଅବସ୍ଥାରେ ଯତ୍ନ ଓ ଶିକ୍ଷା ଜରିଆରେ ଶୁନ୍ ରୁ ୩ ବର୍ଷ ଶିଶୁଙ୍କ ବୌଦ୍ଧିକ ବିକାଶକୁ ପ୍ରାଧାନ୍ୟ ଦେବା, ପୋଷଣ ବି ପଢାଇ ବି ମାଧ୍ୟମରେ ପ୍ରତିଟି ଶିଶୁଙ୍କୁ ଉତ୍ତମ ପେଷଣ ସହ ଶିକ୍ଷା ପ୍ରଦାନ କରିବା, ନବଜାତ ଓ ଶିଶୁଙ୍କୁ ଉତ୍ତମ ପୋଷଣ ପ୍ରଦାନ ପାଇଁ ସ୍ତନ୍ୟପାନ ଓ ସଠିକ୍ ଖାଦ୍ୟାଭ୍ୟାସ ବିଷୟରେ ସଚେତନ କରାଇବା, ଗର୍ଭବତୀ ମା ଓ ଶିଶୁ ମାନଙ୍କ ଯତ୍ନ ଓ ସୁରକ୍ଷା ପାଇଁ ମହିଳା ମାନଙ୍କ ସହ ପୁରୁଷ ମାନଙ୍କର ସହଭାଗିତାକୁ ପ୍ରାଧାନ୍ୟ ଦେବା ଆଦି ବିଷୟରେ ଆଲୋଚନା କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୋଷଣର ଡିସି ସଂଜୟ ପାତ୍ର, ପୋଷଣର ଡ଼ିପିଏ ସନିତା ବେହେରା, ଶୁଭେନ୍ଦୁ ଦାସ, ଡ଼ିପିସି ମମତା ମନୋରଞ୍ଜନ ଦାସ, ହବ ର ଡିସି ଲଲାଟେନ୍ଦୁ ଭୋଇଙ୍କ ସମେତ ସମସ୍ତ ସିଡିପିଓ, ସୁପର ଭାଇଜର, ଅଙ୍ଗନବାଡି କର୍ମୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୧୦ ଗୋଟି ଷ୍ଟଲ୍ ଖୋଲାଯାଇଥିବା ବେଳେ ପୋଷଣ ମାସ ପାଇଁ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଚାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ ।

## 'ମୋ ଫସଲ ବୀମା ପଲିସୀ ମୋ ହାତରେ' କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଋଣୀ ଚାଷୀ ଭଲ ମାନଙ୍କ ବୀମା ରସିଦ ବିତର କାର୍ଯ୍ୟକ୍ରମ ଜଗତସିଂହପୁର ଜିଲ୍ଲା ବାଲିକୁଦା କଟକ ସମବାୟ ବ୍ୟାଙ୍କ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ରିଲିଆନ୍ସ ଜେନେରାଲ ଇନ୍ସୁରାନ୍ସ କମ୍ପାନୀ ଦ୍ୱାରା ଆୟୋଜିତ ଉତ୍ସବରେ ଜିଲ୍ଲା ସମବାୟ ନିର୍ଦ୍ଦେଶକ ପ୍ରଭାତ ଚନ୍ଦ୍ର ଶତପଥୀ, ଉପ ନିର୍ଦ୍ଦେଶକ ରଶ୍ମିତା ଦାସ, ବରିଷ୍ଠ ଅଧିକାରୀ ରାଖାଲ ସେଠୀ, ସମବାୟ ବ୍ୟାଙ୍କ ମ୍ୟାନେଜେର କମଳାକାନ୍ତ ମହାନ୍ତି, ଫସଲ ବୀମାର ସୁବିଧା ସୁଯୋଗ ବିଷୟରେ ସଚେତନତା କରିଥିଲେ। ବିଶେଷ କରି ଗତ ବର୍ଷ ଡିସେମ୍ବର ମାସର ଅଦିନିଆ ବର୍ଷାରେ ହୋଇଥିବା କ୍ଷୟ କ୍ଷତି ବାବଦରେ ଜଗତସିଂହପୁର ଜିଲ୍ଲାରେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସୂଚନା ଦେଇଥିବା ୨୪ ହଜାର ଚାଷୀଙ୍କୁ ୪ କୋଟି ୧୯ ଲକ୍ଷ ଟଙ୍କା କ୍ଷୟ କ୍ଷତି ପୂରଣ ବାବଦରେ ପ୍ରଦାନ କରାଯାଇଥିବା ନେଇ ସୂଚନା ଦେଇଥିଲେ। ଫସଲ ବୀମା ପଞ୍ଜିକରଣ କରିଥିବା ସମସ୍ତ ଋଣୀ ଚାଷୀ ଭାଇମାନଙ୍କ ପାଇଁ ଏହିଭଳି ରସିଦ, ସଚେତନତା ଅତ୍ୟନ୍ତ ଉପାଦେୟ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜିଲ୍ଲା ସଂଯୋଜକ ପ୍ରମୋଦ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଆୟୋଜକରେ ବ୍ଲକ ସଂଯୋଜକ ସୌମ୍ୟ ରଞ୍ଜନ ନିହାଣ, ସହଯୋଗ କରିଥିଲେ ।

## ପୂର୍ବତନ ବିଜେଡ଼ି ବିଧାୟକଙ୍କ ଜନ ସମ୍ପର୍କ ପଦଯାତ୍ରା

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ପାଟଣାଗଡ ଉପଖଣ୍ଡ ଅନ୍ତର୍ଗତ ଖପ୍ରାଖୋଲ ବ୍ଲକରେ ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଯାଇଛି। ଏହି ଜନ ସମ୍ପର୍କ ପଦଯାତ୍ରା ଖପ୍ରାଖୋଲ ବ୍ଲକର ଘୁନସର ଗ୍ରାମ ପଞ୍ଚାୟତର ୨ଟି ଗ୍ରାମ ଘୁନସର ଓ ଝାଙ୍କରିପାଲିରୁ ଶୁଭାରମ୍ଭ କରାଯାଇଥିଲା । ଜନସଂପର୍କ ପଦଯାତ୍ରାରେ ବିଜୁ ଜନତା ଦଳର ବରିଷ୍ଠ କର୍ମୀ ମାନେ ବିଗତ ନବୀନ ସରକାରଙ୍କ ସମୟରେ ହୋଇଥିବା ଜନମଙ୍ଗଳକାରୀ ଯୋଜନା ଗୁଡିକ ଯାହାକି ପାଟଣାଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖପ୍ରାଖୋଲ ବ୍ଲକରେ ପୂର୍ବତନ ବିଧାୟକ ସରୋଜ କୁମାର ମେହେରଙ୍କ ଲୋକଙ୍କ ପ୍ରତି ସେବାକାର୍ଯ୍ୟ ହୋଇ କଲ୍ୟାଣକାରୀ ଯୋଜନା ଗୁଡିକ କାର୍ଯ୍ୟର ଗୁଣ ଗାନ କରି ବର୍ତମାନ ବିଜେପି ସରକାର ଖପ୍ରାଖୋଲ ବ୍ଲକରେ ପ୍ରତ୍ୟେକ କ୍ଷେତ୍ରରେ ବିଫଳ ହେଉଥିବା ଲୋକଙ୍କ ପାଖରେ ପହଞ୍ଚାଇଥିଲେ । ଏହି ଜନ ସମ୍ପର୍କ ପଦଯାତ୍ରା ଅବସରରେ ବିଜେଡି ବ୍ଲକ ସଭାପତି ରମେଶ ପଧାନ, ବ୍ଲକ ଉପାଧ୍ୟକ୍ଷ ସୁଖିରାମ ସାଣ୍ଟେ, ବିଜେଡି ଜିଲ୍ଲା ସମ୍ପାଦକ ପବିତ୍ର ପଟେଲ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସତ୍ୟନାରାୟଣ ମେହେର, ବିକାଶ ଦାଶ, ବିପ୍ର ବିଶି, ଟିକେଶ୍ୱର ଧରୁଆ, ଜଳଧର ତାଣ୍ଡି, ଜ୍ୟୋତିଷ ସାହୁ, ଚକ୍ର ସାହୁ, କୁଶ ମାଝୀ, ଗୋପାଳ ସାହୁ ପ୍ରମୁଖ ଶତାଧିକ ବିଜେଡି କର୍ମୀ ଘୁନସର୍ ଓ ଝାଙ୍କରିପାଲି ଗ୍ରାମରେ ଜନ ସମ୍ପର୍କ ପଦଯାତ୍ରା ଅବସରରେ ସାମିଲ ହୋଇଥିଲେ।

### ||||||||||||||||||||| ଦେବାଳୟ ସୁରକ୍ଷା କମିଟିର ଦାବିପତ୍ର |||||||||||||||||||||

## ମାଁ ପାଟଣେଶ୍ୱରୀ ମନ୍ଦିରର ବିକାଶ ପାଇଁ ଆସିଥିବା ୧୦ କୋଟି ଟଙ୍କା ଗଲା କୁଆଡ଼େ ?

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**



ବଲାଙ୍ଗିର ଜିଲ୍ଲା କଳା ସଂସ୍କୃତି ଐତିହ୍ୟ ବହନ କରୁଥିବା କେନ୍ଦ୍ରସ୍ଥଳି, ପାଟଣାଗଡର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ମନ୍ଦିର ୨୦୦୦ ବର୍ଷ ପୂର୍ବର ଐତିହ୍ୟ ବହନ କରୁଥିବା ମନ୍ଦିରକୁ ଗତ ଏକ ବର୍ଷ ହେବ ୧୦ କୋଟି ଟଙ୍କା ଅନୁଦାନ ଆସି କାର୍ଯ୍ୟ ନହୋଇଥିବାରୁ ତାହା କିଭଳି କାର୍ଯ୍ୟ ହେବ ତାସହ ଭୋଗ ମଣ୍ଡପ, ରୋଷେଇ ଶାଳା, ଯଜ୍ଞ ମଣ୍ଡପ, ପାର୍କିଂ ସ୍ଥଳୀ ପାଇଁ ଅଧିକ ଅର୍ଥ ବରାଦ କରିବା ପାଇଁ ଦାବି, ସମଲେଶ୍ୱରୀ ମନ୍ଦିର ଉନ୍ନତିକରଣ ଏବଂ ଦୁଇ ମନ୍ଦିର ପାଇଁ ଜାଗା ଚିହ୍ନଟ କରି ଜବରଦଖଲ ହଟାଇବା ପାଇଁ ଦାବି । ଲୋଇସିଂହା ନିର୍ବାଚନ ମଣ୍ଡଳୀ ଆଗଲପୁର ବ୍ଲକର ସାଲେଭଟା ଗ୍ରାମରେ ବିରାଜମାନ ଐତିହାସିକ ପୀଠ ମାଁ ପାଟଣେଶ୍ୱରୀ ଏବଂ ମାଁ ସମଲେଶ୍ୱରୀ ପୀଠରେ ଗୋଟିଏ ଗମ୍ଭିରାରେ ଦୁଇ ଭଉଣୀ ପୂଜା ପାଉଛନ୍ତି । ପାଟଣା ଶାସନ ସମୟରେ ଏହି ଗଡଟି ବେଶ୍ ଗୁରୁତ୍ୱବହନ କରୁଥିଲା । ରାଜା ବଳରାମ ଦେଓ ୧୫୦୦ ଖ୍ରୀଷ୍ଟାବ୍ଦରେ ଭାଇ ଭାଗ ସ୍ଥାପନ କରିଥିଲେ । ଏହାର ଉନ୍ନତିକରଣ ପାଇଁ ରାଜ୍ୟ ସରକାର ଅଧିକ ଅର୍ଥ ବରାଦ କରିବାକୁ ଦାବି । ପୁଇଁତଲା ବ୍ଲକ ଅନ୍ତର୍ଗତ ସାଉନ୍ତପୁର ସାଉନ୍ତେଶ୍ୱରୀ ମନ୍ଦିର ଉନ୍ନତିକରଣ ପାଇଁ ମାଁ ଙ୍କର ଭୋଗ ମଣ୍ଡପ, ରୋଷେଇ ଶାଳ, ବିଶ୍ରାମଗାର ସହ ସମ୍ପୂର୍ଣ୍ଣ ଉନ୍ନତିକରଣ ପାଇଁ ଅନୁଦାନ ଦାବି । କୁସଙ୍ଗର ମାଁ କୁଶଙ୍ଗାଇ ଦେବୀଙ୍କ ପୀଠ ଏବଂ ମନ୍ଦିର ଉନ୍ନତିକରଣ ପାଇଁ ଅର୍ଥ ଅନୁଦାନ ଦେବା ସଙ୍ଗେ ବଲାଙ୍ଗିର ସହରର ୯ ଗୋଟି ମନ୍ଦିରକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା, ସର୍ବ ପୁରାତନ ଲୋକନାଥ ମନ୍ଦିର ଉନ୍ନତିକରଣ ପାଇଁ ଅନୁଦାନ ଦାବି କରାଯାଇଛି । ବିଭିନ୍ନ ସମୟରେ ଗତ ୨୧.୦୯.୨୦୨୫ ତାରିଖ ଦିନ ପାଟଣେଶ୍ୱରୀ ଦେବୀଙ୍କ ମୁଖ୍ୟ ପୀଠରେ ସେବାୟତ ଓ ଦେବାଳୟ ସୁରକ୍ଷା କମିଟି ମନ୍ଦିର ସୁରକ୍ଷାକୁ ନେଇ ଆଲୋଚନା ହୋଇଥିଲା । ଗତ ମାର୍ଚ୍ଚ ୩ ତାରିଖ ଦିନ ଦେବୋତ୍ତର ବିଭାଗ ଏକ କୋଟି ଟଙ୍କା ଉନ୍ନତିକରଣ ପାଇଁ ତତ୍‌କାଳୀନ ଉପଜିଲ୍ଲାପାଳଙ୍କ ଜରିଆରେ ଉନ୍ନତିକରଣ ପାଇଁ ଆସିଥିବା ଚର୍ଚ୍ଚା ଥିଲା । ତେବେ ମନ୍ଦିରର ସେବାୟତ ଏ ଯାଏ କିଛି କାର୍ଯ୍ୟ ହୋଇନଥିବାରୁ ଆଲୋଚନା କରିଥିଲେ । ଜିଲ୍ଲା ପ୍ରଶାସନ, ମୁଖ୍ୟମନ୍ତ୍ରୀ, ଉପ-ମୁଖ୍ୟମନ୍ତ୍ରୀଙ୍କୁ ଦାବି କରି ଆସୁଥିଲେ ମଧ୍ୟ କିଛି କାର୍ଯ୍ୟ ହୋଇନଥିବାରୁ ଗାନ୍ଧୀ ନଗର ପଡା ମହାତ୍ମା ଗାନ୍ଧୀ ପ୍ରତିମୂର୍ତ୍ତିରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଦେବାଳୟ ସୁରକ୍ଷା କମିଟି ନେତୃତ୍ୱରେ ସଭାପତି ଜୟକୃଷ୍ଣ ମିଶ୍ର, ଦୁର୍ବାଦଳ ମହାକୁର, କମିଟିର ପ୍ରଶାନ୍ତ ମହାକୁର, ଶମ୍ଭୁ ପ୍ରସାଦ ଶତପଥି, ରିଣ୍ଟୁ ସାହୁ, ସୁଶାନ୍ତ ପ୍ରଧାନ ଓ ମହେନ୍ଦ୍ର ପ୍ରଧାନ ସାମିଲ୍ ଥିଲେ । ଜିଲ୍ଲାପାଳଙ୍କୁ ଏକ ଲିଖିତ ଭାବେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି ।

## ଦୀର୍ଘବର୍ଷ ଧରି ସରକାରୀ ଜାଗାରେ ଥିବା ଦ୍ୱିତଳ ମାର୍କେଟ୍ କମ୍ପ୍ଲେକ୍ସକୁ ଭାଙ୍ଗିଲା ପ୍ରଶାସନ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଦୀର୍ଘବର୍ଷ ଧରି ଭଦ୍ରକ-ଚାନ୍ଦବାଲି ରୋଡ୍‌ର ସରକାର ନଗର ଠାରେ ସରକାରୀ ଜାଗାରେ ଥିବା ଦ୍ୱିତାଲା ବିଶାଳ ମାର୍କେଟ୍ କମ୍ପ୍ଲେକ୍ସକୁ ପ୍ରଶାସନ ଭାଙ୍ଗିଦେଇଛି। ଏନେଇ ଜନସାଧାରଣଙ୍କ ପକ୍ଷରୁ ସବୁ ମହଲରେ ଜିଲ୍ଲା ପ୍ରଶାସନକୁ ସ୍ୱାଗତ କରାଯାଇଛି। ତେବେ କିଛି ନ୍ୟସ୍ତସ୍ୱାର୍ଥ ସମ୍ପନ୍ନ ବ୍ୟକ୍ତି ପ୍ରଶାସନର ଏହି ପଦକ୍ଷେପକୁ ଥଇଥାନ ଆଳରେ ବିରୋଧ କରିଛନ୍ତି। ଏହି ଉଚ୍ଛେଦ ସ୍ଥାନରେ ଥିବା ଭଦ୍ରକ ତହସିଲଦାର ସଂଗ୍ରାମ ପ୍ରିୟଦର୍ଶୀ ଖୁଣ୍ଟିଆଙ୍କ କହିବା ଅନୁଯାୟୀ ନୟନଯୋରୀ ସ୍ଥାନରେ ଥିବା ଏହି ଦ୍ୱିତଳ ମାର୍କେଟ୍ କମ୍ପ୍ଲେକ୍ସକୁ ସେକ୍ ବବି ଓ ସେକ୍ ମୋବାରକ ନାମକ ଦୁଇଜଣ ବ୍ୟକ୍ତି ଦୀର୍ଘବର୍ଷ ହେବ ନିର୍ମାଣ କରି ବିପୁଳ ଅର୍ଥ ରୋଜଗାର କରିଆସୁଥିଲେ। ଯଦି ସରକାରଙ୍କ ତରଫରୁ ଏହି ମାର୍କେଟ୍ କମ୍ପ୍ଲେକ୍ସର ଭଡା ବାବଦରେ ଅର୍ଥ ଆଦାୟ ହୋଇଥାଆନ୍ତା, ତେବେ ମାସକୁ ପ୍ରାୟ ୩ ଲକ୍ଷ ଟଙ୍କା ରାଜସ୍ୱ ପାଣ୍ଠି ବୃଦ୍ଧି ପାଇଥାନ୍ତା। ସେ ଆହୁରି କହିଲେ ଯେ ଉଚ୍ଛେଦ ପ୍ରକ୍ରିୟା ନହେଲେ ସହରର ସୌନ୍ଦର୍ଯ୍ୟକରଣ ହୋଇପାରିବନାହିଁ। ସହରକୁ ଆମେ ଯେତେ ସରସ ସୁନ୍ଦର କରିବାକୁ ଚାହୁଁଛୁ, ୮୦ ପ୍ରତିଶତ ଲୋକ ସ୍ୱାଗତ କରୁଥିବାବେଳେ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଏହାକୁ ବିରୋଧ କରୁଛନ୍ତି। ଧନୀ ହେଉ କି ଗରିବ ହେଉ କିମ୍ବା ପ୍ରଭାବଶାଳୀ ବ୍ୟକ୍ତି ହେଉ, ଯେଉଁମାନେ ସରକାରୀ ଜାଗା ଜବରଦଖଲ କରିଆସିଛନ୍ତି, ସେମାନଙ୍କୁ ଉଚ୍ଛେଦ କରାଯିବ, ଏଥିରେ ସନ୍ଦେହ ନାହିଁ। ସେ ପୁଣି କହିଛନ୍ତି ଯେ ଯଦି ସରକାରୀ ଜାଗାରେ ବେଆଇନ୍ ଜବରଦଖଲକୁ ପ୍ରୋତ୍ସାହନ ଦିଆଯାଏ, ତେବେ ସହରାଞ୍ଚଳରେ ଜବରଦଖଲ ସଂଖ୍ୟା ବୃଦ୍ଧି ପାଇବ। ସହରର ସୌନ୍ଦର୍ଯ୍ୟକରଣ ନଷ୍ଟ ହେବା ସହ ରାସ୍ତାଘାଟ ସଂକୁଚିତ ହୋଇପଡିବ। ଏଣୁ ସମସ୍ତ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଶେଷ ହେବାପରେ ବିଧିବଦ୍ଧ ଏକ ପ୍ଲାନ୍ ପ୍ରସ୍ତୁତ କରାଯାଇ ସହରକୁ ଏକ ସ୍ମାର୍ଟ ସିଟି କରାଯିବା ପାଇଁ ପ୍ରଶାସନର ପ୍ରୟାସ ରହିଛି ବୋଲି ତହସିଲଦାର ଶ୍ରୀ ଖୁଣ୍ଟିଆ କହିଥିଲେ। ଏହି ଉଚ୍ଛେଦ ପ୍ରକ୍ରିୟା ସମୟରେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ ଉପସ୍ଥିତ ଥିବାବେଳେ ଏକ ପ୍ଲାଟୁନ୍ ପୋଲିସ୍ ମୁତୟନ ହୋଇଥିଲା।

# ୫ ୱିକେଟ ହାସଲ କରି ବିଶ୍ୱ ରେକର୍ଡ ଭାଙ୍ଗିଲେ କୁଲଦୀପ ଯାଦବ



**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ୍ ଦଳର ବାମହାତି ସ୍ପିନର କୁଲଦୀପ ଯାଦବ ରବିବାର ଦ୍ୱିତୀୟ ଟେଷ୍ଟର ତୃତୀୟ ଦିନରେ ଅସାଧାରଣ ପ୍ରଦର୍ଶନ କରି ଇତିହାସ ରଚିଛନ୍ତି । ୱେଷ୍ଟଇଣ୍ଡିଜକୁ ୨୪୮ ରନରେ ଅଲ୍-ଆଉଟ୍ କରି ଭାରତ ୨୭୦ ରନର ବିଶାଳ ଲିଡ୍ ସହ ଫଲୋ-ଅନ୍ ଘୋଷଣା କରିଛି । ଏହା ସହିତ କୁଲଦୀପ ୫/୮୨ ଫିଗର୍ସରେ ତାଙ୍କ ପାଞ୍ଚମ ଟେଷ୍ଟ୍ ୫ ୱିକେଟ ହଅଲ୍ ହାସଲ୍ କରିଛନ୍ତି । ଟେଷ୍ଟ୍ କ୍ରିକେଟରେ ବାମହାତି ସ୍ପିନରଙ୍କ ମଧ୍ୟରୁ ସର୍ବାଧିକ ୫ ୱିକେଟ ହଅଲ୍ (୫) ସହ କୁଲଦୀପ ଇଂଲଣ୍ଡର ଜନି ୱାର୍ଡଲଙ୍କ ସହ ସମାନ୍ ହୋଇଛନ୍ତି । କିନ୍ତୁ ଉଲ୍ଲେଖଯୋଗ୍ୟ ଯେ, ୱାର୍ଡଲ ୨୮ଟି ଟେଷ୍ଟରେ ଏହି ସଫଳତା ପାଇଥିଲେ, ଯେତେବେଳେ କୁଲଦୀପ ମାତ୍ର ୧୫ଟି ଟେଷ୍ଟରେ ଏହା କରିବାରେ ସକ୍ଷମ ହୋଇଛନ୍ତି । ଏହା ସହିତ ସେ ବିଶ୍ୱ ରେକର୍ଡ ଭାଙ୍ଗିଛନ୍ତି ।

ଅରୁଣ୍ ଜେଟଲୀ ଷ୍ଟାଡିୟମରେ ଖେଳାଯାଉଥିବା ଏହି ଦ୍ୱିତୀୟ ଓ ଶେଷ ଟେଷ୍ଟରେ ଭାରତ ୫୧୮/୫ ରନରେ ପ୍ରଥମ ଇନିଂସ ସମାପ୍ତ କରିଥିଲା । ପିଚରେ ଅଧିକ ଟର୍ଣ୍ଣ ଓ ବାଉନ୍ସ ନ ଥିଲା, ତଥାପି କୁଲଦୀପଙ୍କ ଗୁଗଲି, ଭ୍ୟାରିଏସନ୍ ଓ ଡ୍ରିଫ୍ଟ ଭାରତକୁ ନିୟନ୍ତ୍ରଣରେ ରଖିଥିଲା । ସକାଳେ ସେ ଶାଇ ହୋପ୍ (୩୬), ଟେଭିନ୍ ଇମ୍ଲାଚ୍ (୨୧) ଓ ଜଷ୍ଟିନ୍ ଗ୍ରେଭ୍ସ (୧୮)ଙ୍କୁ ଶୀଘ୍ର ଆଉଟ କରି ମ୍ୟାଚକୁ ଭାରତ ସପକ୍ଷରେ ଆଣିଥିଲେ ।

# ତୃତୀୟ ଦିନ ଖେଳ ଶେଷ : ୯୭ ରନ୍ ପଛରେ ୱେଷ୍ଟଇଣ୍ଡିଜ୍

**ନୂଆଦିଲ୍ଲୀ**

ଭାରତ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଖେଳାଯାଉଛି । ତୃତୀୟ ଦିନର ଖେଳ ଶେଷ ହୋଇଛି । ଫଲୋଅନ୍ କରୁଥିବା ୱେଷ୍ଟଇଣ୍ଡିଜ୍ ଦୁଇ ୱିକେଟ୍ ହରାଇ ୧୭୩ ରନ୍ କରିଛି । ଦଳ ଏପର୍ଯ୍ୟନ୍ତ ଭାରତଠାରୁ ୯୭ ରନ୍ ପଛରେ ଅଛି । ଏହି ଟେଷ୍ଟରେ ୱେଷ୍ଟଇଣ୍ଡିଜ୍ ଶକ୍ତି ପ୍ରଦର୍ଶନ କରିଛି । ୩୫ ରନରେ ଦୁଇଟି ୱିକେଟ୍ ହରାଇବା ପରେ, ଜନ୍ କ୍ୟାମ୍ପବେଲ୍ ଏବଂ ଶାଇ ହୋପ୍ ଏବେ ୨୦୭ ବଲରେ ତୃତୀୟ ୱିକେଟ୍ ପାଇଁ ଅପରାଜିତ ୧୩୮ ରନର ଭାଗୀଦାରି କରିଛନ୍ତି । କ୍ୟାମ୍ପବେଲ୍ ୮୭ ରନ୍ ଏବଂ ହୋପ୍ ୬୬ ରନରେ ଅପରାଜିତ ଅଛନ୍ତି । ତେଜନାରାୟଣ ଚନ୍ଦ୍ରପଲଙ୍କୁ ସିରାଜ ଆଉଟ୍ କରିଥିଲେ । ଆଲିକ୍ ଆଥାନଜେ ୭ ରନ୍ କରି ସୁନ୍ଦରଙ୍କ ବଲରେ ଆଉଟ ହୋଇଥିଲେ ।

ଭାରତ ତା'ର ପ୍ରଥମ ଇନିଂସରେ ୫ ୱିକେଟ୍ ହରାଇ ୫୧୮ ରନ୍ କରି ଘୋଷଣା କରିଥିଲା । ସେତେବେଳେ



ୱେଷ୍ଟଇଣ୍ଡିଜ୍ ୨୪୮ ରନ୍‌ରେ ଅଲ୍ ଆଉଟ୍ ହୋଇଥିଲା । ଫଲୋଅନ୍ ଏଡାଇବା ପାଇଁ ସେମାନଙ୍କୁ ୩୧୯ ରନ୍ ଆବଶ୍ୟକ ଥିଲା, କିନ୍ତୁ ୭୧ ରନ୍ କମ୍ ପଡ଼ିଥିଲା । ଭାରତ ପ୍ରଥମ ଇନିଂସରେ ୨୭୦ ରନର ଲିଡ୍ ନେଇ ୱେଷ୍ଟଇଣ୍ଡିଜକୁ ଫଲୋଅନ୍ କରିବାକୁ ବାଧ କରିଥିଲା । ତଥାପି ତୃତୀୟ ଦିନରେ, ହୋପ୍ ଏବଂ କ୍ୟାମ୍ପବେଲ୍ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ ଏବଂ ଆକ୍ରମଣାତ୍ମକ କ୍ରିକେଟ୍ ଖେଳିଥିଲେ । କ୍ୟାମ୍ପବେଲ ଏପର୍ଯ୍ୟନ୍ତ ନଅ ଚୌକା ଏବଂ ଦୁଇଟି ଛକା ମାରିଥିବା ବେଳେ ହୋପ୍ ଆଠ ଚୌକା ଏବଂ ଦୁଇଟି ଛକା ମାରିଥିଲେ । ରବିବାର ୧୪୦ ରନରେ ୪ ୱିକେଟରେ ଖେଳ ଆରମ୍ଭ କରି ୱେଷ୍ଟଇଣ୍ଡିଜ ଅବଶିଷ୍ଟ ୬ ୱିକେଟ ହରାଇ ୧୦୮ ରନରେ ପହଞ୍ଚିଥିଲା । କୁଲଦୀପ ଯାଦବ ଘାତକ ବୋଲିଂ କରି ପାଞ୍ଚ ୱିକେଟ ନେଇଥିଲେ । ଏହା ତାଙ୍କ ଟେଷ୍ଟ କ୍ୟାରିୟରର ପଞ୍ଚମ ପାଞ୍ଚ ୱିକେଟ ଥିଲା ।

କୁଲଦୀପ ଯାଦବ ରବିବାର ୱେଷ୍ଟଇଣ୍ଡିଜକୁ ପ୍ରଥମ ତିନୋଟି ଝଟ୍‌କା ଦେଇଥିଲେ । ଶାଇ ହୋପ (୩୬), ଟେଭିନ ଇମଲାଚ (୨୧) ଏବଂ ଜଷ୍ଟିନ ଗ୍ରୀଭସ (୧୭)ଙ୍କୁ ଆଉଟ୍ କରିଥିଲେ । ସିରାଜ ପରେ ଜୋମେଲ ୱାରିକାନଙ୍କୁ କ୍ଲିନ୍ ବୋଲ୍ଡ କରିଥିଲେ । ବୁମ୍‌ରା ଖାରି ପିଏରେଙ୍କୁ ବୋଲ୍ଡ କରିଥିଲେ । ଶେଷରେ କୁଲଦୀପ ଜାଡେନ ସିଲ୍ସ (୧୩)ଙ୍କୁ ଏଲବିଡବ୍ଲ୍ୟୁ କରି ୱେଷ୍ଟଇଣ୍ଡିଜର ଇନିଂସକୁ ୮୧.୫ ଓଭରରେ ୨୪୮ ରନରେ ଶେଷ କରିଥିଲେ । ଆଣ୍ଡରସନ୍ ଫିଲିପ୍ ୨୪ ରନ୍ କରି ଅପରାଜିତ ରହିଥିଲେ । ଏହା ପୂର୍ବରୁ ଜନ୍ କ୍ୟାମ୍ପବେଲ୍ ୧୦, ତେଜନାରାୟଣ ଚନ୍ଦ୍ରପଲ ୩୪ ଏବଂ ଆଲିକ୍ ଆଥାନଜେ ୪୧ ରନ୍ କରି ଆଉଟ୍ ହୋଇଥିଲେ । ଅଧିନାୟକ ରୋଷ୍ଟନ୍ ଚେଜ୍ ୧୦ ରନ୍ କରି ଅପରାଜିତ ରହିଥିଲେ । ଭାରତ ପକ୍ଷରୁ ରବୀନ୍ଦ୍ର ଜାଡ଼େଜା ତିନୋଟି ୱିକେଟ୍ ନେଇଥିଲେ । କୁଲଦୀପ ଯାଦବ, ବୁମ୍‌ରା ଏବଂ ସିରାଜ ପ୍ରତ୍ୟେକ ଗୋଟିଏ ୱିକେଟ୍ ନେଇଥିଲେ ।

# ଦିନିକିଆରେ ୫ ହଜାର ରନ୍ ପୂରଣ କଲେ ଉପ ଅଧିନାୟିକା ସ୍ମୃତି ମନ୍ଧାନା

**ବିଶାଖାପାଟଣା**



ଭାରତୀୟ ଦଳର ଉପ ଅଧିନାୟିକା ସ୍ମୃତି ମନ୍ଧାନା ରବିବାର ପ୍ରଥମ କ୍ରିକେଟର ଭାବେ ମହିଳା ଦିନିକିଆରେ ଗୋଟିଏ ବର୍ଷରେ ୧ ହଜାର ରନ୍ ପୂରଣ କରିଛନ୍ତି । ଅଷ୍ଟ୍ରେଲିଆ ବିପକ୍ଷ ହାଇପ୍ରୋଫାଇଲ ମ୍ୟାଚ୍‌ରେ ୮୦ ରନର ବିସ୍ଫୋରକ ପାଳି ଅବସରରେ ସେ ଏହି ରେକର୍ଡର ଅଧିକାରୀ ହୋଇଛନ୍ତି ।

ଏହି ଇନିଂସରେ ସେ ଦିନିକିଆ କ୍ରିକେଟରେ ୫୦୦୦ ରନ୍ ମଧ୍ୟ ପୂରଣ କରିଛନ୍ତି । ବିଶ୍ୱର ପଞ୍ଚମ ଓ ଦ୍ୱିତୀୟ ଭାରତୀୟ ଭାବେ ସେ ଏହି ମାଇଲଷ୍ଟୋନରେ ପହଞ୍ଚିଛନ୍ତି । ତାଙ୍କ ପୂର୍ବରୁ ପୂର୍ବତନ ଅଧିନାୟିକା ମିତାଲ ରାଜ ଏହି ଉପଲବ୍ଧି ହାସଲ କରିଥିଲେ । ତେବେ ମନ୍ଧାନା କମ୍ ସଂଖ୍ୟକ ଇନିଂସ ଓ ବଲରେ ଏହି ମାଇଲଷ୍ଟୋନରେ ପହଞ୍ଚିଛନ୍ତି ।

ସେ ୧୧୨ ଇନିଂସ ଓ ୫,୫୬୯ ବଲରେ ୫୦୦୦ ରନ ପୂରଣ କରିଛନ୍ତି । ଦୁଇ ରେକର୍ଡ ପୂର୍ବରୁ ଷ୍ଟେଫନି ଟେଲର (୧୨୯ ଇନିଂସ) ଓ ସୁଜି ବେଟ୍ସ (୬,୧୮୨ ବଲ)ଙ୍କ ନାମରେ ଥିଲା । ଚଳିତ ବର୍ଷ ଏପର୍ଯ୍ୟନ୍ତ ମନ୍ଧାନା ୧୮ ମ୍ୟାଚ୍‌ରେ ୧୦୬୨ ରନ୍ କରିଛନ୍ତି । ଗୋଟିଏ ବର୍ଷରେ ମହିଳା ଦିନିକିଆରେ ସର୍ବାଧିକ ରନ୍ କରିବାର ରେକର୍ଡ ପୂର୍ବରୁ ଅଷ୍ଟ୍ରେଲିଆର ବେଲିଣ୍ଡା କ୍ଲାର୍କ (୧୯୯୭ରେ ୯୭୦ ରନ୍)ଙ୍କ ନାମରେ ରହିଥିଲା ।

# ଜାତୀୟ ସବ୍-ଜୁନିଅର ଟେନିସ ବଲ କ୍ରିକେଟ ଚାମ୍ପିଅନସିପ୍ ପାଇଁ ଓଡ଼ିଶା ଦଳର ରାଜସ୍ଥାନ ଗସ୍ତ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

୩୦ ତମ ସବ-ଜୁନିଅର ଜାତୀୟ ଟେନିସ୍ ବଲ୍ କ୍ରିକେଟ ଚାମ୍ପିଅନସିପ ପାଇଁ ଆସନ୍ତା ଅକ୍ଟୋବର ୧୪ ତାରିଖରୁ ୧୭ ତାରିଖ ୨୦୨୫ ପର୍ଯ୍ୟନ୍ତ ରାଜସ୍ଥାନର ଦୋଉସା ଠାରେ ଆୟୋଜିତ ହେବାକୁ ଥିବା ଜାତୀୟ ୩୦ତମ ସବ-ଜୁନିଅର ଜାତୀୟ ଟେନିସ ବଲ କ୍ରିକେଟ ଚାମ୍ପିଅନସିପରେ ଓଡ଼ିଶା ସବ୍-ଜୁନିଅର ଟେନିସ୍ ବଲ କ୍ରିକେଟ ଦଳ ରାଜସ୍ଥାନ ଅଭିମୁଖେ ଯାତ୍ରା କରିଛନ୍ତି । ଏହି ଖେଳାଳିମାନେ ଟି. ଅମନ କୁମାର, ରିତେଶ ବାଛା, ଅରୋସିସ ବେହେରା, ରୁଦ୍ର ଚନ୍ଦନ ଦାଶ, ଦିବାକର ପାତ୍ର, ଏସ କେ ଇମ୍ରାନ, ଯଥାର୍ଥ ମଲିକ, ପ୍ରତୀକ୍ଷା ପ୍ରଭୁକୃପା ପରିଡ଼ା, ଅରମାନ ମହାପାତ୍ର, ସଚ୍ଚିଦାନନ୍ଦ ମାଳି, ରାହୁଲ ସାହାଣୀ, ସୁଜିତ ବେହେରା, ସାଇ ଶ୍ରବଣ କୁମାର ଧଳ, ମହମ୍ମଦ ସାହିଲ ଖାଁ, ସୁନୀଲ କୁମାର ମହାରଣା (କୋଚ୍) ଏବଂ ଟି. ଦିଲେଶ୍ୱର ରାଓ (ମ୍ୟାନେଜର) ଚଳିତ ଚମ୍ପିଅନସିପ୍‌ରେ ଭାଗ ନେବା ପାଇଁ ଯାତ୍ରା କରିଛନ୍ତି । ସମସ୍ତ ଓଡ଼ିଶା ସବ-ଜୁନିଅର ଦଳକୁ ଓଡ଼ିଶା ଟେନିସ୍ ବଲ କ୍ରିକେଟ ସଙ୍ଗର ଅଧ୍ୟକ୍ଷ ସୁରଜ ମିଶ୍ର, ସମ୍ପାଦକ ଶିଥିଳ ପଣ୍ଡା, ସହ ସମ୍ପାଦକ ସୋମନାଥ ପରିଡ଼ା, ମୁଖ୍ୟ କୋଚ୍ ଚକ୍ରଧର ମାଝୀ ଓ ରଞ୍ଜନ କୁମାର ନାୟକ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

## ମହିଳା ବିଶ୍ୱକପ୍

# ଭାରତକୁ ୩ ୱିକେଟରେ ହରାଇଲା ଅଷ୍ଟ୍ରେଲିଆ

**ବିଶାଖାପାଟଣା**

ବିଶାଖାପାଟଣାରେ ରବିବାର ଖେଳାଯାଉଥିବା ଆଇସିସି ମହିଳା ବିଶ୍ୱକପର ଏକ ରୋମାଞ୍ଚକର ମ୍ୟାଚରେ ଭାରତକୁ ୩ ୱିକେଟରେ ହରାଇ ଦେଇଛି ଅଷ୍ଟ୍ରେଲିଆ । ଭାରତ ପକ୍ଷରୁ ୩୩୧ ରନର ଏକ ବଡ଼ ବିଜୟ ଲକ୍ଷ୍ୟ ରଖାଯାଇଥିବାବେଳେ ଅଷ୍ଟ୍ରେଲିଆ ୪୯ତମ ଓଭରରେ ଏହାକୁ ହାସଲ କରିନେଇଥିଲା । ଦଳ ପକ୍ଷରୁ ଅଧିନାୟିକା ଅଲିସା ହିଲି ୧୪୨ ରନର ଏକ ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ । ସେହିପରି ଏଲିସ ପେରି ୪୭ରନ ଓ ଆସଲେ ଗାର୍ଡନର ୪୫ ରନ କରିଥିଲେ । ଭାରତ ପକ୍ଷରୁ ଶ୍ରୀ ଚାରଣି ୩ଟି ୱିକେଟ ନେଇଥିବାବେଳେ ଦିପ୍ତି ଶର୍ମା ଓ ଅମନଜୋତ କୌର ୨ଟି ଲେଖାଏଁ ୱିକେଟ ନେଇଥିଲେ ।



ଏହି ମ୍ୟାଚରେ ଅଷ୍ଟ୍ରେଲିଆ ମହିଳା ଦଳ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଭାରତ ପକ୍ଷରୁ ଦୁଇ ଓପନର ସ୍ମୃତି ମାନ୍ଧାନା ଓ ପ୍ରତୀକ ରାୱଲ ପ୍ରଥମ ୱିକେଟ ଯୋଡ଼ିରେ ୧୫୫ ରନ କରିଥିଲେ । ଭାରତ ପକ୍ଷରୁ ସ୍ମୃତି ମାନ୍ଧାନା ୮୦ ରନ କରିଥିବାବେଳେ ପ୍ରତୀକ ରାୱଲ ୭୫ ରନ କରିଥିଲେ । ମାନ୍ଧାନା ଆଉଟ ହେବା ପରେ ହର୍ଲିନ ଦେଓଲ ଓ ରାୱଲଙ୍କ ମଧ୍ୟରେ ବି ଏକ ଭଲ ପାର୍ଟନରସିପ ଦେଖିବାକୁ ମିଳିଥିଲା । ୨୩୪ ରନରେ ଭାରତ ନିଜର ୨ୟ ୱିକେଟ ହରାଇଥିଲା । କିନ୍ତୁ ଭାରତର ମଧ୍ୟକ୍ରମ ଓ ନିମ୍ନକ୍ରମ ବ୍ୟାଟ୍ସମ୍ୟାନଙ୍କ ବିଫଳତା ପରେ ସ୍କୋର କିଛିଟା ଧୀମେଇ ଯାଇଥିଲା । ଭାରତ ୪୮.୫ ତମ ଓଭରରେ ୩୩୦ ରନ କରି ଅଲଆଉଟ ହୋଇଯାଇଥିଲା । ଅଷ୍ଟ୍ରେଲିଆ ପକ୍ଷରୁ ଆନାବେଲ ସଦରଲାଣ୍ଡ ୫ଟି ଓ ସୋଫି ମୋଲିନିକ୍ସ ୩ଟି ୱିକେଟ ନେଇଥିଲେ ।

# ଟି୨୦ରେ ଇତିହାସ ରଚିଲା ନାମିବିଆ



**ୱିଣ୍ଡହୋକ**

ଖେଳାଯାଇଥିବା ଟି୨୦ ମ୍ୟାଚ୍‌ରେ ନାମ୍ବିଆ ୪ ଉଇକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଇତିହାସ ରଚିଛି । ଟେଷ୍ଟ ପ୍ଲେଇଂ ଦେଶ ବିପକ୍ଷରେ ଏହା ନାମ୍ବିଆର ଚତୁର୍ଥ ବିଜୟ । ଏଥିପୂର୍ବରୁ ଆୟର୍ଲାଣ୍ଡ, ଜିମ୍ବାୱେ ଓ ଶ୍ରୀଲଙ୍କା ଭଳି ଟେଷ୍ଟ ପ୍ଲେଇଂ ଦେଶକୁ ନାମିବିଆ ପରାସ୍ତ କରିଥିଲା । ଅନ୍ୟପକ୍ଷରେ ଟି୨୦ ଫର୍ମାଟରେ ଆସୋସିଏଟ୍ ଦେଶ ବିପକ୍ଷରେ ଏହା ଦକ୍ଷିଣ ଆଫ୍ରିକାର ପ୍ରଥମ ପରାଜୟ ।

ଜିତି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୮ ଉଇକେଟ ହରାଇ ୧୩୪ ରନ କରିଥିଲା । ଦଳ ପାଇଁ ଜେ ସ୍ମିଥ୍ ୩୧, ରୁବିନ ହର୍ମାନ ୨୩ ଓ ଲୁଆନ ଡ୍ରେ ପ୍ରିଟୋରିଅସ ୨୨ ରନ କରିଥିଲେ । ବୋଲିଂରେ ଘରୋଇ ନାମ୍ବିଆ ଲାଗି ରୁବେନ ଟ୍ରମ୍ପେଲମାନ ୩ ଓ ମ୍ୟାକ୍ସ ହେଇଙ୍ଗୋ ୨ ଉଇକେଟ ନେଇଥିଲେ ।

ଜବାବରେ ନାମ୍ବିଆ ୨୦ ଓଭରରେ ୬ ଉଇକେଟ ହରାଇ ୧୩୮ ରନ କରି ମ୍ୟାଚ୍ ଜିତି ନେଇଥିଲା । ଦଳ ପାଇଁ ଅଧିନାୟକ ଜେରାର୍ଡ ଇରାସମସ ୨୧ ରନ କରି ଆଉଟ୍ ହୋଇଥିବା ବେଳେ ଜେନ ଗ୍ରୀନ (୩୦) ଅନ୍ତିମ ବଲରେ ଚୌକା ଲଗାଇ ଦଳକୁ ଐତିହାସିକ ବିଜୟ ଆଣି ଦେଇଥିଲେ । ଦକ୍ଷିଣ ଆଫ୍ରିକା ପକ୍ଷରୁ ନାନ୍ଦ୍ରେ ବର୍ଗର ଓ ଆଣ୍ଡିଲ ସିମେଲେନ ୨ ଲେଖାଏଁ ଉଇକେଟ ନେଇଥିଲେ ।

# କନ୍ୟାମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ସଦର ମହକୁମା ସ୍ଥିତ ନିମାଇଁ ଭବନ ଠାରେ ଆନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ଜିଲ୍ଲା ସମାଜ ମଙ୍ଗଳ ଉପବିଭାଗ ଜଗତସିଂହପୁର ଦ୍ୱାରା ପାଳିତ ହୋଇଯାଇଛି । ନୂଆ ଚେତନା ନୂଆ ଭାବନାରେ ନୂଆ ସୃଜନର ଧ୍ୱଜା ଧାରିଣୀ ଆମ ଝିଅଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ଶିକ୍ଷା ପାଇଁ ପ୍ରତିଶ୍ରୁତି ବଦ୍ଧ ଓଡ଼ିଶା ସରକାରଙ୍କର ଏହା ଏକ ପ୍ରୟାସ ଅଟେ । ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ବିଷ୍ଣୁପ୍ରିୟା ସେଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁଚରଣ ରାଉତ, ଅବସର ପ୍ରାପ୍ତ ଶିକ୍ଷୟତ୍ରୀ ତଥା ଶିଶୁ ସାହିତ୍ୟିକା ଜ୍ୟୋତିର୍ମୟୀ ମହାନ୍ତି ଓ ଅବସର ପ୍ରାପ୍ତ ବିଜ୍ଞାନ ପରିଦର୍ଶକ ସୁଭାଷ ଚନ୍ଦ୍ର ରାଉତ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, କ୍ଷେତ୍ର ପରିଦର୍ଶିକା ଆଦି ଯୋଗଦେଇ ଉପସ୍ଥିତ ଥିବା କିଶୋରୀ ବାଳିକା, ଅଙ୍ଗନବାଡ଼ି କର୍ମୀ, ଅଦ୍ୱିକା କିଶୋରୀମାନଙ୍କୁ ଉଦବୋଧନ ପ୍ରଦାନ କରିଥିଲେ । ବାଲ୍ୟ ବିବାହ ନିରୋଧ, କନ୍ୟା ଭ୍ରୁଣ ହତ୍ୟାରୁ ନିବୃତ ରହିବା ଝିଅ ମାନଙ୍କୁ ଶିକ୍ଷିତ କରିବା, ସ୍ୱାଧୀନତା ଓ ସୁରକ୍ଷା ପ୍ରଦାନ କଲେ ସେମାନେ ସମାଜରେ ଉପଯୁକ୍ତ ସମ୍ମାନର ଅଧିକାରିଣୀ ହେବା ସହିତ ସୁସ୍ଥ ଓ ବିକଶିତ ସମାଜ ଗଠନରେ ସହାୟକ ହୋଇପାରିବେ ବୋଲି ମତ ପ୍ରକାଶ କରିଥିଲେ । ପ୍ରଥମେ ବିଭିନ୍ନ ବ୍ଲକ ରୁ ଆସିଥିବା କିଶୋରୀ ବାଳିକାମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ଜଣା ଅଜଣା, ସଙ୍ଗୀତ ନୃତ୍ୟ ଇତ୍ୟାଦି ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା । ପରିଶେଷରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ସର୍ବ ଶେଷରେ ସୁରକ୍ଷା ଅଧିକାରିଣୀ ରମଣୀ ଲାକ୍ରା ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ୨୪ କ୍ରୀଡ଼ାବିତ୍ ସାମିଲ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଚଳିତ ଅକ୍ଟୋବର ମାସ ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତରେ ଭଦ୍ରକ ଜିଲ୍ଲାର ଚରମ୍ପା ସ୍ଥିତ ହନୁମାନ ଜିଉ ଉଚ୍ଚ ବିଦ୍ୟାଳୟ, ରେଲୱେ ଫିଲ୍ଡ ରେ ଚାଲୁଥିବା ଓଡ଼ିଶା ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରିରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ମୟୂରଭଞ୍ଜ ଜିଲ୍ଲା ରୁ ୨୪ ଜଣ କ୍ରୀଡ଼ାବିତ୍ ଯୋଗ ଦେଇଛନ୍ତି । ଜେନେରାଲ ମ୍ୟାନେଜର ଭାବେ ଆଦିତ୍ୟ କାନୁନଗୋ ଉଚ୍ଚ ବିଦ୍ୟାଳୟ, ହାତୀମରାର ପିଇଟି ପ୍ରଦୀପ ଚୌଧୁରୀ, ବାଳକ ଟିମ୍ ମ୍ୟାନେଜର ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ, କୁଶଳଦାର




ପିଇଟି ଉଷାକାନ୍ତ ମଲ୍ଲିକ ଓ ବାଳିକା ଟିମ୍ ମ୍ୟାନେଜର ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ, ଭଞ୍ଜପୁରର ପିଇଟି ତପସ୍ୱିନୀ ମହାନ୍ତଙ୍କ ନେତୃତ୍ୱରେ ଯୋଗ ଦେଇଥିବା କ୍ରୀଡ଼ାବିତ୍‌ମାନେ ହେଲେ ୧୭ ବର୍ଷରୁ କମ୍ ବାଳକ ବିଭାଗ ରେ ଭବେଷ ଦାସ, ଧନଞ୍ଜୟ ମହାନ୍ତ, ସଞ୍ଜୟ କୁମାର ରାଉତ, ସ୍ୱରୂପାନନ୍ଦ ବାରିକ, ଦେବକୃଷ୍ଣ ପ୍ରଧାନ, ରାଧାକୃଷ୍ଣ ସାହୁ, ଦିବ୍ୟରଞ୍ଜନ ମଲ୍ଲିକ, ଭବେଶ ସାହୁ, ତନୁଜିତ ବାରିକ, ଶିବୁ ପରିଡ଼ା, ବାସୁଦେବ ଧଳ,ଓମ ପ୍ରକାଶ ସାହୁ ଓ ବାଳିକା ବିଭାଗରେ ଦାଙ୍ଗି ହାଁସଦା, ଅନିତା ଜାମୁଦା, ସାରଥୀ ହେମ୍ବ୍ରମ, ପାନ ହାଁସଦା, ଲକ୍ଷ୍ମୀ ବାସ୍କେ, ଦେବସ୍ମିତା ହାଁସଦା, ରଞ୍ଜିତା ହେମ୍ବ୍ରମ, ବାସନ୍ତୀ ମାଝୀ, କୃଷ୍ଣାରାଣୀ ବେସ୍ରା, କାଜଲ ହେମ୍ବ୍ରମ, ପୁଷ୍ପଲତା ହେମ୍ବ୍ରମ, ଜୋବା ଟୁଡୁ । ଏମକେସି ସରକାରୀ ଉଚ୍ଚ ବିଦ୍ୟାଳୟ, ବାରିପଦାର ଏହି ଭବ୍ୟ ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ଭଲିବଲ ଏନଆଇଏସ କୋଚ୍ ମନୋରଞ୍ଜନ ଜିଉ ଉପସ୍ଥିତ ରହି କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିବା ସହିତ ରାଜ୍ୟସ୍ତରରେ ସଫଳତା କାମନା କରିଛନ୍ତି ।

# ସାମାଜିକ ଉନ୍ନତିରେ ଶିକ୍ଷାର ଗୁରୁତ୍ୱ ନେଇ ଆଲୋଚନା



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ରାଇଜିଂ ଓଡ଼ିଶା ଟ୍ରଷ୍ଟ ପକ୍ଷରୁ ସାମାଜିକ ଉନ୍ନତିରେ ଶିକ୍ଷାର ଗୁରୁତ୍ୱ ସଂପର୍କରେ ଆଲୋଚନା କରାଯାଇଥିଲା । ନିୟୁଜେନ୍ ସ୍କୁଲ ପରିସରରେ ମହମ୍ମଦ ଜକରିଆଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ମୌଲାନା ଆବୁ ହୋରେରା ମୋଦିନି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମହମ୍ମଦ ଅଶାଦୁଲ୍ଲା, ଲୋହିତ ମହାନ୍ତି, ହରେକୃଷ୍ଣ ମଲିକ, ସାକିବ ଅନସାରୀ, ଆଶିଫ୍ ଇକବାଲ, ସେକ ଅସଲମ, ହାକିମ ଖାନ ପ୍ରମୁଖ ଯୋଗ ଦେଇ ସାମାଜିକ ଉନ୍ନତିରେ ଶିକ୍ଷାର ମହତ୍ୱ ସଂପର୍କରେ ଆଲୋକପାତ କରିଥିଲେ । ଶିକ୍ଷା ଅଧିକାର ଆଇନ ଅନୁଯାୟୀ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହିତ ଯୋଡ଼ିବା ସହିତ ତାଙ୍କର ଭବିଷ୍ୟତ ଶିକ୍ଷା ଦ୍ୱାରା ଉଜ୍ଜ୍ୱଳ ହୋଇଥାଏ ବୋଲି ଆଲୋଚନା କରିଥିଲେ । ସଭା ଶେଷରେ ଟ୍ରଷ୍ଟର ଅଧ୍ୟକ୍ଷ ସୁମାମା ସିଦିକ ଧନ୍ୟବାଦ ଅର୍ପଣ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ, ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ ।

# ମା' ସାରଳା କ୍ରିକେଟ ଆସୋସିଏସନର ୧୭ତମ ଟ୍ରଫି ଉନ୍ମୋଚନ



**ତିର୍ତ୍ତୋଲ, ନ୍ୟୁଜ୍‌ବ୍ୟୁରୋ**

ତିର୍ତ୍ତୋଲ ମା' ସାରଳା କ୍ରିକେଟ ଆସୋସିଏସନ ପକ୍ଷରୁ ୧୭ତମ ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ମା' ସାରଳା କ୍ରିକେଟ ଆସୋସିଏସନ୍ ତରଫରୁ ପାଳନ୍ଦା ଟୁର୍ଣ୍ଣାମେଣ୍ଟ ପାଇଁ ଟ୍ରଫି ଉନ୍ମୋଚନ ଉତ୍ସବ ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବିମଳକାନ୍ତ ମହାପାତ୍ର ଯୋଗଦାନ କରିଥିଲେ । ମୁଖ୍ୟ ଅତିଥିଙ୍କୁ ସାରଳା ରୋଡ୍ ଠାରୁ ଏକ ବିଶାଳ ମୋଟରସାଇକେଲ ରାଲିରେ ସଭା ପର୍ଯ୍ୟନ୍ତ ଅଣାଯାଇଥିଲା । ଉକ୍ତ ସଭାରେ ମୁଖ୍ୟ ଅତିଥି ଶ୍ରୀ ମହାପାତ୍ରଙ୍କ ସହିତ କୁମାର ଉତ୍ସବ ସମିତିର କୋଷାଧ୍ୟକ୍ଷ ନବ କୁମାର ମହାପାତ୍ର, ପ୍ରଯୋଜକ ପ୍ରଶାନ୍ତ କୁମାର ମହାନ୍ତି, ସମାଜସେବୀ ଅଜିତ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ତିର୍ତ୍ତୋଲ ପାଳନ୍ଦାରେ ଏହି ଟୁର୍ଣ୍ଣାମେଣ୍ଟ ଚଳିତ ମାସ ଆସନ୍ତା ୨୪ ତାରିଖ ଠାରୁ ଆରମ୍ଭ କରାଯିବା ସହିତ ୧୬ଟି କ୍ରିକେଟ ଟିମ୍ ଅଂଶ ଗ୍ରହଣ କରିବେବୋଲି ଆସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି । ଏହି କାର୍ଯ୍ୟକ୍ରମ ରେ ଆସୋସିଏସନର ସଦସ୍ୟଙ୍କ ସହ ଖେଳରେ ଭାଗ ନେବାକୁ ଥିବା ଦଳର ମୁଖ୍ୟ ମାନେ ଉପସ୍ଥିତ ରହିଥିଲେ ।

# ସୋନପୁର ମୁଖ୍ୟ ରାସ୍ତାରେ ବୁଲା ଗାଈଗୋରୁ ଧରପଗଡ଼ ଅଭିଯାନ ଶୁଭାରମ୍ଭ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ପୌର ପରିଷଦର ସୋନପୁର ସହରର ସମସ୍ତ ମୁଖ୍ୟ ରାସ୍ତା ତଥା ଗଳିମାନଙ୍କରେ ବୁଲୁଥିବା ଗାଇ ଗୋରୁମାନଙ୍କୁ କାଞ୍ଜିଆ ହୋଦାରେ ଭର୍ତ୍ତି କରିବା ଅଭିଯାନ ଆଜି ଶୁଭାରମ୍ଭ କରାଗଲା । ପୂର୍ବରୁ ବୁଲା ଗାଈ ଗୋରୁଙ୍କ ମାଲିକମାନଙ୍କ ପାଇଁ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ ସହରର ନଳିନୀ ଛକ ଠାରେ ଅନୁଷ୍ଠିତ ହୋଇଥିଲା । ଗାନ୍ଧୀପଡ଼ିଆରୁ ଏହି ଅଭିଯାନ ଆରମ୍ଭ କରାଯାଇଥିବା ବେଳେ ସୋନପୁର ସହରରେ ଗାଈଗୋରୁଙ୍କ ଦ୍ୱାରା ହେଉଥିବା ଟ୍ରାଫିକ ସମସ୍ୟା ଦୂର କରିବା, ଦୁର୍ଘଟଣା ରୋକିବା ପାଇଁ ପ୍ରଶାସନ ସହରବାସୀଙ୍କୁ ନିବେଦନ କରିଛି । ଜିଲ୍ଲା ପ୍ରଶାସନ, ସୋନପୁର ପୌର ପ୍ରଶାସନ ଓ ଜିଲ୍ଲା ପୋଲିସ ପ୍ରଶାସନ, ପ୍ରାଣୀ ସମ୍ପଦ ବିଭାଗ ଓ ଆଞ୍ଚଳିକ ପରିବହନ ବିଭାଗ ଓ ସହର ର ବିଭିନ୍ନ ସାମାଜିକ ସଙ୍ଗଠନ ର ମିଳିତ ଉଦ୍ୟମରେ ଏହି ଅଭିଯାନ ଆରମ୍ଭ କରାଯାଇଥିବା ସୂଚନା ମିଳିଛି । ଓ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ କାଞ୍ଜିଆ ହୋଦାରେ ଭର୍ତ୍ତି କରାଯିବ ବୋଲି ଖବର ଅଛି । ନିୟମାନୁଯାୟୀ ସଂପୃକ୍ତ ଗାଈଗୋରୁ ମାନଙ୍କ ମାଲିକମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଜ ନିଜ ଗାଈଗୋରୁ ମାନଙ୍କୁ ନ ମୁକୁଳାଇବେ ତେବେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ।

# ମା' କ୍ଷୀର ପରି ଅଣ୍ଡାରେ ସର୍ବାଧିକ ପୋଷଣ ଥାଏ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ବିଶ୍ୱ ଅଣ୍ଡା ଦିବସ ପାଳନ ପାଳନ ହୋଇଯାଇଛି । ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡଃ ମନୋଜ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମନୋରଞ୍ଜନ ରାଉତ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ, ଅଣ୍ଡାର ବିଭିନ୍ନ ମାନ ସଂପର୍କରେ ଅଲୋକପାତ କରିଥିଲେ । ବିଶ୍ୱରେ ଭାରତ ଅଣ୍ଡା



ଉତ୍ପାଦନ ରେ ତୃତୀୟ ସ୍ଥାନ ଅଧିକାର କରିଛି । ଭାରତ ବର୍ଷରେ ଜଣକ ପିଛା ବର୍ଷକରେ ୧୦୧ଟି ମିଳୁଥିବା ବେଳେ ଓଡ଼ିଶାରେ ତାହା ୯୫ଟି ଅଣ୍ଡା ମିଳିଥାଏ । ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଓ ରାଜ୍ୟ ସରକାରଙ୍କର ବିଭିନ୍ନ ଅଣ୍ଡାଦିଆ କୁକୁଡ଼ା ପାଳନ ଯୋଜନା ମାଧ୍ୟମରେ ଅଣ୍ଡା ଉତ୍ପାଦନକୁ ୨ ଗୁଣ କରିବାକୁ ଲକ୍ଷ୍ୟ ରଖାଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଭଞ୍ଜନ ରଂଜନ କବି, ଡାକ୍ତର ମନିଷ କୁମାର ସିଂହ, ଡାକ୍ତର ସ୍ମୃତି ରଞ୍ଜନ ରାଉତ, ଡାକ୍ତର ବିକାଶ ଚନ୍ଦ୍ର ବେହେରା, ତୁଷାର ରଞ୍ଜନ ମିଶ୍ର ଉପସ୍ଥିତ ଥିଲେ । ଏହି ସଭାରେ ଉପସ୍ଥିତ ଥିବା ୩ଜଣ ଅଣ୍ଡା ଉତ୍ପାଦନ କରୁଥିବା ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭା ଶେଷରେ ଆଦର୍ଶ ବିଦ୍ୟାଳୟ ର ଅଧ୍ୟକ୍ଷ ବିଭୁ ପଦାରବିନ୍ଦ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଶକ୍ତି ପ୍ରଦାୟିନୀ ମଂଚ ପରିଚାଳନା କରିଥିଲେ ।

# ହରଗୌରୀଙ୍କ ପୀଠରେ କୁଙ୍କୁମ ପୂଜା : ଭାଗନେଲେ ଶତାଧିକ ମହିଳା



**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ହରଗୌରୀ ଯାତ୍ରାର ସପ୍ତମ ଦିବସରେ ବହୁ ପ୍ରତିକ୍ଷିତ କୁଙ୍କୁମ ପୂଜା ଅନୁଷ୍ଠିତ ହୋଇଯାଇଛି । ଢେରାପଡାରେ ଅନୁଷ୍ଠିତ । ହରଗୌରୀ ଯାତ୍ରା ସମୟରେ ଏହି କୁଙ୍କୁମ ପୂଜା ରେ ବସିବା ପାଇଁ ସମସ୍ତ ମହିଳା ଙ୍କ ମଧ୍ୟରେ ଅନେକ ଅପେକ୍ଷା ଥାଏ। କୁଙ୍କୁମ ପୂଜା ସଧବା ନାରୀ ଓ ଅବିବାହିତ ଯୁବତୀ ମାନେ କରିଥାନ୍ତି। ଏହାଦ୍ୱାରା ଅନେକ ପୂଣ୍ୟଫଳ ପ୍ରାପ୍ତି ହେବାସହ ପରିବାରରେ ସୁଖଶାନ୍ତି, ଆରୋଗ୍ୟ ତଥା ଐଶ୍ୱର୍ଯ୍ୟ ଓ ଯଶପ୍ରାପ୍ତି ହୋଇଥାଏ ବୋଲି ମନେ କରାଯାଏ। ତେଲୁଗୁ ପାନ୍ତୁଲୁ ଆଦିତ୍ୱାନୀ ଦୁର୍ଗାପ୍ରସାଦଙ୍କ ଗୁରୁ ଗମ୍ଭୀର ମନ୍ତ୍ରୋଚ୍ଚାରଣ ଓ ବ୍ରତଧାରୀଙ୍କ ହୁଳହୁଳିରେ ସମଗ୍ର ପୂଜାସ୍ଥଳି ରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସାଂସାରିକ ଶୁଭ୍ରତା, ଶାନ୍ତି ଓ ମହିଳା ଙ୍କ ଆୟୁ, ସୁଭାଗ୍ୟ ପ୍ରାପ୍ତି ପାଇଁ ଏହି କୁଙ୍କୁମ ପୂଜା କରାଯାଇଥାଏ। ସେପଟେ ପ୍ରାତଃ ସମୟରୁ ମାଁ ବୁଢିମାଙ୍କ ଠାରେ ସ୍ୱତନ୍ତ୍ର ରୀତି ନୀତି ଅନୁଯାୟୀ ପୂଜାପାଠ ସହ ହରଗୌରୀ ଙ୍କ ପୀଠରେ ସୁପ୍ରଭାତମ୍, ମହାପୂଜା ଓ ରୁଦ୍ରାଭିଷେକ ଅନୁଷ୍ଠିତ ହୋଇଥିଲା ଆଜି କର୍ତ୍ତା ଭାବରେ ରମୁ ଅଗ୍ରୱାଲ ଓ ଗୁଡୁ ଲିଙ୍ଗରାଜ ପାତ୍ର ସପତ୍ନୀକ କାର୍ଯ୍ୟ ତୁଲାଇଥିଲେ। ସଂଧ୍ୟାରେ ହରଗୌରୀଙ୍କୁ ସ୍ୱଆସ୍ଥାନରୁ ଆଣି ନଗର ପରିକ୍ରମା କରାଇ ବିଭିନ୍ନ ଦ୍ୱାର ସାମ୍ନାରେ ଶ୍ରଦ୍ଧାଳୁ ହରଗୌରୀଙ୍କ ପୂଜା କରିଥିଲେ। ରବିବାର ହରଙ୍କୁ ରାଉରକେଲାର ରିଙ୍କୁ ପାତ୍ର ଓ ଗୌରୀଙ୍କୁ ମାଥିଲିର ନମ୍ରତା ପାତ୍ର ମୁଣ୍ଡରେ ବୋହି ବିଭିନ୍ନ ସାହି ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁରର ପଞ୍ଚବାଦ୍ୟ ଅନୁଷ୍ଠାନ ପକ୍ଷରୁ ଲୋକନାଚ ଗୀତ ପରିବେଷଣରେ ଢେର ରାତି ଯାଏ ଲୋକେ ମଜା ନେଇଥିଲେ।

# କପିଳେଶ୍ୱରଙ୍କ ପହିଲି ବେଢ଼ା ନୀତି ପାଳିତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମହାକାର୍ତ୍ତିକରେ ଏକାମ୍ର କ୍ଷେତ୍ରର ମହାମୁନୀ କପିଳେଶ୍ୱରଙ୍କ ବେଢ଼ା ନୀତିର ପହିଲି ପାଳି ମହାସମାରୋହରେ ପାଳିତ ହୋଇଛି । ଦ୍ୱିପ୍ରହର ଧୂପ ବଢ଼ିବା ପରେ ଶ୍ରୀଜିଉ ଏକ ସୁସଜ୍ଜିତ ବିମାନରେ ବିଜେ କରି ପ୍ରଥମେ ମନ୍ଦିର ପ୍ରାଙ୍ଗଣରେ ଥିବା ଶନି ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ । ପରେ ବେଢ଼ା ପରିକ୍ରମା କରିଥିଲେ। ପରିକ୍ରମା ସମୟରେ ଆପଟିଆମାନେ କିଛି କ୍ଷଣ ପାଇଁ ବିମାନକୁ ସିଦ୍ଧେଶ୍ୱର, ମା'ପାର୍ବତୀ ଏବଂ ଯଜ୍ଞକୁଣ୍ଡ ଆଦି ସ୍ଥାନରେ ଅଟକାଇ ରଖିବା ସହ ଦେବ ନୀତି ମୁତାବକ ପୂଜାର୍ଚ୍ଚନା ହୋଇଥିଲା । ପରିକ୍ରମାରେ ନାନା ପାରମ୍ପରିକ ବାଦ୍ୟ ସାଙ୍ଗକୁ ପୂର୍ବତନ ମ୍ୟାନେଜିଂ ଟ୍ରଷ୍ଟି ହରିହର ମଳିଆ ଏବଂ ରୋହିତ ପଣ୍ଡାଙ୍କ ସହଯୋଗରେ ଗୋଟିପୁଅ ନୃତ୍ୟ ପରିବେଷଣ ହୋଇଥିଲା । ଏଥରର ଏହି ଯାତ୍ରା ନୀତି ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି ବୋଲି ବରିଷ୍ଠ ଆପଟିଆ ସେବାୟତ ପ୍ରଭାତ କୁମାର ମହାନ୍ତି, ପ୍ରତାପ ମଳିଆ, ରାମଚନ୍ଦ୍ର ମଳିଆ, ସୂର୍ଯ୍ୟଭାନୁ ମହାପାତ୍ର ଓ ମନ୍ଦିର ପରିଚାଳକ ଅରବିନ୍ଦ ମଳିଆ କହିଛନ୍ତି । ଠାକୁରଙ୍କ ଏହି ପରିକ୍ରମା ଯାତ୍ରାକୁ ସାଂକେତିକ ଭାବେ ରାଜ୍ୟ ପରିଚାଳନା ଓ ପ୍ରଜାଙ୍କ ଭଲମନ୍ଦ ବୁଝିବା କାର୍ଯ୍ୟ ସହ ତୁଳନା କରାଯାଉଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସ୍ୱାମୀ ଦୟାନନ୍ଦ...

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯଦି ଆମେ ଗତ ୧୫୦ ବର୍ଷକୁ ଦେଖିବା ତେବେ ଭାରତର ଜାଗରଣରେ ଆର୍ଯ୍ୟ ସମାଜର ଅବଦାନ ଅତୁଳନୀୟ । ଆର୍ଯ୍ୟ ସମାଜ କେବଳ ଏକ ଧାର୍ମିକ ସଂସ୍କାର ଆନ୍ଦୋଳନ ନୁହେଁ, ଏହା ଏକ ନୈତିକ, ଶିକ୍ଷାଗତ ଏବଂ ସାମାଜିକ ବିପ୍ଳବ । ସେ ପୁଣି କହିଥିଲେ, ପରାଧୀନ ଭାରତ ବର୍ଷରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଏଭଳି ଜଣେ ସନ୍ଥ ଥିଲେ ଯିଏ ଅନ୍ଧ ବିଶ୍ୱାସ, ଜାତିପ୍ରଥା ଏବଂ ସାମାଜିକ କୁସଂସ୍କାରକୁ ଚ୍ୟାଲେଞ୍ଜ କରିବାକୁ ସାହସ କରିଥିଲେ । ପରାଧୀନ ଭାରତ ବର୍ଷରେ ଶିକ୍ଷା, ମହିଳା ସଶକ୍ତିକରଣ ଏବଂ ବୈଦିକ ଶିକ୍ଷାର ପୁନରୁଦ୍ଧାର ଜରିଆରେ ସ୍ୱାମୀ ଦୟାନନ୍ଦଙ୍କ ନେତୃତ୍ୱରେ ଆର୍ଯ୍ୟ ସମାଜ ଏକ ନୂତନ ଜାଗରଣ ସୃଷ୍ଟି କରିଥିଲା । ସ୍ୱାମୀ ଦୟାନନ୍ଦଙ୍କ ଦିଗ୍‌ଦର୍ଶନରେ ବାଲ୍ୟ ବିବାହକୁ ବିରୋଧ, ମହିଳା ଶିକ୍ଷାକୁ ଗୁରୁତ୍ୱ, ବିଧବା ପୁନଃ ବିବାହ ପ୍ରଥା ସମ୍ପର୍କରେ ସଚେତନତା ସୃଷ୍ଟି କରି ସମାଜକୁ ଏକ ନୂଆ ବାର୍ତ୍ତା ଦେଇଥିଲା ଆର୍ଯ୍ୟ ସମାଜ । ସେ ଆହୁରି କହିଥିଲେ, ଆଜି ଆମେ ମହିଳାଙ୍କ ବିକାଶ ପାଇଁ ମହିଳା ସଶକ୍ତିକରଣ, ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି, ତୃଣମୂଳ ସ୍ତରରେ ମହିଳାଙ୍କ ନେତୃତ୍ୱ ବିଷୟରେ ଯେଉଁ କାର୍ଯ୍ୟ କରୁଛୁ ତାହା ହେଉଛି ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କର ମାର୍ଗ ଦର୍ଶନ । ଯୁବ ସମାଜକୁ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯୁବ ସଶକ୍ତି କରଣର ପ୍ରଥମ ଚମ୍ପିଆନ ଥିଲେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ । ମହର୍ଷି ଦୟାନନ୍ଦଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜକୁ ଜାଗ୍ରତ କରିବା ପାଇଁ ଓ ନିଜ ଅନ୍ତର୍ନିହିତ ଶକ୍ତିରେ ବିଶ୍ୱାସ ରଖି ବିବେକକୁ ବିକଶିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏବଂ ଅତିଥିମାନେ ଏକ ସ୍ମରଣିକା ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମରେ ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭାର ଅଧ୍ୟକ୍ଷ ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ, ବିଶିଷ୍ଟ ସମାଜସେବୀ ଜଗଦିଶ ପ୍ରସାଦ ଖାଡାଙ୍ଗା, ଆର୍ଯ୍ୟ ପ୍ରତିନିଧି ସଭା ନୂଆଦିଲ୍ଲୀର ଉପସଭାପତି ଯୋଗେନ୍ଦ୍ର ଖଟ୍ଟର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭାର କାର୍ଯ୍ୟକାରୀ ସଭାପତି ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ ।

## ୧୦୧ଟି ଲେଖାଏଁ ...

ଦିଲୀପ ଜୟସୱାଲ କହିଛନ୍ତି, 'ଏନଡିଏ ଏକଜୁଟ ଅଛି। ଆମେ ଦୃଢ଼ ବହୁମତ ସହିତ ସରକାର ଗଠନ କରିବୁ।' ପୂର୍ବରୁ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଜେଡିୟୁକୁ ମେଣ୍ଟରେ 'ବଡ଼ ଭାଇ' ମାନ୍ୟତା ଦିଆଯିବ ଏବଂ ବିଜେପି ଅପେକ୍ଷା ଗୋଟିଏ କିମ୍ବା ଦୁଇଟି ଅଧିକ ଆସନ ମିଳିବ ବୋଲି କଳ୍ପନାଜଳ୍ପନା କରାଯାଉଥିଲା। କୁହାଯାଉଥିଲା ଯେ ଜେଡିୟୁକୁ ୧୦୨-୧୦୩ ଆସନ ମିଳିବ। କିନ୍ତୁ ଏବେ ଏହା ସ୍ପଷ୍ଟ ଯେ ବିଜେପି ଓ ଜେଡିୟୁକୁ ସମାନ ମାନ୍ୟତା ଦିଆଯାଇଛି। ଏହି ନିଷ୍ପତ୍ତିକୁ ଏନଡିଏର ଉଭୟ ପ୍ରମୁଖ ଦଳକୁ ସମାନ ଗୁରୁତ୍ୱ ଦେବାର ରଣନୀତିର ଅଂଶ ଭାବରେ ଦେଖାଯାଉଛି।

## ସଂଘୀୟ ବ୍ୟବସ୍ଥାରେ ...

୨୦୧୩ ମସିହାରେ ଫାଇଲିନ୍, ୨୦୧୯ ମସିହା ଫନିର ପ୍ରଭାବକୁ ଆଗୁଆ ଆକଳନ କରି ସରକାର ସବୁପ୍ରକାର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଥିବାରୁ କ୍ଷୟକ୍ଷତି ଓ ଜନଜୀବନହାନୀକୁ ରୋକାଯାଇ ପାରିଥିଲା । ଏ କ୍ଷେତ୍ରରେ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ବାଚସ୍ପତି ଶ୍ରୀମତୀ ପାଢ଼ୀ ପୁଣି କହିଥିଲେ ଯେ ଶୁଦ୍ଧବାୟୁ ସୂଚକାଙ୍କରେ ଭୁବନେଶ୍ୱର ହେଉଛି ଭାରତର ପ୍ରମୁଖ ଚତୁର୍ଥ ସହର। ଚିଲିକା ହ୍ରଦର ସୁରକ୍ଷା ଦିଗରେ ବହୁବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହା ରାମ୍‌ସାର କ୍ଷେତ୍ର ମଧ୍ୟରେ ସ୍ଥାନୀତ ହୋଇଛି । ସେହିପରି ଶିମିଳିପାଳର ଜୈବବିବିଧତାର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦିଆଯାଉଛି । ଏହା ୟୁନେସ୍କୋ ଦ୍ୱାରା ମାନ୍ୟତା ଲାଭ କରିଛି । ଆଗାମୀ ଦିନରେ ରାଜ୍ୟଗୋଷ୍ଠୀ ରାଜ୍ୟମାନେ ଏ ଦିଗରେ ନିଶ୍ଚିତ ଭାବେ ଦୃଷ୍ଟିଦେବେ ଓ ଏକ ବୃହତ୍ତର ଲକ୍ଷ୍ୟ ନେଇ ସମ୍ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ବାଚସ୍ପତି ପ୍ରକାଶ କରିଥିଲେ । ସେହିପରି ଜାତୀୟ ସଂସଦ ବନାମ ପ୍ରଦେଶିକ, ଆଞ୍ଚଳିକ ଓ ବିକଶିତ ବିଧାନସଭା କ୍ଷମତା ପୃଥକୀକରଣକୁ ସୁରକ୍ଷା ଓ ସଂରକ୍ଷଣ ଉପରେ ନିଜର ମତବ୍ୟକ୍ତ କରି ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଲେ ଯେ ଭାରତର ଗଣତନ୍ତ୍ର ସବୁବେଳେ କ୍ଷମତାର ବିକେନ୍ଦ୍ରୀକରଣ ଉପରେ ଗୁରୁତ୍ୱ ଦେଇ ଆସିଛି । ଯାହାଫଳରେ ୧୪୦ କୋଟି ଜନସଂଖ୍ୟା ୨୮ଟି ରାଜ୍ୟ ଓ ୮ଟି କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ ଏକତା ସୂତ୍ରରେ ସହାବସ୍ଥାନ କରୁଛନ୍ତି । ଭାରତର ସମ୍ବିଧାନ ମଧ୍ୟ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ମଧ୍ୟରେ କ୍ଷମତା ବିକେନ୍ଦ୍ରୀକରଣର ମୂଳମନ୍ତ୍ର ଉପରେ ଆଧାରିତ । ଏକ ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସୁସଂପର୍କ ଓ ସୁସମନ୍ୱୟର ଆବଶ୍ୟକତା ରହିଛି । ଭାରତ ସବୁବେଳେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ସ୍ୱାର୍ଥ ଓ ସୁରକ୍ଷା ପ୍ରତି ପ୍ରାଧାନ୍ୟ ଦେଉଅଛି । ଫଳରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ସମ୍ଭବ ହୋଇପାରିଛି ବୋଲି ବାଚସ୍ପତି ପ୍ରକାଶ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ହେଉଛି ୫୬ ଦେଶର ସହଭାଗିତାରେ ଏକ ମିଳିତ ମଞ୍ଚ । ରାଜ୍ୟଗୋଷ୍ଠୀର ସଭ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ବିଶ୍ୱ ଭ୍ରାତୃତ୍ୱର ଭାବକୁ ଆଗକୁ ବଢ଼ାଇ ନେବାରେ ଏହି ମଞ୍ଚ ସବୁବେଳେ ପ୍ରୟାସରତ ।

## ଓଡ଼ିଆ ଡାକ୍ତରୀ ...

ଜଙ୍ଗଲିଆ ସ୍ଥାନକୁ ଟାଣି ନେଇ ଗଣ ଦୁଷ୍କର୍ମ କରିଥିଲେ। ଅଭିଯୁକ୍ତମାନେ ଛାତ୍ରୀଙ୍କ ମୋବାଇଲ ଫୋନ ଓ ୫୦୦୦ ଟଙ୍କା ଲୁଟିନେଇଥିବା ଜଣାପଡିଛି। ସୂଚନା ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୁମୂର୍ଷୁ ଅବସ୍ଥାରେ ପୀଡିତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ ମେଡିକାଲ କଲେଜର କର୍ମଚାରୀ ଏବଂ ଯୁବତୀଙ୍କ ସହିତ ଆସିଥିବା ପୁରୁଷ ବନ୍ଧୁ ସମେତ ଅନ୍ୟ ବ୍ୟକ୍ତିମାନଙ୍କୁ ମଧ୍ୟ ପଚରାଉଚରା ଆରମ୍ଭ କରିଛି। ଛାତ୍ରୀଙ୍କ ପୁରୁଷ ବନ୍ଧୁଙ୍କୁ ଜେରା କରାଯାଇଥିବାବେଳେ ତାଙ୍କର ବୟାନ ରେକର୍ଡ କରାଯାଇଛି। ଖବର ପାଇ ଛାତ୍ରୀଙ୍କ ପିତାମାତା ଶନିବାର ସକାଳେ କଲେଜରେ ପହଞ୍ଚିଛନ୍ତି। ସାଙ୍ଗମାନଙ୍କ ଠାରୁ ସମସ୍ତ ଖବର ଶୁଣିସାରିବା ପରେ କ୍ୟାମ୍ପସରେ କୌଣସି ସୁରକ୍ଷା ନ ଥିବା ଏବଂ ହସ୍ପିଟାଲ ପ୍ରଶାସନ କୌଣସି ପ୍ରତିକ୍ରିୟା ରଖି ନ ଥିବା ଛାତ୍ରୀଙ୍କ ବାପା ଗଣମାଧ୍ୟମକୁ କହିଛନ୍ତି। ସେପଟେ ମେଡିକାଲରେ ଉନ୍ନତ ଚିକିତ୍ସା ପରେ ପୀଡିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ସୁଧାର ଆସିଥିବା କହିଛନ୍ତି ପୀଡିତାଙ୍କ ବାପା।

## ଚୀନ୍ ଉପରେ ...

ଚୀନ ବିଶ୍ୱକୁ ବନ୍ଦୀ କରି ରଖିବାକୁ ଚେଷ୍ଟା କରୁଛି। ଶ୍ରୀ ଟ୍ରମ୍ପ କହିଛନ୍ତି, ଚଳିତ ମାସ ଶେଷରେ ଦକ୍ଷିଣ କୋରିଆରେ ହେବାକୁ ଥିବା ଏସିଆ-ପ୍ରଶାନ୍ତ ମହାସାଗରୀୟ ଆର୍ଥିକ ସହଯୋଗ ଶିଖର ସମ୍ମିଳନୀରେ ସେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ସାକ୍ଷାତ କରିନପାରନ୍ତି। ସୂଚନାଯୋଗ୍ୟ, ଚୀନ୍ ଗତ ଗୁରୁବାର ଦିନ ଘୋଷଣା କରିଛି ଯେ ୫ଟି ଅତିରିକ୍ତ ବିରଳ ଖଣିଜ ପଦାର୍ଥର ରପ୍ତାନି ଉପରେ କଟକଣା ଜାରି କରିବ।

## ସୁପ୍ରିମକୋର୍ଟ ଦେଇଥିଲେ...

ସୁପ୍ରିମକୋର୍ଟ ଚିନ୍ତା ପ୍ରକାଶ କରିଥିଲେ ଯେ ଦେଶରେ ୧୮ ଲକ୍ଷରୁ ଅଧିକ ଫୌଜଦାରୀ ମାମଲା ବିଚାରାଧୀନ ଅଛି। ଏହାକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ସମସ୍ତ ହାଇକୋର୍ଟଗୁଡ଼ିକୁ ସେମାନଙ୍କର ମୋଟ ମଞ୍ଜୁରୀପ୍ରାପ୍ତ କ୍ଷମତାର ୧୦% ପର୍ଯ୍ୟନ୍ତ ଅସ୍ଥାୟୀ ବିଚାରପତିଙ୍କୁ ନିଯୁକ୍ତି ଦେବାକୁ ଅନୁମତି ଦେଇଥିଲେ। ସମ୍ବିଧାନର ଧାରା ୨୨୪ଏ ଅନୁଯାୟୀ ହାଇକୋର୍ଟ ଅବସରପ୍ରାପ୍ତ ବିଚାରପତିଙ୍କୁ ଅସ୍ଥାୟୀ ବିଚାରପତି ଭାବରେ ନିଯୁକ୍ତି ଦେବାର ବ୍ୟବସ୍ଥା କରେ। ଯାହାଦ୍ୱାରା ମାମଲା ଭାର ହ୍ରାସ କରିହେବ । ନିୟମ ଅନୁଯାୟୀ, ସମ୍ପୃକ୍ତ ହାଇକୋର୍ଟ କଲେଜିୟମ୍ ପ୍ରାର୍ଥୀମାନଙ୍କୁ ଆଇନ ମନ୍ତ୍ରଣାଳୟର ନ୍ୟାୟ ବିଭାଗକୁ ସୁପାରିଶ କରନ୍ତି। ତା'ପରେ ମନ୍ତ୍ରଣାଳୟ ପ୍ରାର୍ଥୀଙ୍କ ସୂଚନା ଯୋଡି ସୁପ୍ରିମକୋର୍ଟ କଲେଜିୟମକୁ ଫାଇଲ୍ ପଠାଏ। ତା'ପରେ ସୁପ୍ରିମକୋର୍ଟ କଲେଜିୟମ୍ ଏକ ଚୂଡ଼ାନ୍ତ ନିଷ୍ପତ୍ତି ନେଇ ସରକାରଙ୍କୁ ସୁପାରିଶ କରେ ଯେ କେଉଁ ବ୍ୟକ୍ତିଙ୍କୁ ବିଚାରପତି ଭାବରେ ନିଯୁକ୍ତି ଦିଆଯିବା ଉଚିତ। ତା'ପରେ ରାଷ୍ଟ୍ରପତି ନିଯୁକ୍ତିପତ୍ରରେ ସ୍ୱାକ୍ଷର କରନ୍ତି। ଅସ୍ଥାୟୀ ବିଚାରପତିଙ୍କ ନିଯୁକ୍ତି ପ୍ରକ୍ରିୟା ସମାନ ହେବ, କେବଳ ଏତିକି ଯେ ରାଷ୍ଟ୍ରପତି ନିଯୁକ୍ତି ପତ୍ରରେ ସ୍ୱାକ୍ଷର କରିବେ ନାହିଁ, କିନ୍ତୁ ତାଙ୍କ ସମ୍ମତି ଆବଶ୍ୟକ ହେବ।

## ଓଡ଼ିଶାରେ ବର୍ଷା ...

ଗଜପତି, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିରେ ଘଡ଼ଘଡ଼ି ସହ ବିଜୁଳି ଓ ପବନ ଜାରି ରହିପାରେ। ଅକ୍ଟୋବର ୧୪ରେ ନବରଙ୍ଗପୁର, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି ଓ ଗଞ୍ଜାମରେ ଏହି ପାଣିପାଗ ରହିବ। ଏହାପରେ ପ୍ରବଳ ବର୍ଷା ସତର୍କତା ନାହିଁ। ଅକ୍ଟୋବର ୧୫ ଯାଏ ରାଜ୍ୟର ବିଛିନ୍ନ ସ୍ଥାନରେ ରାତି ତାପମାତ୍ରା ସାଧାରଣଠାରୁ ୧.୬ ରୁ ୩ ଡିଗ୍ରୀ ସେଲସିଅସ୍ ଅଧିକ ରହିପାରେ। ଅକ୍ଟୋବର ୧୬ ରୁ ୨୨ ଯାଏ ଦେଶର ଅଧିକାଂଶ ସ୍ଥାନରେ ରାତି ତାପମାତ୍ରା ସାଧାରଣ କିମ୍ବା ସାମାନ୍ୟ କମ୍ ରହିବ। ଅକ୍ଟୋବରରୁ ଡିସେମ୍ବର ଯାଏ ଲା ନିନା ପରିସ୍ଥିତି ରହିବ ବୋଲି ପାଣିପାଗ ବିଶେଷଜ୍ଞମାନେ କହିଛନ୍ତି। ଏହା ଦେଶରେ ପ୍ରବଳ ଶୀତ ସହ ଜଡ଼ିତ, ଯାହା ଓଡ଼ିଶାରେ ଲମ୍ବା ଓ ସାମାନ୍ୟ ଅଧିକ ଥଣ୍ଡା ଶୀତ ଆଣିପାରେ। ରିପୋର୍ଟ ଅନୁଯାୟୀ "ଶୀତ ଅତ୍ୟଧିକ ହେବ ବୋଲି କହିହେବ ନାହିଁ, କିନ୍ତୁ ସାମାନ୍ୟ ଥଣ୍ଡା ରହିବ। ଲା ନିନାରେ ପ୍ରଶାନ୍ତ ମହାସାଗରର ଜଳ ତାପମାତ୍ରା କମ୍ ରହେ, ହିମପାତ ଅଧିକ ହୁଏ ଓ ପଶ୍ଚିମା ଝଡ଼ ଶକ୍ତିଶାଳୀ ହୁଏ। ଏହି ସମୟରେ ତାପମାତ୍ରା ସାଧାରଣଠାରୁ କମ୍ ରହିବ।" ପାଣିପାଗ ବିଶେଷଜ୍ଞମାନେ କହିଛନ୍ତି ଯେ, ଉତ୍ତର-ପଶ୍ଚିମ ଥଣ୍ଡା ପବନର ପ୍ରବାହ ଶକ୍ତିଶାଳୀ ହେବାରୁ ଓଡ଼ିଶାରେ ଶୀତ ଲମ୍ବା ଓ ଅଧକ ହେବାର ସମ୍ଭାବନା ରହିଛି। ଏହା କୃଷି ଓ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରିପାରେ।

# ଲିଙ୍ଗରାଜ ମନ୍ଦିରକୁ ବନ୍ଧୁକ ନେଇ ଯାଇଥିବା ଅଭିଯୋଗରେ ଜଣେ ଅଟକ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଲିଙ୍ଗରାଜ ମନ୍ଦିର ଭିତରକୁ ବନ୍ଧୁକ ନେଇ ଯାଇଥିବା ଅଭିଯୋଗ ରେ ଜଣଙ୍କୁ ଅଟକ ରଖିଛି ପୋଲିସ। ସମୟରେ ଲିଙ୍ଗରାଜ ମନ୍ଦିର ଭିତରୁ ଜଣେ ବନ୍ଧୁକ ଧାରୀଙ୍କୁ କାବୁ କରାଯାଇଥିଲା।



ଭୁବନେଶ୍ୱର : ଝିଅ ବାହାଘର ପାଇଁ ନିମନ୍ତ୍ରଣପତ୍ର ଦେବା ନିମନ୍ତେ ନବୀନ ନିବାସରେ ନବୀନ ପଟ୍ଟନାୟକଙ୍କୁ ଭେଟିଲେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଓ ସ୍ୱାମୀ ସଚିବ ସନ୍ତୋଷ ଷଡଙ୍ଗୀ। (ଫଟୋ : ସମ୍ବାଦ କଳିକା)

# ପଶ୍ଚିମବଙ୍ଗ ଏବେ ଆତଙ୍କବାଦୀ ଏବଂ ଅନୁପ୍ରବେଶକାରୀମାନଙ୍କର ଆଡ୍ଡାସ୍ଥଳୀ ପାଲଟିଛି: ପ୍ରତାପ ଷଡ଼ଙ୍ଗୀ



**ବାଲେଶ୍ୱର, ନ୍ୟୁଜ ବ୍ୟୁରୋ**

ପଶ୍ଚିମବଙ୍ଗରେ ଓଡ଼ିଆ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ। ସେ କହିଛନ୍ତି, ପଶ୍ଚିମବଙ୍ଗରେ ଘଟିଥିବା ଘଟଣା ଅତ୍ୟନ୍ତ ଗମ୍ଭୀର ଏବଂ ଚିନ୍ତାଜନକ। ବାରମ୍ବାର ଏପରି ଘଟଣା ସାମ୍ନାକୁ ଆସୁଛି। ସରକାର ଏହାକୁ ପ୍ରତିହତ କରିପାରିନାହାନ୍ତି କିମ୍ବା ତ୍ୱରିତ ପ୍ରତିକାର ମଧ୍ୟ କରିପାରୁନାହାନ୍ତି। ପଶ୍ଚିମବଙ୍ଗ ଏବେ ଆତଙ୍କବାଦୀ ଏବଂ ଅନୁପ୍ରବେଶକାରୀ ମାନଙ୍କର ଆଡ୍ଡାସ୍ଥଳୀ ପାଲଟିଛି। ସରକାରୀ ପ୍ରୋତ୍ସାହନରେ ଆତଙ୍କବାଦୀ କାର୍ଯ୍ୟକଳାପ ଜାରୀ ରହିଛି। ଆଉ ସେହି ଆତଙ୍କବାଦୀଙ୍କ ପ୍ରତି ସମ୍ବେଦନଶୀଳ ଏବଂ କରୁଣାପରାୟଣ ଅଛନ୍ତି ସେଠିକା ସରକାର। କେତେ ଏଭଳି ନିରୀହ ଡାକ୍ତର ଛାତ୍ରୀ ବଳି ପଡ଼ିବେ। ଅନେକ ଅଭିଯୁକ୍ତ ଏବେ ବି ଧରାପଡ଼ିନାହାନ୍ତି। ପୀଡ଼ିତାଙ୍କ ପରିବାର ସହ ଯୋଗାଯୋଗ କରିଛି। ସେମାନେ ସେଇଠି ଚିକିତ୍ସିତ ହେବେ ସୁସ୍ଥ ହେବାପରେ ଓଡ଼ିଶା ଆସିବେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ। ପଶ୍ଚିମବଙ୍ଗ ସରକାରଙ୍କ ଉପରେ ଚାପ ପ୍ରୟୋଗ କରନ୍ତୁ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମଧ୍ୟ କୌଣସି ରାଜନୀତି ନକରି ଅଭିଯୁକ୍ତଙ୍କୁ ଗିରଫ କରନ୍ତୁ ଏବଂ କଠୋର ଶାସ୍ତି ପ୍ରଦାନ କରନ୍ତୁ। ନିରୀହ ଛାତ୍ରୀଙ୍କ ଏକମାତ୍ର ଭୁଲ ସେମାନେ ପଶ୍ଚିମବଙ୍ଗ ସରକାରଙ୍କ ଉପରେ ବିଶ୍ୱାସ କରି ଯାଇଛନ୍ତି। ପଶ୍ଚିମବଙ୍ଗରେ ଆଇନଶୃଙ୍ଖଳା ପରିସ୍ଥିତି ବଡ଼ ଉଦବେଗଜନକ। ସେ ଆହୁରି କହିଛନ୍ତି, ପୀଡ଼ିତାଙ୍କ ପରିବାର ସହ ଯୋଗାଯୋଗ କରିଛି। ସେମାନେ ସେଇଠି ଚିକିତ୍ସିତ ହେବେ ସୁସ୍ଥ ହେବାପରେ ଓଡ଼ିଶା ଆସିବେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ। ପଶ୍ଚିମବଙ୍ଗ ସରକାରଙ୍କ ଉପରେ ଚାପ ପ୍ରୟୋଗ କରନ୍ତୁ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମଧ୍ୟ କୌଣସି ରାଜନୀତି ନକରି ଅଭିଯୁକ୍ତଙ୍କୁ ଗିରଫ କରନ୍ତୁ ଏବଂ କଠୋର ଶାସ୍ତି ପ୍ରଦାନ କରନ୍ତୁ। ନିରୀହ ଛାତ୍ରୀଙ୍କ ଏକମାତ୍ର ଭୁଲ ସେମାନେ ପଶ୍ଚିମବଙ୍ଗ ସରକାରଙ୍କ ଉପରେ ବିଶ୍ୱାସ କରି ଯାଇଛନ୍ତି। ପଶ୍ଚିମବଙ୍ଗରେ ଆଇନଶୃଙ୍ଖଳା ପରିସ୍ଥିତି ବଡ଼ ଉଦବେଗଜନକ।

# ଉତ୍କଳ ବିଶ୍ୱବିଦ୍ୟାଳୟର କୃଷି-ପରିଚାଳନା କେନ୍ଦ୍ରକୁ ଜାତୀୟ ଉତ୍କର୍ଷ ପୁରସ୍କାର




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଉତ୍କଳ ବିଶ୍ୱବିଦ୍ୟାଳୟର କୃଷି-ପରିଚାଳନା କେନ୍ଦ୍ର କୃଷି ବ୍ୟବସାୟ ପରିଚାଳନା ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ପାଇଁ ପ୍ରତିଷ୍ଠିତ ଡ. ଏପିଜେ ଅବଦୁଲ କଲାମ ଇନ୍ସପିରେସନାଲ ଆୱାର୍ଡରେ ସମ୍ମାନିତ ହୋଇଛି । ଏହି ପୁରସ୍କାର ଅକ୍ଟୋବର ୯, ୨୦୨୫ ରେ ନୂଆଦିଲ୍ଲୀରେ ଆୟୋଜିତ ଏକ ସମାରୋହରେ ଟପ୍-ନଚ୍ ଫାଉଣ୍ଡେସନ ଦ୍ୱାରା ପ୍ରଦାନ କରାଯାଇଥିଲା ଏବଂ ଶ୍ରୀ ଦୀପକ ରାମ ଏହାକୁ ଗ୍ରହଣ କରିଥିଲେ । ଏହି ସମ୍ମାନ କେନ୍ଦ୍ରର ଉଚ୍ଚ-ଗୁଣବତ୍ତା ଶିକ୍ଷା, ଗବେଷଣା, ସ୍ଥାୟୀ କୃଷି ପଦ୍ଧତି ଏବଂ ଗ୍ରାମୀଣ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସ୍ୱୀକୃତି ଦେଇଛି । ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜଗ୍ନେଶ୍ୱର ଦଣ୍ଡପାଟ ଏହି ପୁରସ୍କାରକୁ 'ଆମ କେନ୍ଦ୍ରର ପ୍ରୟାସ ପାଇଁ ଏକ ମହାନ ସ୍ୱୀକୃତି' ବୋଲି କହିଥିଲେ ଏବଂ ଚାଷୀ ତଥା ଗ୍ରାମୀଣ ସମ୍ପ୍ରଦାୟ ଉପରେ ସକାରାତ୍ମକ ପ୍ରଭାବ ପକାଇବା ପାଇଁ ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତାକୁ ପୁନଃ ନିଶ୍ଚିତ କରିଥିଲେ । କୃଷି ବ୍ୟବସାୟ ପରିଚାଳନାର ମୁଖ୍ୟ ଦୀପକ ରାମ ଏହି ସଫଳତା ପାଇଁ ଅଧ୍ୟାପକ, ଛାତ୍ରଛାତ୍ରୀ ଏବଂ କର୍ମଚାରୀମାନଙ୍କ ଅକ୍ଲାନ୍ତ ପରିଶ୍ରମକୁ ଶ୍ରେୟ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଏନଡିଏର ମୁଖ୍ୟ ଜାତୀୟ ସଂଯୋଜକ ଡ. ଅଭିଷେକ ବର୍ମା, ଅଭିନେତା ରଣଦୀପ ହୁଡା ଏବଂ ରାଜନେତା ବ୍ରିଜ ଭୂଷଣ ଶରଣ ସିଂଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ ।

# ଆରଏସ୍‌ଏସ୍ ଭୁବନେଶ୍ୱର ମହାନଗରର ଶତାବ୍ଦୀ ବର୍ଷ ସ୍ୱାଗତ ସଞ୍ଚାଳନ

**ଭୁବନେଶ୍ୱର,ନ୍ୟୁଜ ବ୍ୟୁରୋ**

ଅରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତରଫରୁ ଶତାବ୍ଦୀ ବର୍ଷ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି । ଏହି ଅବସରରେ ସଂଘର ଭୁବନେଶ୍ୱର ମହାନଗର ତରଫରୁ ଶତାବ୍ଦୀ ବର୍ଷ ସ୍ୱାଗତ ସଂଚଳନ, ରବିବାର ଅପରାହ୍ନ ୪.୩୦ ସମୟରେ ଅନୁଷ୍ଠିତ ହୋଇ ଯାଇଛି । ଏହି ପଥ ସଂଚଳନ ଏକା ସଙ୍ଗରେ ୪ଟି ସ୍ଥାନ ଯଥା ସହିଦ ନଗର ଦୁର୍ଗା ମଣ୍ଡପ, ଖାରବେଳ ନଗର, ୟୁନିଟ-୩ ନୂଆ ସରସ୍ୱତୀ ଶିଶୁ ମନ୍ଦିର ଓ ୟୁନିଟ-୩, ପୁରୁଣା ସରସ୍ୱତୀ ଶିଶୁ ମନ୍ଦିର ନିକଟରୁ ବାହାରିଥିଲା। ଘୋଷବାଦ୍ୟର ତାଳେତାଳେ ପାଦକୁ ପାଦ ମିଶାଇ ସ୍ୱୟଂସେବକମାନେ ବୀର ଦର୍ପରେ ଆଗେଇ ଚାଲିଥିଲେ। ପ୍ରଥମ ସଂଚାଳନ ଶହୀଦ ନଗର ଦୁର୍ଗା ମଣ୍ଡପ ନିକଟରୁ ବାହାରି ସତ୍ୟନଗର ଛକ ହୋଇ ରାମ ମନ୍ଦିର ଛକ ନିକଟରେ ପହଂଚିଥଲା । ଦ୍ୱିତୀୟ ସଂଚଳନ ଖଦି ବୋର୍ଡ ସାମ୍ନାରୁ ବାହାରି ଶ୍ରିୟା ଟକିଜ୍ ଛକ, ପ୍ରେସ କଲୋନୀ ସ୍କୁଲ, ଦୃଷ୍ଟିହୀନ ଅଫିସ,ସତ୍ୟନଗର ଛକ ହୋଇ ରାମ ମନ୍ଦିର ଛକ ନିକଟରେ ପହଂଚିଥିଲା । ତୃତୀୟ ସଂଚଳନ ୟୁନିଟ୍ ୩ ନୂଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟରୁ ବାହାରି କେଶରୀ ଟକିଜ୍ ପଛ ରୋଡ଼,ପ୍ରଦର୍ଶନୀ ପଡ଼ିଆ ରାସ୍ତା ଦେଇ ରାମ ମନ୍ଦିର ଛକ ନିକଟରେ ପହଂଚିଥିଲା । ସେହିପରି ଚତୁର୍ଥ ସଂଚାଳନଟି ୟୁନିଟ୍ ୩ ପୁରୁଣା ସରସ୍ୱତୀ ଶିଶୁମନ୍ଦିର ନିକଟରୁ ବାହାରି ଶ୍ରିୟା ଟକିଜ୍ ଛକ ହୋଇ ରାମ ମନ୍ଦିର ଛକରେ ପହଂଚ୍ ଥିଲା । ୪ଟି ଯାକ ସଂଚଳନ ନିଜ ନିଜ ସ୍ଥାନରୁ ୩ ପ୍ରତତି ରେ ବାହାରି ଏକା ସମୟରେ ରାମ ମନ୍ଦିର ଛକରେ ମିଶିବା ପରେ ସେଠାରୁ ୯ ଟି ପ୍ରତତିରେ ମାଷ୍ଟର କ୍ୟାଂଟିନ୍ ଦେଇ ଲୋୟର ପିଏମଜି ଛକରେ ପହଂଚ୍ ଥିଲେ । ସେଠାରେ ପଥ ସଂଚଳନ ସମାପ୍ତ ହୋଇଥିଲା । ଯେତେବେଳେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କୌଣସି ପଥ ସଂଚାଳନ ଅନୁଷ୍ଠିତ ହୁଏ ସେତେବେଳେ ଘୋଷବାଦ୍ୟ ଏହାର ସୌନ୍ଦର୍ଯ୍ୟକୁ ବୃଦ୍ଧି କରିଥାଏ। ଏବେ ସଂଘ କାର୍ଯ୍ୟର ଶତବାର୍ଷିକୀ ବର୍ଷ। ଏହି ୧୦୦ ବର୍ଷ ମଧ୍ୟରେ ସଂଘ ଯେପରି ଧୀରେ ଧୀରେ ବିକଶିତ ହୋଇଛି, ସେହିପରି ଏହାର ଘୋଷ ମଧ୍ୟ ଧୀରେ ଧୀରେ ବିକଶିତ ହୋଇଛି। ଯେତେବେଳେ ସଂଘର ପ୍ରଥମ ପଥ ସଂଚଳନ ଡିସେମ୍ବର ୧୯୨୬ ରେ ହୋଇଥିଲା, ସେତେବେଳେ ଘୋଷରେ କେବଳ ଗୋଟିଏ ଶଙ୍ଖ ଏବଂ ଗୋଟିଏ ଆନକ ଥିଲା। ବିଗତ ଶହ ବର୍ଷ ଭିତରେ ଘୋଷର ମଧ୍ୟ ବିକଶିତ ହୋଇଛି । ସଂଘରେ ଘୋଷ କେବଳ ଏକ ବାଦ୍ୟଯନ୍ତ୍ର କିମ୍ବା ମନୋରଞ୍ଜନ ନୁହେଁ; ଏହା ଏକ ଆଧ୍ୟାତ୍ମିକ ଅଭ୍ୟାସ ଯାହା ମଣିଷକୁ ଅନୁଶାସନ, ସମନ୍ୱୟ ଏବଂ ରାଷ୍ଟ୍ରହିତ ସହିତ ଯୋଡ଼ିଥାଏ। ପଥ ସଂଚଳନରେ ଯେତେବେଳେ ସମସ୍ତେ ଏକାଠି ଚାଲନ୍ତି, କେବଳ ସେମାନଙ୍କର ପାଦ ନୁହେଁ ବରଂ ସେମାନଙ୍କ ମନ ମଧ୍ୟ ଏକ ହୋଇଯାଏ। ଏହା ହେଉଛି ଘୋଷ ସାଧନାର ଉଦ୍ଦେଶ୍ୟ - ଦେଶକୁ ଗୋଟିଏ ଦିଗରେ, ଗୋଟିଏ ମନରେ ଆଗକୁ ନେଇଥାଏ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପୂର୍ବ ପ୍ରାନ୍ତର ପ୍ରାନ୍ତ ସଂଘଚାଳକ ସମୀର କୁମାର ମହାନ୍ତି, ସହପ୍ରାନ୍ତ ପ୍ରଚାରକ ଅସିତ କୁମାର ସାହୁ, ମହାନଗର ସଂଘଚାଳକ ଶ୍ରୀନିବାସ ମାନସିଂହ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମହାନଗର କର୍ଯ୍ୟବାହ କ୍ଷିରୋଦ ବିହାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସଂଘର କ୍ଷେତ୍ରୀୟ ଓ ପ୍ରାନ୍ତୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ ।

e-mail: eerwbnjr@gmail.com

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, BHANJANAGAR
* * * * * *

O-958

**"e" Procurement Notice for Road Works**
**Identification No. Online Tender /11/ RWDBNJ/2025-2026**

No. 5011 Date: 04/10/2025

1. Name of the work :: Road Works
2. Total Number of works :: 31 (Thirty One) Nos.
3. Estimated cost :: 05.08 Lakhs to 43.73 Lakhs
4. Class of Contractor :: 'D', 'C' & 'B' Class of Contractor
5. Period of Completion :: 01 & 02 (Two) Calendar Months
6. Other details ::

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Division, Bhanjanagar | Online Tender/11/ RWDBNJ/2025-2026 | 18.10.2025 at 10.00 A.M. | 27.10.2025 upto 3.00 P.M. |

Further details can be seen from the website: - www.tendersodisha.gov.in
OIPR-25174/11/0042/2526

Executive Engineer
R.W.Division, Bhanjanagar

ଭୁବନେଶ୍ୱର
୧୩ ଅକ୍ଟୋବର,
ସୋମବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27





ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍) ଏବଂ ଭୁବନେଶ୍ୱର ମହାନଗର ପକ୍ଷରୁ 'ଶତାବ୍ଦୀ ବର୍ଷ ସ୍ୱାଗତ ସଞ୍ଚାଳନ' ପାଳନ ଅବସରରେ ଆର୍‌ଏସ୍‌ଏସ୍ କର୍ମୀମାନଙ୍କ ଶୋଭାଯାତ୍ରା। (ଫଟୋ : ସମ୍ବାଦ କଳିକା)

# ଗୋଆ ପର୍ପଲ ଫେଷ୍ଟିଭାଲରେ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ସେନ୍ ଗ୍ଲୋବ୍ ପ୍ରଶଂସିତ

**ଭୁବନେଶ୍ୱର, ୧୨ ।୧୦ ନ୍ୟୁଜ ବ୍ୟୁରୋ**

ଗୋଆ ସରକାରଙ୍କ ସହଯୋଗରେ ଦିବ୍ୟାଙ୍ଗ ପ୍ରସଙ୍ଗ ଉପରେ ଇଣ୍ଟରନ୍ୟାସନାଲ ପର୍ପଲ- 'ୱି କେୟାର ଫିଲ୍ମ ଫେଷ୍ଟିଭାଲ'ରେ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ସେନ୍ ଗ୍ଲୋବ୍‌ର କାର୍ଯ୍ୟ ବେଶ୍ ପ୍ରଶଂସିତ ହୋଇଛି । କାର୍ଯ୍ୟକ୍ରମରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ସେନ୍ ଗ୍ଲୋବ୍‌ର ନ୍ୟୁରୋଡାଇଭର୍ଜେଣ୍ଟ ଛାତ୍ରଛାତ୍ରୀଙ୍କୁ ସମର୍ଥନ କରିବା ଏବଂ ଅନ୍ତର୍ଭୁକ୍ତ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଚାଲିଥିବା ଅଭିଯାନ ଉପରେ ଆଲୋକପାତ କରାଯାଇଥିଲା। ଏହା ସହିତ ଚଳଚ୍ଚିତ୍ର 'ସିତାରେ ଜମିନ୍ ପର'ର କଳାକାରଙ୍କ ମାଆମାନଙ୍କ ସଂଘର୍ଷର କାହାଣୀ ଦର୍ଶକଙ୍କ ହୃଦୟକୁ ଗଭୀର ଭାବରେ ଛୁଇଁଥିଲା। କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ସେନ୍ ଗ୍ଲୋବ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଯେଉଁ କାର୍ଯ୍ୟ କରିଆସୁଛି, ତାହା ଅନ୍ତର୍ଭୁକ୍ତି ଦାନର କାର୍ଯ୍ୟ ନୁହେଁ ବରଂ ଏକ ମିଳିତ ଦାୟିତ୍ୱ। ଗୋଆ ପର୍ପଲ ଫେଷ୍ଟିଭାଲ ଏହି ବାର୍ତ୍ତାକୁ ପୁନରାବୃତ୍ତି କରିଥିଲା। ୱି କେୟାର ଫିଲ୍ମ ଫେଷ୍ଟିଭାଲ ପ୍ରତିଷ୍ଠାତା ନିର୍ଦ୍ଦେଶକ ସତୀଶ କପୁରଙ୍କୁ ଏଭଳି ପ୍ରଭାବଶାଳୀ ପ୍ଲାଟଫର୍ମ ସୃଷ୍ଟି କରିବାରେ ତାଙ୍କର ଉତ୍ସର୍ଗୀକୃତ ମନୋଭାବ ପାଇଁ ପ୍ରଶଂସା କରାଯାଇଥିଲା। ଏଭଳି ପ୍ଲାଟଫର୍ମ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଅନ୍ତର୍ଭୁକ୍ତି, ସଚେତନତା ଏବଂ ମର୍ଯ୍ୟାଦାକୁ ପ୍ରୋତ୍ସାହିତ କରିଥାଏ। ଏହି ଅବସରରେ ବିବିଧତା ଏବଂ ଅନ୍ତର୍ଭୁକ୍ତିକୁ ପାଳନ କରିଥିବାରୁ ମହୋତ୍ସବର ପ୍ରତିବଦ୍ଧତାର ଅଂଶ ଭାବରେ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ଚେୟାରପର୍ସନ ଡ. ମୋନାଲିସା ବଳ 'ସିତାରେ ଜମିନ୍ ପର' ନ୍ୟୁରୋଡାଇଭର୍ଜେଣ୍ଟ ଷ୍ଟାର କାଷ୍ଟଙ୍କୁ ସମ୍ମାନିତ କରିଥିଲେ। ଏହି ଉତ୍ସବରେ ଭାରତରେ ଜାତିସଂଘର ଆବାସିକ ସଂଯୋଜକ ଡ. ଶୋମ୍ବି ଶାର୍ପ; ଭାରତ ଏବଂ ଭୁଟାନ ପାଇଁ ଜାତିସଂଘ ସୂଚନା କେନ୍ଦ୍ରର ନିର୍ଦ୍ଦେଶକ ଡାରିନ୍ ଫାରାଣ୍ଟ ଏବଂ ଗୋଆ ସରକାରଙ୍କ ଭିନ୍ନକ୍ଷମ ବ୍ୟକ୍ତି ସଶକ୍ତିକରଣ ମନ୍ତ୍ରୀ ସୁଭାଷ ଫାଲ ଦେସାଇଙ୍କ ସମେତ ବିଶିଷ୍ଟ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। କିଟ୍ ଏବଂ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ କ୍ରମେ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ସେନ୍ ଗ୍ଲୋବ୍ ଏବେ ବିଭିନ୍ନ ପ୍ଲାଟଫର୍ମରେ ପ୍ରଶଂସିତ ହେଉଛି।



# ସୂଚନା କମିଶନ ଅମଲାତନ୍ତ୍ର ଏବଂ ଲାଲ ଫ୍ୟାପିଜମ୍ ଦ୍ୱାରା ପ୍ରଭାବିତ: ହାଇକୋର୍ଟ

**କଟକ, ୧୨/୧୦ ନ୍ୟୁଜ ବ୍ୟୁରୋ**

ଜଣେ ଗ୍ରାମବାସୀଙ୍କୁ ସୂଚନା ପ୍ରଦାନ କରିବାରେ ସାତ ବର୍ଷର ବିଳମ୍ବର କଡ଼ା ପ୍ରତିବାଦ କରି, ଓଡ଼ିଶା ହାଇକୋର୍ଟ ମତ ଦେଇଛନ୍ତି ଯେ ଓଡ଼ିଶା ରାଜ୍ୟ ସୂଚନା ଆୟୋଗ ତାଙ୍କ ନିଷ୍ପତ୍ତିକୁ ଅମଲାତନ୍ତ୍ର ଏବଂ ଲାଲଫିତା ଦ୍ୱାରା ପ୍ରଭାବିତ ହେବାକୁ ଦେଇଛନ୍ତି । ଆରଟିଆଇ ଅନୁରୋଧ କରାଯାଇଥିବା ସୂଚନା ଯୋଗାଇବାରେ ବିଫଳ ହୋଇଛନ୍ତି। ଭଦ୍ରକ ଜିଲ୍ଲାର ହେମନ୍ତ ନାୟକ ନାମକ ଜଣେ ବ୍ୟକ୍ତି ଭଦ୍ରକ ଜିଲ୍ଲା ଅନ୍ତର୍ଗତ କୁଆଁଶ ଗ୍ରାମରୁ ସରକାରୀ ଜମିର ବେଆଇନ ଜବରଦଖଲ ସମ୍ପର୍କରେ ଓଡ଼ିଶା ମୁଖ୍ୟ ସଚିବଙ୍କୁ କରିଥିବା ଆବେଦନର ସ୍ଥିତି ବିଷୟରେ ସୂଚନା ଅଧିକାର ଆଇନ ଅନୁଯାୟୀ ସୂଚନା ମାଗିଥିଲେ। ଓଡ଼ିଶା ହାଇକୋର୍ଟରେ ଦାଖଲ ହୋଇଥିବା ରେକର୍ଡ ଅନୁଯାୟୀ, ଜବରଦଖଲ ମାମଲା ତଦନ୍ତ ପାଇଁ ବିଭିନ୍ନ ସରକାରୀ ସ୍ତରରେ ନିର୍ଦ୍ଦେଶ ସହିତ ଅଭିଯୋଗକୁ ସରକାରୀ ସ୍ତରରେ ଗ୍ରହଣ କରାଯାଇଥିଲା। ତଥାପି, ଗ୍ରାମବାସୀମାନେ ସେମାନଙ୍କ ମାମଲାର ସ୍ଥିତି ବିଷୟରେ ଜାଣିପାରିଲେ ନାହିଁ । ତଥାପି ସୂଚନା ଅଧିକାର ଆଇନ ଅନୁଯାୟୀ ମଗାଯାଇଥିବା ଆବେଦନର ଉତ୍ତରରେ ସୂଚନା ପ୍ରଦାନ କରାଯାଇ ନଥିଲା। ସୂଚନା ପ୍ରତ୍ୟାଖ୍ୟାନ କରାଯିବା ପରେ ସୂଚନା ପ୍ରତ୍ୟାଖ୍ୟାନକାରୀ ପ୍ରଥମ ଅପିଲ୍ କରିଥିଲେ। ପୁଣି ଥରେ ତାଙ୍କୁ କୁହାଯାଇଥିଲା ଯେ, ସୂଚନା ଉପଲବ୍ଧ ନାହିଁ। ସୂଚନା ପ୍ରଦାନ ନକରିବାରୁ କ୍ଷୁବ୍ଧ ହୋଇ ଆବେଦନକାରୀ ତାଙ୍କର ଦ୍ୱିତୀୟ ଆବେଦନରେ ରାଜ୍ୟ ସୂଚନା କମିଶନଙ୍କ ନିକଟରେ ଆବେଦନ କରିଥିଲେ। ରାଜ୍ୟ ସୂଚନା କମିଶନର ୨୬ ଫେବ୍ରୁୟାରୀ ୨୦୨୪ରେ ପ୍ରଥମ ଆପିଲେଟ୍ ପ୍ରାଧିକରଣ ଏବଂ ଭଦ୍ରକ ତହସିଲର ଜନ ସୂଚନା ଅଧିକାରୀଙ୍କ ମିଳିତ ସତ୍ୟପାଠ ଉପରେ ନିର୍ଭର କରି ମାମଲାକୁ ପ୍ରତ୍ୟାହାର କରିଥିଲେ, ଯାହା ସୂଚନା ଉପଲବ୍ଧ ନୁହେଁ ବୋଲି ପୂର୍ବ ମତରେ ଅଟଳ ରହିଥିଲେ। ପରବର୍ତ୍ତୀ ସମୟରେ ଆବେଦନକାରୀମାନେ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜ୍ୟ ଦ୍ୱାରା ନିଆଯାଇଥିବା ମତ ଏବଂ ସୂଚନା କମିଶନଙ୍କ ଦ୍ୱାରା ସହଜରେ ଗ୍ରହଣ କରାଯାଇଥିବା ବିଷୟ ଯେ ବିନ୍ଦୁ ବାର ଉତ୍ତର ପ୍ରଦାନ କରାଯାଇଛି ତାହା ରେକର୍ଡ ବାହାରେ ଅଛି । ଯୋଗାଯୋଗରେ, କର୍ତ୍ତୃପକ୍ଷଙ୍କ ଦ୍ୱାରା ଏପରି ପ୍ରତିନିଧିତ୍ୱ ଉପଲବ୍ଧ ନାହିଁ ବୋଲି ଯେଉଁ ଆଧାର ଉପରେ ଗୁରୁତ୍ୱ ଦିଆଯାଇଛି ତାହା କେବଳ ସର୍ବୋଚ୍ଚ କ୍ରମର ଉଦାସୀନତାକୁ ଦର୍ଶାଉଛି ବୋଲି ଏକକ ଖଣ୍ଡପୀଠ ବିଚାରପତି ଜଷ୍ଟିସ ଭି. ନରସିଂହ ମନ୍ତବ୍ୟ ଦେଇଛନ୍ତି। ଏହା ପ୍ରକୃତରେ ଆଶ୍ଚର୍ଯ୍ୟଜନକ ଯେ ଗୋଟିଏ ପଟେ ରାଜ୍ୟ ପଦାଧିକାରୀମାନେ ଏପରି ମତ ଦେଉଛନ୍ତି ଯେ ଆବେଦନକାରୀଙ୍କ ପ୍ରତିନିଧିତ୍ୱ ଯାହା ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମାଗୁଛନ୍ତି, ତାହା ଆରଟିଆଇ ଆଇନ, ୨୦୦୫ ମାଧ୍ୟମରେ ମିଳୁନାହିଁ, କିନ୍ତୁ ସେହି ନିଶ୍ୱାସରେ ଏହା କୁହାଯାଇଛି ଯେ ବିନ୍ଦୁ ଅନୁଯାୟୀ ଉତ୍ତର ପ୍ରଦାନ କରାଯାଇଛି ବୋଲି ଖଣ୍ଡପୀଠ ମତ ଦେଇଛନ୍ତି। କୋର୍ଟ କହିଛନ୍ତି, ରାଜ୍ୟ ସୂଚନା କମିଶନ ତାଙ୍କର ନିର୍ଣ୍ଣୟକୁ ସରକାରୀ କାର୍ଯ୍ୟ ଏବଂ ଲାଲ ଫ୍ୟାପିଜିମରେ ଫସାଇ ଦେଇଥିବା ଜଷ୍ଟିସ୍ ତାଙ୍କ ଆଦେଶରେ ଉଲ୍ଲେଖ କରିଛନ୍ତି। ଓଡ଼ିଶା ହାଇକୋର୍ଟ ୪୫ ଦିନ ମଧ୍ୟରେ ଏହାର ସମାଧାନ ସହିତ ନୂତନ ଶୁଣାଣି ପାଇଁ ମାମଲାକୁ ରାଜ୍ୟ ସୂଚନା କମିଶନରଙ୍କ ନିକଟକୁ ଫେରାଇ ଦେଇଛନ୍ତି। ସୂଚନା ପ୍ରତ୍ୟାଖ୍ୟାନ ପାଇଁ ଆବେଦନକାରୀଙ୍କୁ ୫୦,୦୦୦ ଟଙ୍କା ଦେବାକୁ କୋର୍ଟ ଭଦ୍ରକ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲା

# ଦୁର୍ଗାପୁର ଯିବ ରାଜ୍ୟ ମହିଳା କମିଶନର ଟିମ୍

**ଭୁବନେଶ୍ୱର, ୧୨/୧୦ ନ୍ୟୁଜ ବ୍ୟୁରୋ**



ପଶ୍ଚିମବଙ୍ଗରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲାରେ ଦୁର୍ଗାପୁର ଯିବ ରାଜ୍ୟ ମହିଳା କମିଶନର ଏକ ଟିମ୍। କ୍ରାଇମ୍ ସ୍ପଟ୍‌ରେ ଯାଇ ତଦନ୍ତ କରିବ ଟିମ୍। ଏନେଇ ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଶୋଭନା ମହାନ୍ତି ସୂଚନା ଦେଇଛନ୍ତି । ସେ ଆହୁରି କହିଛନ୍ତି ଯେ, ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କ ସହ ଗଣଦୁଷ୍କର୍ମ ଘଟଣା ଅତ୍ୟନ୍ତ ବର୍ବରକାଣ୍ଡ । ମୋ ତରଫରୁ ଯାହା କିଛି ହୋଇପାରିବ, ମୁଁ ନିଶ୍ଚୟ କରିବି । ପୀଡ଼ିତାଙ୍କ ପରିବାର ସହ ମୁଁ ଯୋଗାଯୋଗରେ ରହିଛି । ଆଇନର ଊର୍ଦ୍ଧ୍ୱରେ କେହି ନୁହଁନ୍ତି, ଦୋଷୀଙ୍କୁ ନିଶ୍ଚୟ ଦଣ୍ଡ ମିଳିବ ।

ସେପଟେ ଏହି ଘଟଣାରେ ମୋବାଇଲ୍ ଫୋନ୍ ଟ୍ରାକ୍ କରି ବର୍ତ୍ତମାନ ସୁଦ୍ଧା ୩ ଜଣ ଅଭିଯୁକ୍ତଙ୍କୁ ଦୁର୍ଗାପୁର ପୁଲିସ ଗିରଫ କରିବାରେ ସଫଳ ହୋଇଛି । ହେଲେ ଏବେବି ଆଉ ୨ ଜଣ ଫେରାର ଅଛନ୍ତି । କ୍ରାଇମସ୍ପଟ୍‌ରେ ତଦନ୍ତକାରୀ ଟିମ୍ ତନାଘନା କରୁଛି । ଫେରାର ଥିବା ଅଭିଯୁକ୍ତଙ୍କୁ ଡ୍ରୋନ୍ ମାଧ୍ୟମରେ ଖୋଜୁଛି ସ୍ପେସାଲ୍ ଟିମ୍। ପରିବାର ଲୋକଙ୍କର ସନ୍ଦେହ ଥିବା ଛାତ୍ରୀଙ୍କ ବନ୍ଧୁଙ୍କୁ ମଧ୍ୟ ପଚରାଉଚରା ଜାରି ରହିଛି । ଅପରାଧୀଙ୍କୁ ଚିହ୍ନଟ କରିବାକୁ କ୍ୟାମ୍ପସରେ ସିସିଟିଭି ଫୁଟେଜ ଏବଂ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରୁଛି ।

### ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ 'ଭୋସାପ୍ ଭିଜନ ଡ୍ରାଇଭ୍-୨୦୨୫' ଅନୁଷ୍ଠିତ

# ଦୃଷ୍ଟିବାଧିତଙ୍କୁ ମାଗଣାରେ ଦିଆଯିବ ସ୍ମାର୍ଟ ଅନ ଚଷମା

**ଭୁବନେଶ୍ୱର,୧୨/୧୦ ନ୍ୟୁଜ ବ୍ୟୁରୋ**

ଦିବ୍ୟାଙ୍ଗ ଦୃଷ୍ଟିବାଧିତଙ୍କୁ ଆଉ ଦରକାର ନାହିଁ ଷ୍ଟିକ୍ କିମ୍ବା ମଣିଷମାନଙ୍କ ସହାୟତା। ସାଧାରଣ ଲୋକଙ୍କ ଭଳି ସେମାନେ ସବୁ କାମ କରିପାରିବେ। ରବିବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଚାଇଲ୍ଡ ଆଣ୍ଡ ଓମେନ୍‌ସ ଡେଭେଲପମେଣ୍ଟ ସୋସାଇଟି ଏବଂ ଜିନ୍ଦଲ୍ ଫାଉଣ୍ଡେସନ୍‌ଙ୍କ ସହଯୋଗରେ 'ଭୋସାପ୍ ଭିଜନ ଡ୍ରାଇଭ୍-୨୦୨୫' ଭବ୍ୟ କାର୍ଯ୍ୟକ୍ରମରେ ୨୦୦ ଦିବ୍ୟାଙ୍ଗ ଦୃଷ୍ଟିବାଧିତଙ୍କୁ ମାଗଣାରେ ସ୍ମାର୍ଟ ଅନ ଚଷମା ଓ ସ୍ମାର୍ଟ ୱାଲେଟ ବଣ୍ଟନ କରାଯାଇଛି। ଆଗକୁ ରାଜ୍ୟର ସବୁ ଦିବ୍ୟାଙ୍ଗ ଦୃଷ୍ଟିବାଧିତଙ୍କୁ ମଧ୍ୟ ପ୍ରଦାନ କରାଯିବ। ୨୦୪୭ ସୁଦ୍ଧା ସବୁ ଦିବ୍ୟାଙ୍ଗ ଦୃଷ୍ଟିବାଧିତଙ୍କ ପାଖରେ ଏହି ସ୍ମାର୍ଟ ଅନ ଚଷମା ଓ ସ୍ମାର୍ଟ ୱାଲେଟ ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଛି। ଦିବ୍ୟାଙ୍ଗ ଦୃଷ୍ଟିବାଧିତମାନେ ସ୍ମାର୍ଟ ଅନ ଚଷମା ବ୍ୟବହାର କରି ରାସ୍ତା ପାର କରିପାରିବେ, କମ୍ପ୍ୟୁଟର ସ୍କ୍ରିନ ପଢ଼ିପାରିବେ, ଟଙ୍କା ଚିହ୍ନି ପାରିବେ। ଏମିତି ସବୁ ଟିକନିକ କାମ ସବୁ କରିପାରିବେ। ଦିବ୍ୟାଙ୍ଗ ଦୃଷ୍ଟିବାଧିତଙ୍କ ପାଇଁ ଏସବୁ କାମ କରିବ ଗୋଟିଏ ଚଷମା। ଏହି ଚଷମାରେ ଲାଗିଛି ସୂକ୍ଷ୍ମ କ୍ୟାମେରା। କ୍ୟାମେରାଟି ମୋବାଇଲରେ ଥିବା ଆପ୍ ସହିତ କନେକ୍ଟ ରହିବ। ଆଉ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏହାକୁ ଅପରେଟ କରିବ। କ୍ୟାମେରା ଯାହା ଦେଖିବ ଅଡିଓ ଜରିଆରେ ଦିବ୍ୟାଙ୍ଗ ଦୃଷ୍ଟିବାଧିତ କାନରେ ଶୁଣାଇ ଦେବ। ସାମ୍ନାରେ କିଏ ଅଛି, କେଉଁ ରଙ୍ଗର ସାର୍ଟ ପିନ୍ଧିଛି, ବହିରେ କ'ଣ ଲେଖା ଯାଇଛି, କେତେ ଟଙ୍କିଆ ନୋଟ ଇତ୍ୟାଦି ସବୁକିଛି କହିବ। ସାଧାରଣ ସୁସ୍ଥ ଲୋକ ମଣିଷର ଆଖି ଯାହା ଦେଖୁଛି, ଯେମିତି ଗଣନା କରୁଛି ଠିକ୍ ସେମିତି ସବୁ କଥା ଏହି କ୍ୟାମେରା ଦେଖିବ, ଜାଣିବ ଓ ଅନାଲିସିସ୍ କରି ଭଏସ ମାଧ୍ୟମରେ କାନରେ କହିଦେବ। ଏହାକୁ ବ୍ୟବହାର କରୁଥିବା ଦିବ୍ୟାଙ୍ଗ ଦୃଷ୍ଟିବାଧିତଙ୍କ ପ୍ରଶ୍ନ ଶୁଣି ଉତ୍ତର ବି ଦେବ। ଏଭଳି ଚମତ୍କାର ଏଆଇ କ୍ୟାମେରାକୁ ବ୍ୟବହାର କରି ଦିବ୍ୟାଙ୍ଗ ଦୃଷ୍ଟିବାଧିତମାନେ ରୋଜଗାର କରିବା ସହିତ ଭାରତ ଅର୍ଥନୀତିରେ ଅଧିକ ଯୋଗଦାନ କରିପାରିବେ। ଏହି ଚଷମାକୁ ବ୍ୟବହାର କରିବା ଦ୍ୱାରା ଅଫିସରେ କମ୍ପ୍ୟୁଟର ସ୍କ୍ରିନକୁ ପଢ଼ିପାରି କାମ କରିବେ। ସରକାରୀ ଅଫିସରେ ଫାଇଲ ପଢ଼ିପାରିବେ। ପରୀକ୍ଷା ପାଇଁ ସହଜରେ ପ୍ରସ୍ତୁତ ହୋଇପାରିବେ। ତେବେ ବର୍ତ୍ତମାନ ହିନ୍ଦୀ ଏବଂ ଇଂରାଜୀ ଭାଷାରେ ଅଡିଓ ଆସିବ । ପରେ ଓଡ଼ିଆ ଭାଷାରେ ମଧ୍ୟ ଓଡ଼ିଆ ଦିବ୍ୟାଙ୍ଗ ଦୃଷ୍ଟିବାଧିତମାନେ ଶୁଣି ପାରିବେ। ଏହାଛଡ଼ା ସ୍ମାର୍ଟ ୱାଲେଟ ବି ପ୍ରଦାନ କରାଯାଇଥିଲା। ଏହା ଏକ ଆପ। ମୋବାଇଲରେ ଇନଷ୍ଟଲ୍ କରିବାକୁ ପଡେ। ଏହି ୱାଲେଟକୁ ବ୍ୟବହାର କରି ଟଙ୍କା ଅସଲି କି ନକଲି ଜାଣି ପାରିବେ ଦିବ୍ୟାଙ୍ଗ ଦୃଷ୍ଟିବାଧିତ। ଆଗକୁ ସବ୍‌ସିଡିରେ ଏହି ଉପକରଣ ମିଳିବ।




# ଆଇଇଡି ବିସ୍ଫୋରଣରେ ଗୁରୁତର ହାତୀର ମୃତ୍ୟୁ

**ରାଉରକେଲା,୧୨/୧୦ ନ୍ୟୁଜ ବ୍ୟୁରୋ**

ସରଣ୍ଡା ଜଙ୍ଗଲରେ ଗତ ୪ ଦିନ ତଳେ ଆଇଇଡି ବିସ୍ଫୋରଣରେ ଏକ ମାଈ ହାତୀ ଗୁରୁତର ହୋଇଥିଲା। ହାତୀର ବାମ ଗୋଡ଼ କ୍ଷତିଗ୍ରସ୍ତ ହୋଇଥିଲା। ମନୋହରପୁର ବନ ବିଭାଗ ଓ ପ୍ରାଣୀଧନ ଚିକିତ୍ସକ ହାତୀର ଚିକିତ୍ସା ଜାରି ରଖିଥିଲେ। ହାତୀକୁ କଦଳୀରେ ଔଷଧ ମିଶାଇ ଖାଇବାକୁ ଦିଆଯାଉଥିଲା। ବନ କର୍ମଚାରୀ ହାତୀ ଉପରେ ନଜର ରଖିଥିଲେ। ମାତ୍ର ଶନିବାର ବିଳମ୍ବିତ ରାତିରେ ହାତୀର ମୃତ୍ୟୁ ହୋଇଛି । ରବିବାର ସକାଳେ ହାତୀର ଶବ ବ୍ୟବଚ୍ଛେଦ କରାଯାଇ ସେହି ସ୍ଥାନରେ ପୋତି ଦିଆଯାଇଛି । ତେବେ ଗତ ୪ ମାସ ମଧ୍ୟରେ ଏହା ତୃତୀୟ ଘଟଣା ବୋଲି ସୂଚନା ମିଳିଛି।

# ନଦୀରେ ବୁଡ଼ିଗଲେ ୨ ନାବାଳକ ଜଣେ ଉଦ୍ଧାର, ଜଣେ ନିଖୋଜ

**କଟକ,୧୨/୧୦ ନ୍ୟୁଜ ବ୍ୟୁରୋ**

ସିଡୁଆ ନଦୀରେ ଗାଧୋଇବା ବେଳେ ୨ଜଣ ନାବାଳକ ବୁଡ଼ି ଯାଇଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ନିଖୋଜ ରହିଥିବା ବେଳେ ଜଣଙ୍କୁ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରିଛନ୍ତି। ତାଙ୍କୁ ଏସସିବିରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସୂଚନା ମୁତାବକ, ରବିବାର ବୟାଳିଶମୌଜା ଅଞ୍ଚଳର ଦୁଇ ନାବାଳକ ଦିନ ୧୨ଟାରେ ସିଡୁଆ ନଦୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଅସାବଧାନତା ଯୋଗୁଁ ଜଣେ ନାବଳକ ବୁଡି ଯାଇଥିଲେ । ତାଙ୍କୁ ବଞ୍ଚାଇବା ପାଇଁ ଯାଇ ଅନ୍ୟ ଜଣେ ବି ବୁଡି ଯାଇଥିଲେ । ଉଭୟଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକମାନେ ବଞ୍ଚାଇବା ପାଇଁ ଚେଷ୍ଟା କରିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ନଦୀ ନିକଟରେ ପହଞ୍ଚି ଜଣଙ୍କୁ ଉଦ୍ଧାର କରି ଏସସିବିରେ ଭର୍ତ୍ତି କରିଛନ୍ତି। ଅନ୍ୟଜଣେ ନାବାଳକ ଏବେ ବି ନିଖୋଜ ରହିଛନ୍ତି । ଅଗ୍ନିଶମ ବାହିନୀ ତାଙ୍କୁ ଖୋଜାଖୋଜି କରୁଛି ।

# ରେଳ ନିୟମ ମାନୁନାହାନ୍ତି ଅମାନିଆ, ଦୁଇ ବର୍ଷରେ ବନ୍ଧା ହେଲେଣି ୧୩୯

**ବ୍ରହ୍ମପୁର, ୧୨/୧୦ ନ୍ୟୁଜ ବ୍ୟୁରୋ**




ନିୟମ ମାନୁନାହାନ୍ତି ଅମାନିଆ । ରେଳ ଫାଟକ ପଡିଥିବା ସମୟରେ ରେଳଧାରଣା ପାର କରିବାକୁ ମନା କରାଯାଏ । ଜୀବନ ପ୍ରତି ବିପଦ ଥାଏ । ତଥାପି ନିୟମ ମାନୁନାହାନ୍ତି ଅମାନିଆ । ତେଣୁ ରେଳବାଇ ଲେଭଲ କ୍ରସିଂରେ ସୁରକ୍ଷା ମାନଦଣ୍ଡ ଉଲ୍ଲଂଘନ ମାମଲା ବୃଦ୍ଧି ପାଇବାରେ ଲାଗିଛି । ଗତ ଦୁଇ ବର୍ଷରେ ଏଭଳି ମାମଲା ବୃଦ୍ଧି ପାଇବା ସହିତ ପ୍ରାୟ ଅଦ୍ୟାବଧି ରୁଜୁ ହୋଇଥିବା ୧୭୭ ମାମଲାରେ ଗିରଫ ହୋଇଛନ୍ତି ୧୩୯ ଜଣ । ଯାହାକୁ ନେଇ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଲେଭଲ୍ କ୍ରସିଂ (ଏଲ୍ସି) ଗେଟ୍ ଉଲ୍ଲଂଘନ ଏବଂ ସଡ଼କଯାନ ଦ୍ୱାରା ଗେଟ୍ ଭାଙ୍ଗିବା ଭଳି ଘଟଣା ବୃଦ୍ଧି ପାଇବା ନେଇ ଗମ୍ଭୀର ଚିନ୍ତା ପ୍ରକାଶ କରିଛି । ଯାହା କେବଳ ଜୀବନକୁ ବିପଦରେ ପକାଏ ନାହିଁ ବରଂ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳରେ ଟ୍ରେନ ସେବାରେ ବାଧା ଏବଂ ବିଳମ୍ବ ସୃଷ୍ଟି କରୁଛି। ଏପରିକି ଲେଭଲ୍ କ୍ରସିଂରେ ଅସାବଧାନତାପୂର୍ଣ୍ଣ ଗାଡ଼ିଚାଳନା ଟ୍ରେନର ସମୟାନୁବର୍ତ୍ତିତାକୁ ପ୍ରଭାବିତ କରୁଛି। ରେଳବାଇ ଜନସାଧାରଣଙ୍କ ସହଯୋଗକୁ ଆହ୍ୱାନ କରିବା ସହିତ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ସୁରକ୍ଷିତ ଏବଂ ଦାୟିତ୍ୱପୂର୍ଣ୍ଣ ଆଚରଣ ପାଇଁ ଏବଂ ରେଳବାଇ ଲେଭଲ୍ କ୍ରସିଂରେ ସୁରକ୍ଷା ମାନଦଣ୍ଡ ପାଳନ କରିବାକୁ ନିବେଦନ କରାଯାଇଛି । ମୁଖ୍ୟତଃ ରେଳ ଫାଟକ ବନ୍ଦ ହେବା ପରେ କିମ୍ବା ବନ୍ଦ ହେଉଥିବା ସମୟରେ ଅନେକ କ୍ଷେତ୍ରରେ ଫାଟକ ବନ୍ଦ ହେବା ପରେ କିମ୍ବା ବନ୍ଦ ହେଉଥିବା ସମୟରେ ମଧ୍ୟ ସଡ଼କ ବ୍ୟବହାରକାରୀମାନେ ଜୋର ଜବରଦସ୍ତି ରେଳଫାଟକ ଗେଟ୍ ପାର କରିବାକୁ ଚେଷ୍ଟା କରନ୍ତି । ଯାହା ଫଳରେ ରେଳ ବିଭାଗର ବୁମ୍ ବାରିୟର ଏବଂ ସିଗନାଲ କ୍ଷତି ହୋଇଥାଏ । ଏପରି ଏହି ଦାୟିତ୍ୱହୀନ ଆଚରଣ ଟ୍ରେନ ଚଳାଚଳର ସମୟାନୁବର୍ତ୍ତିତାକୁ କ୍ଷତି ପହଞ୍ଚାଉଥିବା ବେଳେ ଟ୍ରେନ ପରିଚାଳନାରେ ବାଧା ଏବଂ ଧନ ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ । ରେଳ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ, ଗତ ୨୦୨୪ ମସିହାର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅଧୀନରେ ଲେଭଲ୍ କ୍ରସିଂ ଗେଟ୍ ଭାଙ୍ଗିବାର ମୋଟ ୧୧୩ ଗୋଟି ଘଟଣାର ରିପୋର୍ଟ କରାଯାଇଥିଲା ଯାହା ମଧ୍ୟରୁ ୯୨ ଜଣଙ୍କୁ ଗିରଫ କରାଯାଇଥିଲା । ସେହିପରି ୨୦୨୪ ମସିହାରେ (ଅକ୍ଟୋବର ୮ ତାରିଖ)ମୋଟ ୮୮ଗୋଟି ଏପରି ଘଟଣାର ରିପୋର୍ଟ କରାଯାଇଥିଲା। ୭୨ ଜଣଙ୍କୁ ଗିରଫ କରାଯାଇଛି। ୨୦୨୫ ମସିହାରେ (ଅକ୍ଟୋବର ୮ ତାରିଖ )ସୁଦ୍ଧା ମୋଟ ୬୪ ଗୋଟି ଲେଭଲ୍ କ୍ରସିଂ ଗେଟ୍ ଭାଙ୍ଗିବା ଘଟଣା ରେକର୍ଡ କରାଯାଇଛି। ଏପର୍ଯ୍ୟନ୍ତ ୪୭ ଜଣଙ୍କୁ ଗିରଫ କରାଯାଇଛି। ଏପରିକି ଚଳିତ ୨୦୨୫ ମସିହାରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ବିଭିନ୍ନ ଅଞ୍ଚଳରେ ଏଲ୍ସି ଗେଟ୍ ଭାଙ୍ଗିବା ଘଟଣାକୁ ଦେଖିଲେ ସେଥିରୁ କେବଳ ବ୍ରହ୍ମପୁର ଅଞ୍ଚଳରେ ୮ଟି ଘଟଣା ଘଟିଥିବା ବେଳେ ଭୁବନେଶ୍ୱର ଅଞ୍ଚଳରେ ୧୧ଟି ଘଟଣା ରିପୋର୍ଟ ହୋଇଥିଲା । ସେହିପରି ପୁରୀ, ଭଦ୍ରକ ଏବଂ ଯାଜପୁର କେନ୍ଦୁଝର ରୋଡ୍ ଅଞ୍ଚଳର ପ୍ରତ୍ୟେକ ୭ଟି ଘଟଣା, କଟକ ଅଞ୍ଚଳରେ ୬ଟି ଘଟଣା, ପଲାସା ଏବଂ ଖୋର୍ଦ୍ଧା ରୋଡ୍ ଅଞ୍ଚଳରେ ପ୍ରତ୍ୟେକ ୫ଟି ଘଟଣା ରିପୋର୍ଟ କରାଯାଇଛି । ଅନ୍ୟପଟେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ନିରାପତ୍ତା ବିଭାଗ ଏବଂ ରେଳବାଇ ସୁରକ୍ଷା ବଳ (ଆରପିଏଫ) କର୍ମଚାରୀଙ୍କ ଦ୍ୱାରା ପରିଚାଳିତ କ୍ରମାଗତ ସଚେତନତା ଅଭିଯାନ ଜାରି ରହିଛି । ଏହା ସହ ଲେଭଲ୍ କ୍ରସିଂରେ ସଡ଼କ ବ୍ୟବହାରକାରୀଙ୍କ ନିରନ୍ତର ପରାମର୍ଶ ପରେ ମଧ୍ୟ ନିୟମ ଉଲ୍ଲଂଘନକାରୀଙ୍କ ଦ୍ୱାରା ଏପରି ଘଟଣା ଜାରି ରହିଛି । ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ପ୍ରଶାସନ ପୁଣି ଥରେ ଜନସାଧାରଣଙ୍କୁ ଲେଭଲ୍ କ୍ରସିଂ ନିକଟକୁ ଯିବା ସମୟରେ ସତର୍କତା ଅବଲମ୍ବନ କରିବା ସହ ରେଳବାଇକୁ ସହଯୋଗ କରିବାକୁ ଅନୁରୋଧ କରୁଛି । ଗତିଶୀଳ ଟ୍ରେନ ବ୍ରେକ ଲଗାଇବା ପରେ ମଧ୍ୟ ତୁରନ୍ତ ଅଟକି ରହିପାରିନଥାଏ। କାରଣ ଏହାର ଗତି ଏବଂ ଲୋଡ୍ ଉପରେ ନିର୍ଭର କରି ଏକ ନିର୍ଦ୍ଦିଷ୍ଟ ଦୂରତାରେ ଅଟକିବା ଆବଶ୍ୟକ ହୋଇଥାଏ । ତେଣୁ ବନ୍ଦ ଥିବା କିମ୍ବା ବନ୍ଦ କରାଯାଉଥିବା ଲେଭଲ୍ କ୍ରସିଂ ଗେଟ୍ ଅତିକ୍ରମ କରିବାର ଯେ କୌଣସି ପ୍ରୟାସ ବିପର୍ଯ୍ୟୟକୁ ନିମନ୍ତ୍ରଣ କରିଥାଏ। ଏପରି ବେପରୁଆ କାର୍ଯ୍ୟ କେବଳ ଉଲ୍ଲଂଘନକାରୀ ଏବଂ ଯାତ୍ରୀଙ୍କ ଜୀବନକୁ ବିପଦରେ ପକାଇନଥାଏ ବରଂ ରେଳ ସମ୍ପତ୍ତିକୁ କ୍ଷତି ପହଞ୍ଚାଇଥାଏ । ଯାହାଦ୍ୱାରା ଟ୍ରେନ ଚଳାଚଳରେ ବିଳମ୍ବ କରିଥାଏ ଓ ଯାତ୍ରୀ ଏବଂ ପଣ୍ୟବାହୀ ଟ୍ରେନ ଗୁଡ଼ିକର ସମୟାନୁବର୍ତ୍ତିତାକୁ ପ୍ରଭାବିତ କରିଥାଏ । ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ରେଳ ଆଇନର ବ୍ୟବସ୍ଥା ଅନୁଯାୟୀ ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଜନସାଧାରଣଙ୍କୁ ସୁରକ୍ଷା ବିଷୟରେ ଶିକ୍ଷା ଦେବା ପାଇଁ ସମ୍ବେଦନଶୀଳ ଲେଭଲ୍ କ୍ରସିଂ ଫାଟକରେ ନିରନ୍ତର ସଚେତନତା ଅଭିଯାନ ଏବଂ ପରାମର୍ଶ କାର୍ଯ୍ୟକ୍ରମ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ପକ୍ଷରୁ ଆୟୋଜନ କରାଯାଉଛି । ରେଳ ସୁରକ୍ଷା ବଳ ଏବଂ ସ୍ଥାନୀୟ ପ୍ରଶାସନ ଏହିପରି ଉଲ୍ଲଂଘନକୁ ବନ୍ଦ କରାଇବା ଏବଂ ସୁଗମ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବା ପାଇଁ ସମନ୍ୱୟ ସହ କାର୍ଯ୍ୟ କରୁଥିବା କୁହାଯାଇଛି। ପୂର୍ବତଟ ରେଳପଥ ପୁଣି ଥରେ ସମସ୍ତ ନାଗରିକଙ୍କୁ ରେଳ ସୁରକ୍ଷା ନିୟମ ପାଳନ କରିବାକୁ, ଲେଭଲ୍ କ୍ରସିଂରେ ଦାୟିତ୍ୱପୂର୍ଣ୍ଣ ଭାବରେ କାର୍ଯ୍ୟ କରିବାକୁ ଏବଂ ନିରାପଦ, ସମୟାନୁବର୍ତ୍ତୀ ଏବଂ ଦକ୍ଷ ଟ୍ରେନ ସେବା ବଜାୟ ରଖିବାରେ ସାହାଯ୍ୟ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଛି। ବ୍ରହ୍ମପୁର ସହରରେ ନିୟମିତ ଭାବରେ ରେଳ ଫାଟକ ଅତିକ୍ରମ କରି ଯାଉଥିବା ଛାତ୍ର ସୁବ୍ରତ ଦଳେଇ କୁହନ୍ତି, 'ଯେତେବେଳେ ଶିକ୍ଷାନୁଷ୍ଠାନକୁ ଯାଇଥାନ୍ତି ସେହି ସମୟରେ ଅନେକ ରେଳ ଫାଟକ ପଡିଥିବା ସମୟରେ ରହିଥିବା ନିୟମକୁ ନମାନି ଯାତାୟାତ କରୁଥିବା ଦେଖିବାକୁ ମିଳିଥାଏ। ମୁଖ୍ୟତଃ ସମସ୍ତେ ଟ୍ରେନର ହର୍ଣ୍ଣକୁ ଶୁଣି ରେଳଧାରଣା ପାର ହେବା ବେଳେ ସତର୍କତା ହେବା କଥା । ଜଣେ ବିଦ୍ୟାର୍ଥୀ ଭାବରେ ଆମେ ଟ୍ରେନ ଫାଟକ ଗେଟ୍ ପଡିଲେ ରହିଯାଇଥାଉ। ଏପରିକି କିଏ ଯାଉଥିଲେ ଆମେ ସେହି ସମୟରେ ଅଟକି ରହିବାକୁ ପରାମର୍ଶ ଦେଇଥାଉ ।' ସେହିପରି ଅନ୍ୟ ଜଣେ ଛାତ୍ରୀ ମଧ୍ୟ କହିଛନ୍ତି, 'ରେଳ ଫାଟକର ରହିଥିବା ନିୟମକୁ ଅନେକ ମାନିନଥାନ୍ତି । ହେଲେ ପରିବାର ପକ୍ଷରୁ ଆମକୁ ବାରମ୍ବାର ପରାମର୍ଶ ଦିଆଯାଉଛି ରେଳବାଇ ଲେଭଲ କ୍ରସିଂ ପାର ହେବା ସମୟରେ ସାବଧାନତା ଗ୍ରହଣ କରିବା ପାଇଁ । ତେଣୁ ଆମେ ଯାତାୟାତ ସମୟରେ ଅନେକ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିଥାଉ।'

# ପୁଲିସ୍‌ର ଚଢଉ : ଲକ୍ଷାଧିକ ଟଙ୍କାର ବାଣ ଜବତ

**ଖୋର୍ଦ୍ଧା,୧୨/୧୦ ନ୍ୟୁଜ ବ୍ୟୁରୋ**

ଆଗକୁ ଆସୁଛି ଆଲୋକର ପର୍ବ ଦୀପାବଳି। ଗାଁ ଠାରୁ ସହର ସବୁଠି ଦୀପାବଳିକୁ ଉତ୍ସାହ ସହ ପାଳନ କରିବାକୁ ଅପେକ୍ଷା କରିଛନ୍ତି । ଆଲୋକର ପର୍ବରେ ବାଣଫୁଟାଇବାର ରହିଛି ସ୍ୱତନ୍ତ୍ର ପ୍ରଥା । କିନ୍ତୁ ବାଣ ଫୁଟିବା ଦ୍ୱାରା ବାୟୁମଣ୍ଡଳ ପ୍ରଦୂଷଣ ହୋଇଥାଏ । ଏଥିରେ ରୋକ୍ ଲଗାଇବା ପାଇଁ ଗାଁ ଗାଁରେ ବାଣ ତିଆରି କୁଟୀର ଶିଳ୍ପ ପାଲଟିଥିବା ସ୍ଥାନମାନଙ୍କରେ ପୁଲିସ ପକ୍ଷରୁ ରିତିମତ ଚଢଉ ଜାରି ରହିଛି । ଶନିବାର ବିଳମ୍ବିତ ରାତ୍ରିରେ ବାଘମାରୀ ପୋଲିସ ପକ୍ଷରୁ ବାଘମାରୀ ଥାନା ଅନ୍ତର୍ଗତ ଲେଖନପୁର ଗ୍ରାମରେ ଚଢଉ କରାଯାଇଥିଲା । ଲକ୍ଷାଧିକ ଟଙ୍କାର ହାତ ତିଆରି ବାଣ ଜବତ କରାଯାଇଥିବା ଜଣାପଡିଛି । ଜବତ ବାଣ ଗୁଡିକୁ ଆଇନ ଅନୁଯାୟୀ ନଷ୍ଟ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି । ଦୀପାବଳି ପୂର୍ବରୁ ବାଣ କାରବାର ଉପରେ ରୋକ୍ ଲଗାଇବା ପାଇଁ ଜିଲ୍ଲା ପୁଲିସର ପ୍ରୟାସ କେତେ ସଫଳ ହେଉଛି ତାହା ଦେଖିବାକୁ ବାକି ରହିଲା।

